# ୯୦ ବର୍ଷର ବାଣିଦା ପ୍ରାଥମିକ ବିଦ୍ୟାଳୟ ଦୟନୀୟ

ଜଳେଶ୍ୱର, ୧୮।୧୨ (ସମିସ)



ଜଳେଶ୍ୱର ବ୍ଲକ ଅନ୍ତର୍ଗତ ସର୍ବ ବୃହତ୍ ଜନବହୁଳ ଗ୍ରାମ ବାଣିଦାରେ ୧୯୩୫ ମସିହାରେ ଆରମ୍ଭ ହୋଇଥିଲା ଏକ ପ୍ରାଥମିକ ବିଦ୍ୟାଳୟ। କିନ୍ତୁ ଏବେ ବିଦ୍ୟାଳୟର ଦୁରବସ୍ଥା ଅବର୍ଣ୍ଣନୀୟ ହୋଇଥିବା ବେଳେ ଚାରିପଟେ ପାଚେରୀ ନ ଥିବା ବେଳେ ଛାତ୍ରଛାତ୍ରୀ, ଅଭିଭାବକ ଓ ଶିକ୍ଷକ ଶିକ୍ଷୟିତ୍ରୀ ଅସୁରକ୍ଷିତ ମଣୁଛନ୍ତି। ୪ଟି ଶ୍ରେଣୀଗୃହ ବିପଦ ସଂକୁଳ ଅବସ୍ଥାରେ ଥିବା ବେଳେ ଏ ସଂପର୍କରେ ଗ୍ରାମବାସୀଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରା ଯାଇଥିଲା। କିନ୍ତୁ ୩ ମାସ ଧରି ବିଦ୍ୟାଳୟର କୌଣସି ମରାମତି କିମ୍ବା ନବୀକରଣ ହୋଇ ନ ଥିବା ବେଳେ ଶିକ୍ଷା ବିଭାଗ, ପଞ୍ଚାୟତ ରାଜ ବିଭାଗ ଓ ଜିଲ୍ଲା ପ୍ରଶାସନ ମଧ୍ୟରେ ଚାଲିଛି ଫାଇଲ ଚାଷ।

୯୦ ବର୍ଷ ପୂର୍ବେ ଗାଁରେ ଏହି ପ୍ରାଥମିକ ବିଦ୍ୟାଳୟ ଖୋଲା ଯାଇଥିବା ବେଳେ ୧୯୯୭ ମସିହାରେ ଏହାକୁ ଉନ୍ନୀତ ମଧ୍ୟ ଇଂରାଜୀ ବିଦ୍ୟାଳୟରେ ପରିଣତ କରା ଯାଇଥିଲା। ପରେ ଶ୍ରୀ ଅରବିନ୍ଦଙ୍କ ନାମରେ ବିଦ୍ୟାଳୟର ନାଁ ଶ୍ରୀ ଅରବିନ୍ଦ ସରକାରୀ ନୋଡାଲବିଦ୍ୟାଳୟରେ ପରିଣତ ହୋଇଥିବା ଜଣାଯାଇଛି। ଏବେ ବିଦ୍ୟାଳୟରେ ୨୦୧ ଜଣ ଛାତ୍ରଛାତ୍ରୀ ଶିକ୍ଷାଲାଭ କରୁଥିବା ବେଳେ ପ୍ରଥମରୁ ଅଷ୍ଟମ ଯାଏ ଶ୍ରେଣୀ କାର୍ଯ୍ୟ ଚାଲିଛି। ୯ ଜଣ ଶିକ୍ଷକ ଶିକ୍ଷାଦାନରେ ନିୟୁକ୍ତ ଥିବା ବେଳେ ୮ ଟି ଶ୍ରେଣୀ ଗୃହ ମଧ୍ୟରୁ ୪ ଟି ପୁରୁଣା ହୋଇଥିଲେ ମଧ୍ୟ ଛାତ ଭାଙ୍ଗି ଗଲାଣି। ଏ ସଂପର୍କରେ ପରିଚାଳନା କମିଟି ଓ ବିଦ୍ୟାଳୟ ପକ୍ଷରୁ ବାରମ୍ବାର କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇ ଆସୁଛି। ମରାମତି

**● ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କଲେ ଗ୍ରାମବାସୀ**

ହେଉ ନ ଥିବାରୁ ଏ ସମ୍ପର୍କରେ ଗ୍ରାମର ପ୍ରଶାନ ବାରିକ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣି ନଂ ୨୦୨୪୨୫୩୨୬୦୧ ତା- ୧୮/୯/୨୦୨୪ ରିଖରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ରୁ ଜିଲ୍ଲାପାଳଙ୍କୁ ଅବଗତ କରା ଯାଇଥିଲା। ଜିଲ୍ଲାପାଳଙ୍କ ପକ୍ଷରୁ ଉପ ଜିଲାପାଳ, ମଣ୍ଡଳ ଶିକ୍ଷା ଧିକାରୀଙ୍କୁ ଚିଠି ନମ୍ବର ୧୬୦୫୦ ତା- ୨୧/୧୧/୨୦୨୪ ରିଖରେ ଜଣାଇ ଦିଆ ଯାଇଥିଲା। ଏଥିରେ ପଞ୍ଚାୟତ ରାଜ ବିଭାଗ ପକ୍ଷରୁ ବିଦ୍ୟାଳୟର ମରାମତି ପାଇଁ ପ୍ରଧାନ ଶିକ୍ଷକଙ୍କୁ ଅଟକଳ କରିବାକୁ ଚିଠି ଦିଆ ଯାଇଥିବା ସଂପର୍କରେ ଜିଲ୍ଲା ଶିକ୍ଷା ଅଧିକାରୀ ଜଣାଇଥିଲେ। ଏ ସମ୍ପର୍କରେ ଆଜି ପ୍ରଧାନ ଶିକ୍ଷୟିତ୍ରୀ ସୁକାନ୍ତି କରଙ୍କ ମତାମତ ଲୋଡି ବାରୁ ସେ କହିଲେ ଏ ସମ୍ପର୍କରେ ସବିଶେଷ ତଥ୍ୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇ ଦିଆଯାଇଛି। ପାଚେରୀ ଓ ଗୃହ ମରାମତି କରା ଯାଉ ନ ଥିବାରୁ ଅଭିଭାବକ ମହଲରେ ଅସନ୍ତୋଷ ବଢ଼ିଛି। ବ୍ଲକ ଅଧ୍ୟକ୍ଷ ମାନସ ଜେନାଙ୍କୁ ପଚାରିବାରୁ ମରାମତି ଲାଗି ମିଳିଥିବା ୧.୫ ଲକ୍ଷ ଟଙ୍କା ବିଦ୍ୟାଳୟକର୍ତ୍ତୃପକ୍ଷ ନେଇ ନ ଥିବା ବେଳେ ଆମ ଓଡ଼ିଶା-ନବୀନ ଓଡ଼ିଶାରେ ୫ ଲକ୍ଷ ଟଙ୍କା ତାଙ୍କୁ ମିଳି ପାରିନାହିଁ। ଅତିଶୀଘ୍ର ବିଦ୍ୟାଳୟର ଦୁରବସ୍ଥା ସୁଧାରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ସନ୍ତୋଷପୁର ପଞ୍ଚାୟତ କାର୍ଯ୍ୟାଳୟରୁ ଚୋରି

ରାଜଘାଟ, ୧୮।୧୨ (ସମିସ): ବସ୍ତା ଥାନା ଅଧୀନସ୍ଥ ଅମର୍ଦ୍ଦାରୋଡ ଫାଣ୍ଡି ଅନ୍ତର୍ଗତ ସନ୍ତୋଷପୁର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରୁ ସୋମବାର ବିଳମ୍ବିତ ରାତିରେ ଚୋରି ହୋଇଯାଇଛି। ଦୁର୍ବୃତ୍ତମାନେ କାର୍ଯ୍ୟାଳୟର ମୁଖ୍ୟ ଦ୍ୱାର ଓ କମ୍ପ୍ୟୁଟର ଗୃହର ତାଲା ଭାଙ୍ଗି କମ୍ପ୍ୟୁଟର ଏଲସିଡି ଟିଭି, ପ୍ରିଣ୍ଟର, ମନିଟର, ଚେଆର ଓ ଜରୁରୀ ଫାଇଲକୁ ଚୋରି କରିନେଇ ଚମ୍ପଟ ମାରିଛନ୍ତି। ମଙ୍ଗଳବାର ସକାଳ ସମୟରେ ପଞ୍ଚାୟତ କାର୍ଯ୍ୟାଳୟର ମୁଖ୍ୟ ଫାଟକ, କମ୍ପ୍ୟୁଟର ଗୃହ ଖୋଲାଥିବା ଓ ତାଲା ଭାଙ୍ଗି ତଳେ ପଡ଼ିଥିଲା। ସକାଳେ ସ୍ଥାନୀୟ ଅଞ୍ଚଳର କିଛି ଲୋକେ ପହଞ୍ଚି ଚୋରି ସମ୍ପର୍କରେ ଜାଣିବାକୁ ପାଇ ସରପଞ୍ଚଙ୍କୁ ଜଣାଇଥିଲେ। ଘଟଣା ସମ୍ପର୍କରେ ସରପଞ୍ଚ ସଂଗ୍ରାମ କୁମାର ଦାସମହାପାତ୍ର ଅମର୍ଦ୍ଦାରୋଡ ଫାଣ୍ଡିରେ ଲିଖି ଅଭିଯୋଗ କରିବା ପରେ ଏସ ଆଇ ସନ୍ଦୀପ କୁମାର କୁଜୁର ଘଟଣା ସ୍ଥଳରେ ସଦଳବଳେ ପହଞ୍ଚି ଛାନଭିନ୍ ଜାରି ରଖିଥିଲେ।

## ଶାଗୁଆନ କାଠ ଚୋରାଚାଲାଣ, ଗାଡ଼ି ଜବତ

ବାଲେଶ୍ୱର(ଉତ୍ତର), ୧୮।୧୨(ସମିସ): ଓଡ଼ିଶାରୁ ପଶ୍ଚିମବଙ୍ଗକୁ ଶାଗୁଆନ କାଠ ଚୋରା ଚାଲାଣ ହେଉଥିଲା ବେଳେ ଭୋଗରାଇ ବ୍ଲକ ଥାନାଛକ ଠାରେ ଗାଡ଼ି ଟିକୁ ଆଜି ଜବତ କରିଛି ଉଦୟପୁର ବନବିଭାଗ। ତେବେ ଗାଡ଼ିର ଚାଳକ ଫେରାର ହୋଇଯାଇଥିବା ଜଣାପଡ଼ିଛି। କାଠର ଆନୁମାନିକ ମୂଲ୍ୟ ୫୦ ହଜାର ବୋଲି ଜଣାପଡ଼ିଛି। ବାଲିଆପାଳ ଅଞ୍ଚଳରୁ ପ୍ରତ୍ୟେକ ଦିନ ଚୋରା କାଠ ବୋଝେଇ ଗାଡ଼ି ଭୋଗରାଇ ବ୍ଲକ ୫୭ ନମ୍ବର ରାଜ୍ୟ ରାଜପଥ ଦେଇ ପଶ୍ଚିମବଙ୍ଗକୁ ଚୋରା ଚାଲାଣ ହେଉଛି। ବନବିଭାଗର ପାଟ୍ରୋଲିଂ ଚାଲିଥିଲା ବେଳେ ଏହି ପିକଅପ ଭର୍ତ୍ତି ଶାଗୁଆନ କାଠ ଜବତ କରିବାରେ ସଫଳ ହୋଇଥିଲା। ବନ ବିଭାଗର ଗାଡ଼ିକୁ ଦେଖି ପିକଅପ ଭ୍ୟାନର ଚାଳକ ଗାଡ଼ି ଛାଡି ଫେରାଇ ହୋଇଯାଇଥିଲା। କାଠ ବୋଝେଇ ଗାଡିଟିକୁ ଉଦୟପୁର ସ୍ଥିତ କାର୍ଯ୍ୟାଳୟ ରେ ରଖାଯାଇ ବନବିଭାଗ ପକ୍ଷରୁ ଅଧିକ ତଦନ୍ତ କରାଯାଉଥିବା ସୂଚନା ମିଳିଛି। ତେବେ ଜବତ କାଠର ଆନୁମାନିକ ମୂଲ୍ୟ ୫୦ ହଜାରରୁ ଅଧିକ ହେବ ବୋଲି ବନପାଳ ସଞ୍ଜୟ ମହାନ୍ତି କହିଛନ୍ତି।

## ଜାଲ୍ ପ୍ରମାଣପତ୍ରରେ ସରକାରୀ ଚାକିରି ହାତେଇଥିବା ଅଭିଯୋଗ

ରାଇବଣିଆ, ୧୮।୧୨ (ସମିସ): ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକର ମହମ୍ମଦ ନଗର ପାଟଣା ଗ୍ରାମ ପଞ୍ଚାୟତର ପ୍ରହ୍ଲାଦ ମଣ୍ଡଳଙ୍କ ଝିଅ ବିଷ୍ଣୁପ୍ରିୟା ମଣ୍ଡଳ ୨୦୧୮ ମସିହାରେ ନିଜ ଜେଜେ ବାପାଙ୍କ ନାମରେ ଥିବା କେଶୁରୀୟା ସାଧାରଣ ବର୍ଗର ପଟ୍ଟା ପ୍ରଦାନ ନ କରି ଅନ୍ୟ ବଂଶଧର ଲୋକକୁ ଜେଜେ ବାପା ଦର୍ଶାଇ ଜାଲି ପ୍ରମାଣ ପତ୍ର ଦେଇ ଅନୁସୂଚିତ ଜାତି ଦର୍ଶାଇ ସିଟି ପାଠ ପଢ଼ିବା ସହିତ ପରେ ସରକାରୀ ଶିକ୍ଷୟିତ୍ରୀ ଭାବେ ଭୋଗରାଇ ବ୍ଲକର କାଉଁବଣୀ ପ୍ରାଥମିକ ବିଦ୍ୟାଳୟରେ ନିଯୁକ୍ତି ପାଇଛନ୍ତି। ସେ ୬ବର୍ଷ ଧରି ଶିକ୍ଷକତା କରି ଆସୁ ଅଛନ୍ତି। ଏ ନେଇ ଜଳେଶ୍ୱର ବ୍ଲକ ପରିସରରେ ଚାଲିଥିବା ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନ ଶୁଣାଣିରେ ରଞ୍ଜନ କୁମାର ମାଝୀ ନାମକ ବ୍ୟକ୍ତି ଲିଖିତ ଅଭିଯୋଗ କରିବା ପରେ ବାଲେଶ୍ୱର ଜିଲ୍ଲାପାଳ ଉପଜିଲ୍ଲାପାଳଙ୍କୁ ତଦନ୍ତ କରି ରିପୋର୍ଟ ଦେବାକୁ କହିଥିଲେ। ଜଳେଶ୍ୱର ତହସିଲଦାର ଓ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଆସୁଥିବା ହରନାରାୟଣ ଦାସ ମିଳିତ ଭାବେ ବିଷ୍ଣୁ ପ୍ରିୟା ମଣ୍ଡଳଙ୍କ ଜାତିଗତ ପ୍ରମାଣ ପତ୍ର ସହିତ ବାପା ଜେଜେ ବାପାଙ୍କ ମୂଳ ପଟ୍ଟା ଯାଞ୍ଚ କରିଛନ୍ତି।

## ଗୋଚର ଜମିରେ ବେଆଇନ ନିର୍ମାଣ

ରାଇବଣିଆ, ୧୮।୧୨(ସମିସ): ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ ଖୁଆଡ ଗ୍ରାମ ପଞ୍ଚାୟତର ମହୁଡୁମାରେ ଗ୍ରାମର ଅବସ୍ଥିତି ରହିଥିବା ୧୯ ଏକର ଗୋଚର ଜମି ଏବେ ଜବର ଦଖଲକାରୀଙ୍କ କବଜାରେ ଓ ନିର୍ମାଣ ଚାଲିଛି ବଡ ବଡ ଗୋଠ। ସେହିପରି ଶ୍ୟାମନଗର ଗ୍ରାମ ପଞ୍ଚାୟତର କୁଶଗଡ଼ ଗ୍ରାମର ବେଆଇନ୍ ଭାବେ ଗ୍ରାମ୍ୟ ଜଙ୍ଗଲ ଜମିକୁ ଲାଗି ରହିଥିବା ଗୋଚର ଜମିକୁ ଜବରଦଖଲ କାରୀ ବେଆଇନ୍ ଭାବେ କୁକୁଡା ଫାର୍ମ ନିର୍ମାଣ କରିବା ବାବଦରେ ଅଭିଯୋଗକାରୀ ପୂର୍ବରୁ ସେମାନେ ସେମାନଙ୍କର

**● ସୁରକ୍ଷା ମାଗିଲେ ଅଭିଯୋଗକାରୀ**

ଅଭିଯୋଗ ପତ୍ର ତହସିଲ ଠାରୁ ଆରମ୍ଭ କରି ଜିଲାପାଳ ଓ ମୁଖ୍ୟମନ୍ତ୍ରୀ ପର୍ଯ୍ୟନ୍ତ ସମସ୍ତଙ୍କୁ ଜଣାଇ ଥିଲେ। ହେଲେ ଆଜି ପର୍ଯ୍ୟନ୍ତ ଉକ୍ତ ଗୋଚର ଜମିକୁ ଜବରଦଖଲ ଉଚ୍ଛେଦ ପାଇଁ ପଦକ୍ଷେପ ଗ୍ରହଣ ନ କରିବା ହେତୁ ଆସନ୍ତା ୨୩ ତାରିଖରୁ ଜଳେଶ୍ୱର ତହସିଲ କାର୍ଯ୍ୟାଳୟ ପରିସରରେ ଆମରଣ ଅନଶନରେ ବସିବାକୁ ଥିବା ମହୁଡୁମା ଗ୍ରାମର ଅନନ୍ତ ଦାସ ଓ କୁଶୁଗର୍ଡ଼ ଗ୍ରାମର ଶଙ୍କର ହେମ୍ବ୍ରମ୍ ଲିଖିତ ଅଭିଯୋଗ ଦେଇଥିଲେ। ସେମାନଙ୍କୁ ବିଭିନ୍ନ ପ୍ରକାର ଚାପ ପ୍ରୟୋଗ କରିବା ସହିତ ଆଗକୁ ସେମାନଙ୍କ ଜୀବନ ସହିତ ତାଙ୍କ ପରିବାର ଜୀବନ ବିପଦ ସଙ୍କୁଳ ଥିବା ଦର୍ଶାଇ ରାଇବଣିଆ ପୁଲିସ ପକ୍ଷରୁ ସୁରକ୍ଷା ଯୋଗାଇ ଦେବା ପାଇଁ ନିବେଦନ କରିଛନ୍ତି।

## ପଥୁରିଆ ଗାଁ ରାସ୍ତା ଆଲୋକୀକରଣ ଦାବି

ବାଲେଶ୍ୱର (ଉତ୍ତର), ୧୮।୧୨(ସମିସ): ଭୋଗରାଇ ବ୍ଲକ ଅନ୍ତର୍ଗତ ସିଆଁରୋଇ ଗ୍ରାମପଞ୍ଚାୟତ ଅଧୀନ ପଥୁରିଆ ଗ୍ରାମ ରାସ୍ତାରେ ଆଲୋକୀକରଣ କରିବାକୁ ଗ୍ରାମବାସୀ ମାନଙ୍କ ପକ୍ଷରୁ ଦାବି ହୋଇଛି। ପ୍ରକାଶ ଯେ ଉକ୍ତ ଗ୍ରାମଟି ପଶ୍ଚିମବଙ୍ଗ ସୀମା ରେ ହୋଇଥିବା ବେଳେ ଏଠାରେ ରାତିହେଲେ ଗାଁ ରାସ୍ତାଟି ଅନ୍ଧାରିଆ ଓ ନିଛାଟିଆ ହୋଇଯାଏ। ଫଳରେ ବିଭିନ୍ନ ଅସାମାଜିକ ବ୍ୟକ୍ତିଙ୍କ କାର୍ଯ୍ୟକଳାପ ବୃଦ୍ଧି ପାଉଥିବାରୁ ଝିଅ ବୋହୂ ଓ ମହିଳା ମାନେ ଏଥିପାଇଁ ସୁରକ୍ଷିତ ମଣୁନାହାନ୍ତି। ସେହିପରି ଏହାର ସୁଯୋଗ ନେଇ ରାତିରେ ଓଡ଼ିଶାରୁ ପଶ୍ଚିମବଙ୍ଗ ବେଆଇନ ଗୋରୁ ଚାଲାଣ କରାଯାଉଥିବା ଦେଖିବାକୁ ମିଳୁଛି। ବେଳ ବୁଡ଼ି ଅନ୍ଧାର ହେଲେ ଗ୍ରାମବାସୀ ମାନେ ଭୟଭୀତ ଅବସ୍ଥାରେ ରହୁଛନ୍ତି। ତେଣୁ ତୁରନ୍ତ ଏହି ଗାଁ ରାସ୍ତାରେ ଲାଇଟ୍ ପୋଷ୍ଟ ସ୍ଥାପନ କରି ଆଲୋକୀକରଣ କରିବାର ବ୍ୟବସ୍ଥା କରିବାକୁ ଗ୍ରାମର ଅଭୟ ଦାସ, ଦିପୁ ଦାସ, କାର୍ତ୍ତିକ ନନ୍ଦୀ, ବଳରାମ ନନ୍ଦୀ, ରମାକାନ୍ତ ଦାସ, ସୁମନ ଦାସ, କାର୍ତ୍ତିକ ପ୍ରଧାନ, ପ୍ରଦୀପ ପ୍ରଧାନ, ପୁଷ୍ପା ଦାସ, ଶିବୁ ଦାସ କାର୍ତ୍ତିକ ପ୍ରାମାଣିକ, ସପୁଆ ପ୍ରାମାଣିକ, ସୁମି ପ୍ରାମାଣିକ, ବନମାଳୀ ପ୍ରାମାଣିକ ପ୍ରମୁଖ ଗ୍ରାମବାସୀ ମାନେ ଦାବୀ କରିଛନ୍ତି।

## ରାସ୍ତା କାମକଲେ ଗ୍ରାମବାସୀ

ନୀଳଗିରି, ୧୮।୧୨ (ସମିସ): ନୀଳଗିରି ସହରରେ ବସବାସ କରୁଥିଲେ ମଧ୍ୟ ଗାଁ ମଫସଲ ଭଳି ଜୀବନ ବିତାଉଛନ୍ତି। ଏଭଳି ଚିତ୍ର ନୀଳଗିରି ଏନଏସି ୬ ନମ୍ବର ୱାର୍ଡ ବାରିକସାହି ଅଞ୍ଚଳରେ ଦେଖିବାକୁ ମିଳିଛି। ଗାଁକୁ ଆସିଥିବା ଉନ୍ନୟନମୂଳକ କାର୍ଯ୍ୟ ପାଇଁ ଅର୍ଥ ଏ ପର୍ଯ୍ୟନ୍ତ ବିନିଯୋଗ



ହୋଇ ପାରିନାହିଁ। ଫଳରେ ବର୍ଷା ଦିନରେ ଡ୍ରେନରୁ ମଇଳା ପାଣି ବାହାରି ରାସ୍ତା ଉପରେ ଚାଲୁଛି। ଡ୍ରେନ ଏବେ ପୋତି ଯାଇଥିବା ବେଳେ ଛୋଟ ପୋଲଟି ଭୁଶୁଡି ପଡ଼ିଛି। କିଛି ଲୋକ ଜବରଦଖଲ କରିଥିବା ଯୋଗୁଁ ଓସାର ରାସ୍ତା ହୋଇ ପାରିନାହିଁ। ଗାଁକୁ ଆମ୍ବୁଲାନ୍ସ କିମ୍ବା ଅଗ୍ନିଶମ ଗାଡି ଆସୁ ପାରୁନଥିବା ବେଳେ ଏବେ ବସବାସ କରୁଥିବା ସହରବାସୀ ଆଉ ପ୍ରଶାସନକୁ ଭରସା ନ କରି ନିଜେ ଡ୍ରେନ ସଫା କରୁଥିବାବେଳେ ନିଜସ୍ୱ ଖର୍ଚ୍ଚରେ ପୋଲ ନିର୍ମାଣ କରୁଛନ୍ତି। ଘଟଣା ନେଇ ନୀଳଗିରି ଭାରପ୍ରାପ୍ତ ଅଧକ୍ଷ ମେହେନ୍ଦ୍ରନାଥ ବେହେରାଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ଜବରଦଖଲ ପାଇଁ ଅର୍ଥ ଥାଇ ବି କାମ ହୋଇପାରୁନଥିବା ବେଳେ ଡ୍ରେନ ଉପରେ ସ୍ଲାବ ପକାଇ ରାସ୍ତା କାମ ଖୁବଶୀଘ୍ର ହେବ ବୋଲି କହିଛନ୍ତି।

## ବୃଦ୍ଧଙ୍କ ମୃତଦେହ ଉଦ୍ଧାର

ନୀଳଗିରି, ୧୮।୧୨(ସମିସ): ନୀଳଗିରି ଏନଏସି ଅଧିନ ୭ନଂ ୱାଡର ବାଲିଗୁହିରି (ଦାସସାହି) ଗ୍ରାମର ମୋହନା ଦାସ (୭୫) ଗତ ଦୁଇ ଦିନ ଧରି ଘରୁ ନିଖୋଜ ଥିବା ବେଳେ ବୁଧବାର ଦିନ ନୀଳଗିରି ଥାନା ଅନ୍ତର୍ଗତ ଦକ୍ଷିଣ ନରସିଂହପୁର ପଞ୍ଚାୟତ ବାଇଗଡ଼ିଆ ଗ୍ରାମର କାଳିଆ ପୋଲ ଦେଇ ଦକ୍ଷିଣକୁ ଯାଇଥିବା ସାପୁଆ ନଈ ନୀକଟରେ ମୋହନାଙ୍କ ମୃତଦେହ ଗ୍ରାମର କିଛି ଦେଖିବାକୁ ପାଇଥିଲେ। ଖବରପାଇ ପରିବାର ଲୋକେ ଘଟଣା ସ୍ଥଳରେ ପହଞ୍ଚି ମରଶରୀରକୁ ଚିହ୍ନଟ କରିଥିଲେ। ପରେ ନୀଳଗିରି ପୁଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରି ଶବ ବେବଛେଦ ପାଇଁ ନୀଳଗିରି ମେଡିକାଲକୁ ଆଣିଥିଲେ। ପୁଲିସ ଘଟଣାର ତଦନ୍ତ ଜାରି ରଖିଛି।

## ଫୁଲବଣୀ ନୋଡାଲ ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ



ଚନ୍ଦନେଶ୍ୱର, ୧୮।୧୨(ସମିସ): ଭୋଗରାଇ ବ୍ଲକ ଟୁକୁରୀହାଜିରା ପଞ୍ଚାୟତ ଅଧୀନ ଫୁଲବଣୀ ନୋଡାଲ ଉଚ୍ଚବିଦ୍ୟାଳୟର ୬୪ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସଭାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମହେଶ୍ୱର ଗିରି ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ମୁଖ୍ୟବକ୍ତା ଭାବେ ପୂର୍ବତନ ବିଧାୟକ ସୁଶାନ୍ତ କୁମାର ଚାନ୍ଦ, ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସମିତି ଉପାଧ୍ୟକ୍ଷା ମୀନାରାଣୀ ସାସମଲ, ୩୫ ନମ୍ବର ଜୋନର ଜିଲ୍ଲା ପରିଷଦ ପ୍ରତିମା ଚାନ୍ଦ, ଦକ୍ଷିଣ ଭୋଗରାଇ ଓଷ୍ଟା ସମ୍ପାଦକ ନଟରଞ୍ଜନ ଘଡାଇ, ହାଡିଗୋଛିଆ ଆଞ୍ଚଳିକ ସାଧନକେନ୍ଦ୍ରର ଭାରପ୍ରାପ୍ତ ସିଆରସିସି ପଦ୍ମଲୋଚନ ମାଝି, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଭବେଶ ଚନ୍ଦ୍ର ଗିରି ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଅବସରପ୍ରାପ୍ତ ପ୍ରାକ୍ତନ ପ୍ରଧାନ ଶିକ୍ଷକ ଶତ୍ରୁଘ୍ନ ବିଶ୍ୱାଳ, ଗୋପୀନାଥ ଜେନା, ପ୍ରାକ୍ତନ ସହକାରୀ ଶିକ୍ଷକ ଶମ୍ଭୁନାଥ ଜେନା, ପ୍ରାକ୍ତନ ଶିକ୍ଷକ ରଜନୀକାନ୍ତ ପ୍ରଧାନ, ହରିହର ପଣ୍ଡା, ପୁରାତନ ଛାତ୍ର ଶିରିଶ ଚନ୍ଦ୍ର ଚାନ୍ଦଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ୧୪ ବର୍ଷରୁ କମ ଜାତୀୟ ସ୍ତରରେ ମହିଳା କବାଡି ଦଳରେ ସ୍ଥାନପାଇ ଭୋଗରାଇର ଟେକ ରଖିଥିବା ବିଦ୍ୟାଳୟର ଅଷ୍ଟମ ଶ୍ରେଣୀ ଛାତ୍ରୀ ମାନସୀ ବେହେରା ଓ ପ୍ରଶିକ୍ଷକ ତାରାପଦ ସେଠୀଙ୍କୁ ବିଦ୍ୟାଳୟ ତରଫରୁ ପୁରସ୍କୃତ କରାଯାଇଥିଲା । ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ପାଇଁ ସର୍ବମୋଟ ୧୨୦ ଜଣଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

## ସାଇବର କ୍ରାଇମ୍ ଓ ଡିଜିଟାଲ ଆରେଷ୍ଟ ସମ୍ପର୍କିତ କର୍ମଶାଳା

ଖଇରା, ୧୮।୧୨ (ସମିସ): ଆମ ପୁଲିସ ଓ ଓଡ଼ିଶା ସାମ୍ବାଦିକ ୟୁନିଅନ ବାଲେଶ୍ୱର ଶାଖାର ମିଳିତ ଆନୁକୂଲ୍ୟରେ ସାଇବର କ୍ରାଇମ ଓ ଡିଜିଟାଲ ଆରେଷ୍ଟ ସମ୍ପର୍କିତ କର୍ମଶାଳା ଖଇରା ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇ ଯାଇଛି। ଓୟୁଜେ ସଭାପତି ଗଙ୍ଗାଧର ରାଉତଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବାଞ୍ଚଳ ଡିଆଇଜି ସତ୍ୟଜିତ ନାଏକ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀ ଓ ବରିଷ୍ଠ ନାଗରିକ ମାନଙ୍କୁ ସଚେତନ କରିବା



ଅବସରରେ ନିଜର ବ୍ୟକ୍ତିଗତ ଓଟିପି ନ ଦେବା, ଫେକ କଲରୁ ଦୂରେଇ ରହିବା ସର୍ବୋପରି ଲୋଭର ବଶବର୍ତ୍ତୀ ନ ହେବାକୁ ପରାମର୍ଶ ଦେଇଥିଲେ। ଆବଶ୍ୟକ ସ୍ଥଳେ ଟୋଲ ଫ୍ରି ନମ୍ବର ୧୯୩୦କୁ ଫୋନ କରି ସହାୟତା ନେବାକୁ ଡିଆଇଜି ନାଏକ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ ଯୋଗ ଦେଇ ଏଥିପାଇଁ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦେଇଥିଲେ। ସାଇବର ଥାନା ଏସ୍ଆଇ ମାନସ ବିଶ୍ୱାଳ ପ୍ରାମାଣିକ ତଥ୍ୟ ମାଧ୍ୟମରେ ସାଇବର ଠକେଇରୁ ମୁକୁଳିବାର ଉପାୟ ଉପରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ସଂଘର ସମ୍ପାଦକ ତପୋଧନ ବାରିକ ସ୍ୱାଗତ ଭାଷଣ, ବ୍ଲକ ସଂଯୋଜକ ବିଶ୍ୱରଞ୍ଜନ ମହାପାତ୍ର ଅତିଥି ପରିଚୟ, ଉପସଭାପତି ଉତ୍କଳବନ୍ଧୁ ପଣ୍ଡା ମଞ୍ଚ ଆହ୍ୱାନ, ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ଅନାମ ଚରଣ ପଣ୍ଡା, ସଭ୍ୟ ବଳରାମ ଲେଙ୍କା ଓ ନିଳାମ୍ବର ପଣ୍ଡା ଅତିଥିଙ୍କୁ ଉତ୍ତରୀୟ ପ୍ରଦାନ ଏବଂ କୈଳାସ ଚନ୍ଦ୍ର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଆମ ପୋଲିସ ତରଫରୁ ଆଇଆଇସି ପଶୁରାମ ସାହୁ ଓ ମୌସୁମୀ ମହାନ୍ତି ଏବଂ ଗଣମାଧ୍ୟମ ପ୍ରତିନିଧି ସମ୍ଭୁନାଥ ନାୟକ, ଉମେଶ କୁମାର ଜେନା, ଦେବବ୍ରତ ଦାସ, ଲୋଚନ ରାଉତ, ମନୋଜ ପ୍ରଧାନ, ନିଶିକାନ୍ତ ମହାନ୍ତି, ରଘୁନାଥ ସାମଲ, ନରେନ୍ଦ୍ର ବେହେରା, ପ୍ରଶାନ୍ତ ବେହେରା, ଜୟନ୍ତ ରାଉତ, ବିସ୍ମୟ ବେହେରା, ଛାୟାକାନ୍ତ ମହାନ୍ତି, ଆନନ୍ଦ କୁମାର ବେହେରା, ବୁଲୁ ଲେଙ୍କା ପ୍ରମୁଖ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ। ଖଇରା, କୁପାରୀ, ନହଙ୍ଗ, ଗରସଙ୍ଗ, ମାଟିଆଳପଦା ଓ ଅନ୍ତରା କଲେଜରୁ ଛାତ୍ରଛାତ୍ରୀ ବରିଷ୍ଠ ନାଗରିକ ମଞ୍ଚର ସଦସ୍ୟ ମାନେ ଏଥିରେ ଅଂଶ ଗ୍ରହଣ କରିଥିଲେ।

## ତୋଟାପଡ଼ା ଉଚ୍ଚ ବିଦ୍ୟାଳୟରେ ୪୧ତମ ଶିଶୁ ମହୋତ୍ସବ

ଖଇରା, ୧୮।୧୨(ସମିସ): ଖଇରା ବ୍ଲକ ତୋଟାପଡ଼ା ଉଚ୍ଚ ବିଦ୍ୟାଳୟ ପରିସରରେ ଓଷ୍ଟାର ଖଇରା ମଣ୍ଡଳ ପକ୍ଷରୁ ୪୧ ତମ ଶିଶୁ ମହୋତ୍ସବ ଅନୁଷ୍ଠିତ ହୋଇ ଯାଇଛି। ଏହି କାର୍ଯ୍ୟକ୍ରମରେ ବ୍ଲକର ୪ ଶହରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ନାଚ, ଗୀତ ଓ ଏକକ ଅଭିନୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପ୍ରତିଭା ପ୍ରଦର୍ଶନ କରିଥିଲେ। ଓଷ୍ଟା ଖଇରା ମଣ୍ଡଳ ସଭାପତି ବହ୍ମାନନ୍ଦ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ସଭାରେ ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ମୁଖ୍ୟଅତିଥି, ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ ମୁଖ୍ୟବକ୍ତା ଭାବେ ପିଲାମାନଙ୍କର ପ୍ରତିଭା ବିକାଶ ପାଇଁ ଶିଶୁ ମହୋତ୍ସବ ସର୍ବୋତ୍କୃଷ୍ଟ ମଞ୍ଚ ବୋଲି ପ୍ରକାଶ କରିଥିଲେ। ସମ୍ମାନନୀୟ ଅତିଥି ଭାବେ ଗୋଷ୍ଠୀ ଶିକ୍ଷାଧିକାରୀ ଗଦାଧର ଦାସ, ଜିଲ୍ଲାପରିଷଦ ସଭ୍ୟା ସୁଷମା ମହାପାତ୍ର, ପ୍ରଧାନ ଶିକ୍ଷକ ରାଜକିଶୋର ମିଶ୍ର, ସରପଞ୍ଚ ନିତୁ ନିବେଦିତା ମାଝି, ସମିତିସଭ୍ୟା ରଶ୍ମିତା ଜେନା, ପରିଚାଳନା କମିଟି ସଭାପତି ଗୋପିନାଥ କର, ଭରତ ଚନ୍ଦ୍ର ଦାସ, ଜୟନ୍ତ କୁମାର ପଣ୍ଡା, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ରମେଶ ଚନ୍ଦ୍ର ପୁହାଣ ପ୍ରମୁଖ ଯୋଗ ଦେଇଥିଲେ। ଓଷ୍ଟାର ଖଇରା ସଂପାଦକ ବିଷ୍ଣୁ ପ୍ରସାଦ ମିଶ୍ର ବିବରଣୀ ପାଠ, ପ୍ରଶାନ୍ତ କୁମାର ହୋତା ମଞ୍ଚ ଆହ୍ୱାନ ଓ ନରସିଂହ ପାଣି ବେଦପାଠ କରିଥିଲେ। ସେହିପରି ଉଦ୍‌ଯାପନୀ ସଭା ଅବସରରେ ଶ୍ରୀ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଓଷ୍ଟାର ରାଜ୍ୟ ସାଧାରଣ ସଂପାଦକ ରଞ୍ଜନ କୁମାର ଦାସ, ଜିଲା ସଭାପତି ମନୋରଞ୍ଜନ ଦାସ ଯୋଗ ଦେଇଥିଲେ। ଜିଲା ସଂପାଦକ ବିଜୟ କୁମାର ପାତ୍ର, ହରିପଦ ଭୁୟାଁ, ପ୍ରଦୀପ କୁମାର ବେହେରା, ଭଗିରଥି ଖଟୁଆ ଓ କୈଳାସ ଚନ୍ଦ୍ର ସେଣ୍ଠ ଉପସ୍ଥିତ ଥିଲେ। ଏହି ଅବସରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରା ଯାଇଥିଲା। ଚିତ୍ତରଞ୍ଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଶ୍ରୀମଦ୍ ଭାଗବତ କଥାମୃତ ଓଡ଼ିଶାର ବାର୍ଷିକ ସମାରୋହ

ନୀଳଗିରି, ୧୮।୧୨ (ସମିସ): ଭାଗବତ ଜୀବନର ବେଦ। ଭାଗବତର 'ଭ' କୁ ନେଇ ଭାବ - ଭକ୍ତି - ଭୂମି - ଭୂମା, 'ଗ' କୁ ନେଇ ଗତି - ଜ୍ଞାନ - ଗୁଢ଼-ଗୁରୁ, 'ବ' ବୈକୁଣ୍ଠ, ତ ' ତତ୍ତ୍ୱକୁ ନେଇ ସଂଗଠିତ ହୋଇଥାଏ ବୋଲି ପୁରୀ ଶ୍ରୀକ୍ଷେତ୍ରର ସିଦ୍ଧ ବକୁଳ ମଠରେ ଶ୍ରୀମଦ୍ ଭାଗବତ କଥାମୃତ ଓଡ଼ିଶାର ଚତୁର୍ଥ ବାର୍ଷିକ ସମାରୋହରେ ଓଡ଼ିଶାର ବିଦ୍ୱାନ ଯଶସ୍ୱୀ ପଣ୍ଡିତ ବ୍ରହ୍ମଚାରୀ ଶ୍ରୀ ସନ୍ତୋଷ ଚୈତନ୍ୟ ମତବ୍ୟକ୍ତ କରିଥିଲେ। ସମାରୋହରେ ମୁଖ୍ୟ ଅତିଥି ସିଦ୍ଧ ବକୁଳ ମଠର ମଠାଧୀଶ ଶ୍ରୀ ଶ୍ରୀନିବାସ ଦାସ ମହାରାଜ, ସମ୍ମାନିତ ଅତିଥି ପୁରୀର ବିଶିଷ୍ଟ ସାମ୍ବାଦିକ ବଦ୍ରିନାରାୟଣ ମିଶ୍ର, ଓଡ଼ିଶାର ମହିଳା ପ୍ରବକ୍ତା ନିର୍ମଳା ଫତେ ସିଂହ, ପରିବାରର ମୁଖ୍ୟ ମାର୍ଗଦର୍ଶକ ପଣ୍ଡିତ ରବିନାରାୟଣ ଶତପଥୀ ପ୍ରମୁଖ ଯୋଗଦେଇଥିଲେ। ଉକ୍ତ ଉତ୍ସବରେ ପରିବାରର ସମୀକ୍ଷକ ଯାଜପୁରର ପଣ୍ଡିତ ଗୋବର୍ଦ୍ଧନ ପ୍ରଧାନଙ୍କ ଦ୍ୱାରା ଭାଗବତର ସମସ୍ତ ଅଧ୍ୟାୟର ସମୀକ୍ଷା ଗ୍ରନ୍ଥ 'ଭାଗବତ ରସାମୃତ'କୁ ଉପସ୍ଥିତ ଅତିଥିମାନେ ଲୋକାର୍ପିତ କରିଥିଲେ। ଉକ୍ତ ସମସ୍ତ କାର୍ଯ୍ୟକ୍ରମକୁ ପରିବାରର ଉପସଭାପତି ଡ. ପ୍ରଦୀପ୍ତ ମିଶ୍ର (ବାଲେଶ୍ୱର) ପରିଚାଳନା କରିଥିଲେ।

## ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଜଳେଶ୍ୱର, ୧୮।୧୨ (ସମିସ): ଜଳେଶ୍ୱର ଟାଉନ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇ ଯାଇଛି। ସଭାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅରବିନ୍ଦ ପାତ୍ରଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ କମଳ ବିହାରୀ ଦାସ ଉପସ୍ଥିତ ଥିବା ବେଳେ ମୁଖ୍ୟବକ୍ତା ଭାବେ ଜଳେଶ୍ୱର ଦୀନକୃଷ୍ଣ ମହାବିଦ୍ୟାଳୟର ଅଧ୍ୟକ୍ଷ ସୁକାନ୍ତ କୁମାର ଦାସ, ସମ୍ମାନୀତ ଅତିଥି ଭାବରେ ଜଳେଶ୍ୱର ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ତଥା ବିଆରସିସି ସୁଶାନ୍ତ ଜେନା ଓ ଆଦରଣୀୟ ଅତିଥି ଭାବେ ଜଳେଶ୍ୱର ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ଅଜିତ ପାତ୍ର, ବିଦ୍ୟାଳୟ ପରିଚାଳନା କମିଟିର ଚେୟାରମେନ ଅବଦୁଲ ରସିଦ ଖାଁ, ଜଳେଶ୍ୱର ପୌରପାଳିକାର ୧୧ ନମ୍ବର କାଉନସିଲର ସୁଷମା କର, ବିଦ୍ୟାଳୟର ପୁରାତନ ସଂସଦ ସଭାପତି ଆଦିତ୍ୟ ନାରାୟଣ ପାତ୍ର ମଞ୍ଚାସୀନ ଥିଲେ।

## ପୁସ୍ତକ 'ଦୁର୍ଗା ଦାସ ଏଣ୍ଡ ହିଜ୍ ଟାଇମ୍ସ' ବିଧାୟକଙ୍କୁ ପ୍ରଦାନ

ଚନ୍ଦନେଶ୍ୱର, ୧୮।୧୨ (ସମିସ): ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ଭୋଗରାଇର ପୂର୍ବତନ ବିଧାୟକ ସ୍ୱର୍ଗତ ଦୁର୍ଗା ଦାସଙ୍କ ଜୀବନୀ ଓ ଭାରତର ସ୍ୱାଧୀନତା ସଂଗ୍ରାମରେ ତାଙ୍କର ବଳିଷ୍ଠ ଯୋଗଦାନ; ବନ୍ୟା, ବାତ୍ୟା ଓ ମରୁଡ଼ି ସମୟରେ ତାଙ୍କର ଦୁଃସାହାସିକ ପଦକ୍ଷେପ ବେଶ ପ୍ରଶଂସା ଯୋଗ୍ୟ। ଏହି ଘଟଣା ବଳିକୁ ନେଇ ଭୋଗରାଇ ଗ୍ରାମ୍ୟ ଉଚ୍ଚଶିକ୍ଷା ପ୍ରତିଷ୍ଠାନର ଇତିହାସ ବିଭାଗର ଅବସରପ୍ରାପ୍ତ ପ୍ରାଧ୍ୟାପକ ଗଙ୍ଗାଧର ଜେନାଙ୍କ ଦ୍ୱାରା ୨୫୧ ପୃଷ୍ଠା ସମ୍ବଳିତ ସନ୍ଦର୍ଭ ପୁସ୍ତକ 'ଦୁର୍ଗା ଦାସ ଏଣ୍ଡ ହିଜ ଟାଇମ୍ସ' ପୁସ୍ତକ ଆଜି ସକାଳେ କଖଡ଼ା ଗ୍ରାମପଞ୍ଚାୟତ ଅନ୍ତର୍ଗତ ତଳାଡି ଗ୍ରାମସ୍ଥିତ ସ୍ୱର୍ଗତ ଦୁର୍ଗା ଦାସଙ୍କ ଜ୍ୟେଷ୍ଠ ପୁତ୍ର ଆଶିଷ ଦାସ ଓ ତାଙ୍କର ସାନ ପୁଅ ତଥା ଭୋଗରାଇର ବିଧାୟକ ଗୌତମ ବୁଦ୍ଧ ଦାସଙ୍କୁ ପ୍ରଦାନ କରିଛନ୍ତି। ଶ୍ରୀ ଜେନା ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଡ଼. ଅନନ୍ତ କୁମାର



କରଙ୍କ ତତ୍ତ୍ୱାବଧାନରେ ୨୦୦୮ ମସିହାରେ ଆରମ୍ଭ କରି ୨୦୧୫ ମସିହାରେ ସନ୍ଦର୍ଭଟି ଉପସ୍ଥାପିତ କରିଥିଲେ। ମାତ୍ର ୨୦୨୪ ମସିହା ଡିସେମ୍ବର ୪ ତାରିଖ ଚିଠି ନମ୍ବର ୬୧ /୭୨ ରେ ତାଙ୍କୁ ସମ୍ମାନ ଜନକ ଡକ୍ଟରେଟ ଉପାଧି ପ୍ରଦାନ କରାଯାଇଥିଲା। ଶ୍ରୀ ଜେନା ଦୀର୍ଘ ୩୬ ବର୍ଷ ଧରି ଇତିହାସ ବିଭାଗରେ ଅଧ୍ୟାପକ ଭାବେ ଗ୍ରାମ୍ୟ ଉଚ୍ଚ ଶିକ୍ଷା ପ୍ରତିଷ୍ଠାନ ଭୋଗରାଇ ଇତିହାସ ବିଭାଗରେ ଅଧ୍ୟାପନା କରିଥିଲେ। ତାଙ୍କର ଏଭଳି ଉଦ୍ୟମକୁ ବୁଦ୍ଧିଜୀବୀ ମହଲରେ ଉଚ୍ଚ ପ୍ରଶଂସା କରାଯାଇଛି।

**ପାନୀୟ ଜଳ ନେଉଛି ଜୀବନ**

# କିଡ୍‌ନୀ ରୋଗରେ ଗଲାଣି ୪ ମୁଣ୍ଡ

ପଞ୍ଚଲିଙ୍ଗେଶ୍ୱର, ୧୮।୧୨ (ସମିସ)

ଔପଦା ବ୍ଲକ କାଣ୍ଡଗରଡ଼ି ପଞ୍ଚାୟତ ଅଧୀନ ମୁକୁନ୍ଦପୁର ଆଦିବାସୀ ସାହିରେ କିଡ଼ନୀ ରୋଗରେ ୪ ଜଣଙ୍କ ମୃତ୍ୟୁ ଘଟିଲାଣି। ମୃତକମାନେ ହେଲେ ମୁନସୀ ମୁର୍ମୁ, ଚମ୍ପା ମୁର୍ମୁ ହେମଲତା ମାଝି ଓ ଅନ୍ୟ ଜଣେ। ଏଥିସହ କୁନି ମୁର୍ମୁ, ସମ୍ଭାରୀ ମୁର୍ମୁ ଏବଂ ଅନ୍ୟମାନେ ବିଗତ ୨ ବର୍ଷ ଧରି କିଡ଼ନୀ ଜନିତ ସମସ୍ୟା ପାଇଁ ବାଲେଶ୍ୱର ଏବଂ କଟକ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଏହାର ମୁଖ୍ୟ କାରଣ ସାହିରେ ଥିବା ୨ ଟି ନଳକୂପର ପାଣି ବୋଲି ପଞ୍ଚାୟତର ପୂର୍ବତନ ଜିଲ୍ଲାପରିଷଦ ଯୋଗାନନ୍ଦ ଦାସ ଅଭିଯୋଗ କରିଥିବା ବେଳେ ସେହି ସାହିର ପାନୀୟ



ଜଳର ସମସ୍ୟା ସୁଧାରିବା ପାଇଁ ଗତ ୬ ମାସ ଧରି ଔପଦା ବିଡିଓ, ଈଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଏବଂ ଆର.ଡବ୍ଲୁଏସଏସ ଜେଇଙ୍କୁ ଏ ନେଇ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇବା ପରେ ଈଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଉକ୍ତ ୨ ନଳକୂପର ପାଣି ପରୀକ୍ଷା କରିବା ସହିତ ସାହି ଲୋକଙ୍କ ଡାକ୍ତରୀ ଯାଞ୍ଚ ପାଇଁ ଏକ ଟିମ୍‌କୁ ପଠାଇ ଥିବା ବେଳେ ଗୋଟିଏ ନଳକୂପର ପାଣି କେମିକାଲ ମିଶ୍ରିତ ଦୂଷିତ ଜଣାପଡ଼ିଥିବା କାରଣରୁ ଉକ୍ତ ନଳକୂପକୁ ବ୍ୟବହାର ପାଇଁ ବାରଣ କରିଛନ୍ତି ଏବଂ ଅନ୍ୟ ଏକ ନଳକୂପର ପାଣି ନମୁନା ଆରଡବ୍ଲୁଏସଏସ ଜେଇଙ୍କ ଜରିଆରେ ଭୁବନେଶ୍ୱର ଲାବରୋଟାରୀ ପଠାଇଥିବା ବେଳେ ଅଦ୍ୟାବଧି କୌଣସି ସୂଚନା ମିଳି ନଥିବା ଶ୍ରୀ ଦାସ ଅଭିଯୋଗ କରିଛନ୍ତି। ଏକ ଡାକ୍ତରୀ ଦଳ ପଠାଇ ଯାଞ୍ଚ କରି ବିହିତ ପଦକ୍ଷେପ ନେବା ପାଇଁ ସାଧାରଣରେ ଦାବି ହେଉଛି।

## ୩ କୋଠାକୁ ନିଲାମ କରୁନି ପୌରପାଳିକା

# ବର୍ଷକୁ ୪୦ ଲକ୍ଷର ରାଜସ୍ୱହାନି

ବାଲେଶ୍ୱର, ୧୮।୧୨(ସମିସ): ବାଲେଶ୍ୱର ପୌରପାଳିକା ମାଲିକାନାରେ ଥିବା ଦୁଇଟି କଲ୍ୟାଣମଣ୍ଡପ ଓ ଗୋଟିଏ ହୋଟେଲକୁ ଦୀର୍ଘଦିନ ହେଲା ଟେଣ୍ଡର ଡକାଯାଇ ନିଲାମ ଦିଆଯାଉନି। ବର୍ଷକରେ ଏହି ତିନୋଟି କଲ୍ୟାଣ ମଣ୍ଡପରୁ ଭଡା ବାବଦରେ ମିଳୁଥିବା ୪୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ରାଜସ୍ୱ କାହା ସ୍ୱାର୍ଥରେ ପୌରପାଳିକା ହାନି କରୁଛି ବୋଲି ବିଭିନ୍ନ ମହଲରେ ପ୍ରଶ୍ନ ହେଉଛି।

ବାଲେଶ୍ୱର ସହରସ୍ଥ ଓଟି ରୋଡରେ ଅବସ୍ଥିତ ଗାନ୍ଧୀ ସ୍ମୃତି ଭବନକୁ ଲାଗି ରହିଛି ପୌରପାଳିକାର ଆଠ ହଜାର ବର୍ଗଫୁଟର ଦିତ୍ୱଳ ପ୍ରାସାଦ। ଏହି ପ୍ରାସାଦକୁ ପୌରପାଳିକା ଠାରୁ ଲିଜ୍‌ରେ ନେଇ ଜନୈକ ବ୍ୟବସାୟୀ ଦୀର୍ଘ ବର୍ଷ ଧରି ହୋଟେଲ କରିଥିଲେ। ସମ୍ପୃକ୍ତ ବ୍ୟକ୍ତିଙ୍କର ଅବଧି ସରିବା ପରେ ଉକ୍ତ ହୋଟେଲକୁ ପୌରପାଳିକା ପୁଣି ଟେଣ୍ଡର ଡାକିବା ପୂର୍ବକ ଲିଜ୍‌ରେ ଦେଇଥିଲା। ଅନ୍ୟ ଜଣେ ବ୍ୟବସାୟୀ ଏହାକୁ ବର୍ଷରେ ୩୦ଲକ୍ଷ ଟଙ୍କା ଦେବା ସର୍ତ୍ତରେ ଲିଜ୍‌ରେ ନେଇ ମା' ଇଣ୍ଟରନ୍ୟାସନାଲ-୨ ନାମରେ ହୋଟେଲ କରିଥିଲେ। ମାତ୍ର ସମ୍ପୃକ୍ତ ବ୍ୟବସାୟୀଙ୍କ ଲିଜ ନେବାର ଅବଧି ସରିବା ପରେ ସେ ଏହି ଘର ଫାଙ୍କା କରିଦେଇଥିଲେ। ଏହି ୮ ହଜାର ସ୍କୋୟାର ଫୁଟର ଘର ଆଜକୁ ୮ ମାସ ଧରି ଫାଙ୍କା ପଡ଼ିଛି। ତିନିଜଣ ସୁରକ୍ଷା କର୍ମୀଙ୍କୁ ଏହି ବିଲ୍ଡିଂ ଜଗିବା ପାଇଁ ପୌରପାଳିକା ମାସକୁ ୨୭ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଅଯଥାରେ ଖର୍ଚ୍ଚ କରୁଛି। ହେଲେ ଟେଣ୍ଡର ଡାକି ଲିଜରେ ଦେଉନଥିବା ଅଭିଯୋଗ ହେଉଛି। ସେହିଭଳି ୨୬ ନମ୍ବର ୱାର୍ଡର ମିର୍ଜା ପୋଖରୀ ନିକଟରେ ଏବଂ ପୌରପାଳିକା ମାଲିକାନାରେ ଥିବା ଅନ୍ୟ ଏକ ବିଲ୍ଡିଂକୁ ଲିଜରେ ଦିଆଯାଇ ଥିଲା। ଲିଜରେ ନେଇଥିବା ବ୍ୟବସାୟୀ ଏହି ବିଲ୍ଡିଂକୁ ଗଙ୍ଗାଧର କଲ୍ୟାଣ ମଣ୍ଡପ ନାମରେ ଚଳାଇଥିଲେ। ଦୀର୍ଘବର୍ଷ ପୌରପାଳିକାର ଏହି ବିଲ୍ଡିଂକୁ କଲ୍ୟାଣମଣ୍ଡପ କରି ବ୍ୟବସାୟ କରିବା ପରେ ଗତ ତିନି ବର୍ଷ ତଳେ ଅବଧି ସମୟ ସରିଯାଇ ଥିଲା। ପରେ ସମ୍ପୃକ୍ତ ବ୍ୟବସାୟୀ ଏହାକୁ ଆଉ ଲିଜରେ ନେଇନଥିଲେ। ହେଲେ ଆଜି ପର୍ଯ୍ୟନ୍ତ ପୌରପାଳିକା ଏହି ବିଲ୍ଡିଂକୁ ଟେଣ୍ଡର ଡାକିବା ପୂର୍ବକ କାହାରିକୁ ଲିଜରେ ଦେଇ ନାହିଁ। ତିନି ବର୍ଷ ଧରି ପୌରପାଳିକା ପକ୍ଷରୁ ତିନିଜଣ ସୁରକ୍ଷା କର୍ମୀର୍ ଏହି ବିଲ୍ଡିଂକୁ ଜଗି ଆସୁଛନ୍ତି। ପୌରପାଳିକା ଏହି ତିନିଜଣ ସୁରକ୍ଷା କର୍ମୀଙ୍କୁ ମାସକୁ ୨୬ହଜାରରୁ ଉର୍ଦ୍ଧ୍ୱ ଟଙ୍କା ପାରିଶ୍ରମିକ ଦେଉଛି। ଏହାବାଦ ୨୫ନମ୍ବର ୱାର୍ଡର ବାରବାଟୀ ଉଚ୍ଚ ବାଳିକା ବିଦ୍ୟାଳୟ ସମ୍ମୁଖରେ ଏକ କଲ୍ୟାଣମଣ୍ଡପ କରାଯିବା ଲକ୍ଷ୍ୟରେ ପୌରପାଳିକା ନୂତନ ବିଲ୍ଡିଂ ନିର୍ମାଣ କରିଛି। ଆଜକୁ ଦୁଇ ବର୍ଷ ହେଲା ଏହି ନୂତନ ବିଲ୍ଡିଂ କୁ ପୌରପାଳିକା ଟେଣ୍ଡର ଡାକିବା ପୂର୍ବକ ଲିଜରେ ଦେଉନି। ହେଲେ ଏହି ବିଲ୍ଡିଂ କୁ ଜଗିବା ପାଇଁ ତିନିଜଣ ସୁରକ୍ଷା କର୍ମୀଙ୍କୁ ମାସକୁ ୨୬ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଦରମା ବାବଦରେ ପୌରପାଳିକା ଖର୍ଚ୍ଚ କରୁଛି। ପୌରପାଳିକା ପକ୍ଷରୁ ଏହି ୩ଟି ବ୍ୟବସାୟ ଭିତ୍ତିକ ବିଲ୍ଡିଂକୁ ଟେଣ୍ଡର ଡାକି ଲିଜ ଦେବା ପରିବର୍ତ୍ତେ ଲକ୍ଷାଧିକ ଟଙ୍କା ରାଜସ୍ୱ ହାନି କରିବା ସହିତ ବିଲ୍ଡିଂ ଗୁଡିକୁ ଜଗିବା ପାଇଁ ମାସକୁ ୭୮ ହଜାର ଟଙ୍କା ସରକାରଙ୍କ ରାଜକୋଷରୁ ଖର୍ଚ୍ଚ କରୁଛି, ତାହା ଜନ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ବାବଦରେ ୨୨ନମ୍ବର ୱାର୍ଡର କାଉନସିଲର ଦେବାଶିଷ ସିଂ କହିଛନ୍ତି, ଅଣ ଦକ୍ଷ ପୌର ପ୍ରଶାସକ ମାନଙ୍କ ଅବହେଳା ପାଇଁ ଆଜି ପର୍ଯ୍ୟନ୍ତ ଏହି ତିନୋଟି ବ୍ୟବସାୟ ଭିତ୍ତିକ ବିଲ୍ଡିଂକୁ ଲିଜ୍‌ରେ ଦିଆଯାଇ ପାରିନି। ଫଳରେ ପୌରପାଳିକାର ବର୍ଷକୁ ୪୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ରାଜସ୍ୱ ହାନି ହେଉଛି।

ଏ ବାବଦରେ ପୌରାଧକ୍ଷା ସବିତା ସାହୁ କହିଛନ୍ତି, ଦୁଇଟି ବିଲ୍ଡିଂର ନବୀକରଣ କରାଗଲା ପରେ ତିନୋଟି ଯାକ ବିଲ୍ଡିଂର ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହେବ।

## ନୋସ୍କୋ ପାୱାର ଏମ୍ପ୍ଲୋଇଜ୍ ୟୁନିୟନର ପ୍ରତିବାଦ

ବାଲେଶ୍ୱର, ୧୮ ।୧୨(ସମିସ): ନେସ୍କୋ ପାୱାର ଏମ୍ପ୍ଲୋଇଜ ୟୁନିଅନ ବାଲେଶ୍ୱରର ମିଶ୍ରଣ ସହବନ୍ଧିତ ଓଡ଼ିଶା ବିଦ୍ୟୁତ କର୍ମଚାରୀ ମହାସଂଘ, ଭୁବନେଶ୍ୱର ସହିତ ହୋଇଛି ବୋଲି ଜ୍ୟୋତିକୃଷ୍ଣ ବେହେରା ଯେଉଁ ବିବୃତି ଦେଇଥିଲେ ତାହା ତାଙ୍କର ନିଜସ୍ୱ ବିବୃତ୍ତି। ଯାହାକି ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଥିଲା ଏହାକୁ ନେସ୍କୋ ପାୱାର ଏମ୍ପ୍ଲୋଇଜ ୟୁନିଅନ ବାଲେଶ୍ୱର ପକ୍ଷରୁ ପ୍ରତିବାଦ କରାଯାଇଛି। ନେସ୍କୋ ପାୱାର ଏମ୍ପ୍ଲୋଇଜ ୟୁନିଅନ ବାଲେଶ୍ୱର ତରଫରୁ କୌଣସି ନିଷ୍ପତ୍ତି ଉକ୍ତ ମିଶ୍ରଣ, ସହବନ୍ଧିତ ସମ୍ବନ୍ଧରେ ହୋଇନାହିଁ ବୋଲି କୁହାଯାଇଛି। ବର୍ତ୍ତମାନ ସୁଦ୍ଧା ନେସ୍କୋ ପାୱାର ଏମ୍ପ୍ଲୋଇଜ ୟୁନିଅନ ବାଲେଶ୍ୱର, ଓଏସଇବି ଏମ୍ପ୍ଲୋଇଜ ଫେଡେରେସନ, ଭୁବନେଶ୍ୱର ସହିତ ଅନୁବନ୍ଧିତ ରହିଛି। ତେଣୁ ନେସ୍କୋ ପାୱାର ଏମ୍ପ୍ଲୋଇଜ ୟୁନିଅନର ସାଧାରଣ ସମ୍ପାଦକ ରବୀନ୍ଦ୍ର ନାଥ ବେରାଙ୍କ ସମେତ ଆର୍ତ୍ତବନ୍ଧୁ ବିଶ୍ୱାଳ, ଭରତ ଚନ୍ଦ୍ର ସେଠୀ, ବୃନ୍ଦାବନ ମହାନ୍ତି, କମଳାକାନ୍ତ ବେହେରା, ସପନ ଦାସ, ରାମଚନ୍ଦ୍ର ସାସମଲ, ସତ୍ୟନାରାୟଣ ବେହେରା, ରମାକାନ୍ତ ନାୟକ, ଦେବାଶିଷ ପଣ୍ଡା, ସୁମନ୍ତ ଝୁଟିଆ, ବିଜନ ବେହେରା, ସେକ ତକମୁଲ ହୁସେନ, ସଞ୍ଜୟ କୁମାର ସାଁ, ଶିଶିର ଦାସ, ନରେଶ କୁମାର ନାୟକ, ଲକ୍ଷ୍ମୀକାନ୍ତ ମହାନ୍ତି ଓ କୃତ୍ତିବାସ ପୁହାଣ ପ୍ରମୁଖ ଜଣାଇଛନ୍ତି।

## ଜିଲ୍ଲା ପ୍ରଶାସନକୁ ସମସ୍ୟା ଜଣାଇଲେ ଦୃଷ୍ଟିହୀନ ବିଦ୍ୟାର୍ଥୀ

ବାଲେଶ୍ୱର, ୧୮ ।୧୨(ସମିସ): ରାଣୀପାଟଣା ଦୃଷ୍ଟିହୀନ ବିଦ୍ୟାଳୟରୁ ପିଲାମାନେ ଦଶମ ପାସ କରିବା ପରେ ଏବେ ସେମାନେ ଫକୀରମୋହନ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଯୁକ୍ତ ଦୁଇ ଏବଂ ଯୁକ୍ତ ତିନିରେ ପାଠ ପଢୁଛନ୍ତି। ସେମାନେ ରତ୍ନଗିରି ଏବଂ ସ୍ୱର୍ଣ୍ଣଚୂଡା ହଷ୍ଟେଲରେ ରହି ପାଠ ପଢୁଛନ୍ତି। ଏହି ହଷ୍ଟେଲରେ ସେମାନେ ରହୁଥିବା ବେଳେ ଅନ୍ୟ ସାଧାରଣ ପିଲାମାନଙ୍କ ଭଳି ଏମାନେ ପାଣିଠାରୁ ଆରମ୍ଭ କରି ବିଦ୍ୟୁତ୍ ବିଲ୍ ମଧ୍ୟ ପ୍ରଦାନ କରୁଛନ୍ତି। ଯାହାକି ୬ମାସକୁ ସେମାନେ ୩୯ ଶହ ଟଙ୍କା ପ୍ରଦାନ କରୁଛନ୍ତି। ହେଲେ ଦୃଷ୍ଟିହୀନ ପିଲାଙ୍କୁ ଏହା ଛାଡ କରାଯିବାକୁ ସେମାନେ ଦାବି କରିଛନ୍ତି। ଏପରିକି ସେମାନେ ଗତ ୧୨ତାରିଖରେ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଆଜି ପୁନର୍ବାର ସେମାନେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଭେଟି ଉକ୍ତ ଘଟଣା ସମ୍ପର୍କରେ ଆଲୋଚନା କରିଛନ୍ତି। ଏ ନେଇ ଯୁକ୍ତ ତିନି ଓ ଦୁଇ ଶ୍ରେଣୀର ଛାତ୍ର ଶେଖରଚନ୍ଦ୍ର ପ୍ରଧାନ, ଚିନ୍ମୟକୁମାର ପ୍ରଧାନ, ସାନିଧ୍ୟ ଶେଖର ଦାସ, ଅନୀଲ ମହାକୁଡ଼, ଦୀପକ ସିଂ ପ୍ରମୁଖ ଅଭିଯୋଗ କରିଛନ୍ତି ଯେ, ରେଭେନସା, ବିଜେବି କଲେଜରେ ପଢୁଥିବା ଏହିଭଳି ପିଲାମାନେ ପାଣିବିଲ, ବିଦ୍ୟୁତ ବିଲ, ବେଡ ଚାର୍ଜେସ ଆଦି ସେମାନଙ୍କ ପାଇଁ ମାଗଣା ରହୁଥିବା ବେଳେ ସେମାନେ ଖାଲି ଖାଇବା ବିଲ୍ ଦେଉଛନ୍ତି। ହେଲେ ବାଲେଶ୍ୱରରେ ସେମାନଙ୍କ ଠାରୁ ଏହି ବିଲ୍ ସବୁ ନିଆଯାଉଛି। ସେମାନେ ଆଜି ଅତିରିକ୍ତ ଜିଲ୍ଲାପାଳଙ୍କ ସହ ଆଲୋଚନା କରିଛନ୍ତି। ଏ ନେଇ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ କହିଛନ୍ତି ଯେ, ପିଲାମାନଙ୍କ ସହ ଆଲୋଚନା ହୋଇଛି। ଜିଲ୍ଲାପାଳଙ୍କ ସହ ପୂର୍ଣ୍ଣାଙ୍ଗ ଭାବେ ଆଲୋଚନା ହେବାପରେ ଏହା ରେଡକ୍ରସ କିମ୍ବା ଅନ୍ୟ କୌଣସି ପାଣ୍ଠିରୁ ପ୍ରଦାନ କରାଯିବ ତାହା ଉପରେ ସମ୍ପୂର୍ଣ୍ଣ ଭାବେ ନିଷ୍ପତ୍ତି ନିଆଯିବ।

## ନିଶାମୁକ୍ତ ସଚେତନତା ଶୋଭାଯାତ୍ରା

ବାଲେଶ୍ୱର, ୧୮।୧୨(ସମିସ): ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ପ୍ରୟାସ ଆନୁକୂଲ୍ୟରେ ନିଶାମୁକ୍ତ ସମାଜ ଗଠନ ପାଇଁ ଏକ ସଚେତନତା ଶୋଭାଯାତ୍ରା ରେମୁଣା ବ୍ଲକ ଅନ୍ତର୍ଗତ କଲ୍ୟାଣପୁର ପଞ୍ଚାୟତରେ ଅନୁଷ୍ଠିତ ହୋଇଯାଇଛି। ଏହି ରାଲି ଉକ୍ତ ପଞ୍ଚାୟତର ତାଳମେଡ଼ି, କଲ୍ୟାଣପୁର, ପାଳସିଆ, ରାବଣେଶ୍ୱର ଆଦି ଗ୍ରାମ ପରିକ୍ରମା କରିବା ପୂର୍ବକ ଯୁବସମାଜ ନିଶା ରାକ୍ଷସଠାରୁ ଦୂରେଇ ରହିବା ପାଇଁ ମହିଳାମାନେ ସ୍ଲୋଗାନ ଦେଇଥିଲେ। ସମାଜସେବୀ ପ୍ରଭାତ ମହାନ୍ତି, ବାସନ୍ତୀ ପାକଳ, ସୁକାନ୍ତ ଦାସ, ରତିକାନ୍ତ ଜେନା, ସରୋଜ ମହାନ୍ତି, ଲକ୍ଷ୍ମୀନାରାୟଣ ଗିରି ଓ ରତିକାନ୍ତ ବାରିକ ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

## ଡିସେମ୍ବର ୩୧ ତାରିଖ ହେବ 'ବହି ତରାସ୍' ଦିବସ

ବାଲେଶ୍ୱର, ୧୮।୧୨(ସମିସ): ପାଶ୍ଚାତ୍ୟ ଦେଶ ତୁଳନାରେ ଭାରତର ପୁସ୍ତକ ପାଠକ ସଂଖ୍ୟା କ୍ରମଶଃ ହ୍ରାସ ପାଇବା ସମ୍ପ୍ରତି ଚିନ୍ତାର କାରଣ ହୋଇଛି। ଏହାକୁ ଦୃଷ୍ଟିରେ ରଖି ଦିଲ୍ଲୀରେ ଏକ ପୁରାତନ ପ୍ରକାଶନ ସଂସ୍ଥା 'କିତାବ୍ ତେରସ୍' ନାମକ ଏକ କାର୍ଯ୍ୟକ୍ରମ ଜରିଆରେ ବହି ବିକ୍ରିକୁ ବହୁଗୁଣ ବୃଦ୍ଧି କରିପାରିଛି। ଏହି ଘଟଣାକୁ ଗୁରୁତ୍ୱ ଦେଇ ବର୍ଷର ଶେଷ ଦିବସ ଅର୍ଥାତ୍ ଡିସେମ୍ବର ୩୧ ତାରିଖକୁ ଓଡ଼ିଶାରେ 'ବହି ତରାସ୍' ଦିବସ ଭାବରେ ପାଳନ କରିବା ପାଇଁ ଏବେ ସବୁ ମହଲରୁ ଚିନ୍ତା କରାଯାଉଛି। ବର୍ଷର ଶେଷ ଦିନରେ ପାଠକ ପାଠିକା ପ୍ରିୟ ପୁସ୍ତକ କିଣି ପୁରାତନ ବର୍ଷକୁ ସ୍ମରଣ ରଖିବା ସହିତ ଜଣେ ପାଠକ ବହି କିଣିବା ସହିତ ଅନ୍ୟ ପାଞ୍ଚ ଜଣ ବନ୍ଧୁଙ୍କୁ ବହି କିଣିବା ପାଇଁ ପ୍ରଭାବିତ କରାଇ ପାରିବ। ଏଭଳି ଅଭିଯାନ ଆରମ୍ଭ ପାଇଁ ଏବେ ଓଡ଼ିଶାର ଲେଖକ, ପାଠକ, ପ୍ରକାଶକ, ସାମ୍ବାଦିକ, ସ୍ତମ୍ଭକାର, ଛାତ୍ରଛାତ୍ରୀ ଏବଂ ଅଧ୍ୟାପକ ଅଧ୍ୟାପିକା ଚିନ୍ତା ପ୍ରକଟ କରିଛନ୍ତି। କାରଣ ପୁସ୍ତକ ପଠନ ଅଭ୍ୟାସ ହିଁ ବ୍ୟକ୍ତିକୁ ଜ୍ଞାନୀ, ଗୁଣୀ ଉଦାର ଓ ଦେବୋପମ କରାଇ ଥାଏ ବୋଲି ଏକ ଆଭାସି ବୈଠକରେ ମତ ପ୍ରକାଶ ପାଇଛି। ଏହି ପରିପ୍ରେକ୍ଷୀରେ କବି କୃଷ୍ଣ କୁମାର ମହାନ୍ତିଙ୍କ ଆବାହକତ୍ୱରେ ଏକ ଆଭାସି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଫେସର ସତ୍ୟପ୍ରିୟ ମହାଲିକ, ଡ. ହରିଶ୍ଚନ୍ଦ୍ର ବେହେରା, ଡ. ଶିରୀଶ୍ ଚନ୍ଦ୍ର ଜେନା, ସୈରିନ୍ଧ୍ରୀ ସାହୁ, ମମତା ମହାପାତ୍ର, ଡ. ରାଧାରଞ୍ଜନ ପଟ୍ଟନାୟକ, ଡ. କାଳୀପଦ ପଣ୍ଡା, ଅଭୟ ଦାସ, କବି ଶ୍ରୀଦେବ, କଲ୍ୟାଣୀ ନନ୍ଦ, ଡ. ସୁବାସ ଚନ୍ଦ୍ର ପାତ୍ର, ଡ. ରତ୍ନାକର ସିଂହ, ଅସିତ ମହାନ୍ତି, ରଞ୍ଜନ ବାଗ୍, ବିଜୟଲକ୍ଷ୍ମୀ ପଟ୍ଟନାୟକ, ଚନ୍ଦ୍ରମୋହନ ମହାପାତ୍ର, ନିହାର ରଞ୍ଜନ କର, ଡ. ବସନ୍ତ କୁମାର ଦାସ, ଡ. ଶିଶିର କୁମାର କର, ଉଦୟ ନାରାୟଣ ଦାସ, ପ୍ରଶାନ୍ତ ଦାସ ପ୍ରମୁଖ ସାରସ୍ୱତ ସାଧକ ଯୋଡ଼ି ହୋଇ 'ବହି ତରାସ୍' ଭଳି ଅନୁଚିନ୍ତାକୁ କାର୍ଯ୍ୟକାରୀ କରିବାର ଆଶା ବ୍ୟକ୍ତ କରିଛନ୍ତି। ସମଗ୍ର ଓଡ଼ିଶାରେ ଏଭଳି ଅଭିଯାନ ଆରମ୍ଭ କରାଯିବାର ଆବଶ୍ୟକତା ଅଛି ବୋଲି ସେମାନେ ମତ ଦେଇଛନ୍ତି।

## ଆଇନ ସଚେତନତା ଶିବିର

ବାଲେଶ୍ୱର, ୧୮।୧୨(ସମିସ): ଜିଲ୍ଲା ଏବଂ ଦୌରାଜଜ୍ ତଥା ଜିଲ୍ଲା ସେବା ପ୍ରାଧିକରଣ, ବାଲେଶ୍ୱରର ଅଧ୍ୟକ୍ଷ ସତ୍ୟନାରାୟଣ ମିଶ୍ରଙ୍କ ନିର୍ଦ୍ଦେଶ କ୍ରମେ ବାଲେଶ୍ୱର ସହର ଉପକଣ୍ଠସ୍ଥ ସୁନହଟ୍ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ସମ୍ମିଳନୀ କକ୍ଷରେ 'କର୍ମକ୍ଷେତ୍ରରେ ମହିଳାଙ୍କ ଯୌନ ଉତ୍ପୀଡନ (ପ୍ରତିରୋଧ, ନିଷେଧ ଏବଂ ପ୍ରତିକାର) ଅଧିନିୟମ ସମ୍ପର୍କିତ ଏକ ସଚେତନା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ସଚେତନତା କାର୍ଯ୍ୟକ୍ରମରେ ଜିଲ୍ଲା ଆଇନସେବା ପ୍ରାଧିକରଣ, ବାଲେଶ୍ୱରର ସଚିବ ପ୍ରିୟ ରଞ୍ଜନ ଓଝା ସଭାପତିତ୍ୱ କରି ଉପରୋକ୍ତ ଆଇନର ବିଭିନ୍ନ ପ୍ରାବଧାନ ସମ୍ପର୍କରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିଭିଲ୍ ଜଜ୍ ଅନ୍ ପ୍ରୋବେସନ୍ ପବିତ୍ର ମୋହନ ପଣ୍ଡା, ବାଲେଶ୍ୱର ଜିଲ୍ଲାର ଚିଫ୍ ଲିଗାଲ ଏଡ୍ ଡିଫେନ୍ସ କାଉନସେଲର ନଟଗୋପାଳ ପଣ୍ଡା, ଉପରୋକ୍ତ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଇନ୍‌ଚାର୍ଜ ଡା. ସବିତା ଦାସ, ପାରାଲିଗାଲ ସ୍ୱେଚ୍ଛାସେବୀ ବିକ୍ରମ ବାରିକ୍ ପ୍ରମୁଖ ଯୋଗଦେଇ ଥିଲେ।

## 'ବ୍ରିକ୍ସ' ଯୁବ ବୈଜ୍ଞାନିକ ସମ୍ମିଳନୀରେ ବାଲେଶ୍ୱରର ଝିଅ ମେଧା ନାୟକ

ବାଲେଶ୍ୱର, ୧୮ ।୧୨(ସମିସ): ବାଲେଶ୍ୱର ସହର ପୁଲିସ ଲାଇନ ଅଞ୍ଚଳର ସୁବ୍ରତ ନାୟକଙ୍କ ଝିଅ ମେଧା ନାୟକ। ସେ ପିଲାଟି ବେଳୁ ବନ୍ୟପ୍ରାଣୀ ଓ ପ୍ରକୃତିକୁ ଭଲ ପାଉଥିଲେ। ସ୍କୁଲ ଏବଂ କଲେଜ ଶିକ୍ଷା ସମାପ୍ତ ହେବା ପରେ ୨୦୧୩ରୁ ୨୦୧୫ପର୍ଯ୍ୟନ୍ତ ନୂଆଦିଲ୍ଲୀ ଜବାହରଲାଲ ନେହରୁ ବିଶ୍ୱବିଦ୍ୟାଳୟରୁ ସୋସିଓଲୋଜିରେ ପିଜି କରିଥିଲେ। ପରେ ୨୦୧୬ରୁ୨୦୨୧ପର୍ଯ୍ୟନ୍ତ ନାଇଜର ଏବଂ ହୋମିଭାବା ନ୍ୟାସନାଲ ଇନଷ୍ଟିଚ୍ୟୁଟ ରୁ ହାତୀ ଓ ମଣିଷର ସମ୍ପର୍କରେ ସୋସିଓଲୋଜିରେ ପିଏଚଡି କରିଥିଲେ। ୨୦୨୧ରୁ ୨୦୨୨ପର୍ଯ୍ୟନ୍ତ ଫକୀରମୋହନ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ସୋସିଓଲୋଜିରେ ଗେଷ୍ଟ ଫେକଲଟି ଭାବେ କାର୍ଯ୍ୟ କରିଥିଲେ। ୨୦୨୪ ରେ ରାଉରକେଲା ଏନଆଇଟିରେ ଆସିଷ୍ଟାଂଟ ପ୍ରଫେସର ଭାବେ ଚାକିରୀ ଜୀବନ ଆରମ୍ଭ କରିଛନ୍ତି। ଏହି ସମୟରେ ରୁଷର ସୋଚୀସହରରେ ହୋଇଥିବା 'ବ୍ରିକସ' ସମ୍ମିଳନୀରେ ଭାରତରୁ ପ୍ରତିନିଧିତ୍ୱ କରିବା ପାଇଁ ତାଙ୍କୁ ସୁଯୋଗ ମିଳିଥିଲା। ଏଥିରେ ଭାରତ, ରୁଷ, ଚୀନ, ଦକ୍ଷିଣ ଆଫ୍ରିକା ବ୍ୟତୀତ ବ୍ରିକସ ଦେଶର ନୂତନ ସଦସ୍ୟ ଦେଶ ଭାବେ ଇରାନ, ଇଜିପ୍ଟ, ଇଥିଓପିଆ ଯୋଗ ଦେଇଥିଲେ। ଏହି ସମ୍ମିଳନୀରେ ୧୫୦ଜଣ ଯୁବ ବୈଜ୍ଞାନିକ ଯୋଗ ଦେଇଥିଲେ।

ଅନ୍ୟପଟେ ଭାରତ ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ପକ୍ଷରୁ ଚୟନ କରାଯାଇ ୧୨ ଜଣିଆ ଯୁବ ବୈଜ୍ଞାନିକ ପ୍ରତିନିଧିମଣ୍ଡଳି ଗଠିତ ହୋଇଥିଲା। ଏହି ପ୍ରତିନିଧି ମଣ୍ଡଳୀରେ




ରାଉରକେଲା ଏନଆଇଟିର ଖାଦ୍ୟ ପ୍ରକ୍ରୀୟା କରଣ ଯାନ୍ତ୍ରିକ ବିଭାଗର ଆସିଷ୍ଟାଂଟ ପ୍ରଫେସର ମଧୁରେଷ ଦ୍ୱିବେଦୀ ଓ ସୋସିଓଲୋଜି ବିଭାଗର ଆସିଷ୍ଟାଂଟ ପ୍ରଫେସର ମେଧା ନାୟକ ଯୋଗ ଦେଇଥିଲେ। ମେଧା ହାତୀ ମଣିଷର ସମ୍ପର୍କ ତଥା ଭାବ ଆଦାନ ପ୍ରଦାନ ସମ୍ପର୍କରେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଉପସ୍ଥାପନ କରିଥିଲେ।

## ସାହସୀ ମହିଳା

# ହାରିଲା କର୍କଟ, ଜିତିଲେ ସ୍ୱୟଂଶ୍ରୀ

ବାଲେଶ୍ୱର, ୧୮।୧୨(ସମିସ): 'ଅସ୍ତ୍ରୋପଚାର ପରେ ମୋତେ ଏକ ନୂଆ ଜୀବନ ମିଳିଛି। ମୁଁ କେବେ ଭାବିନଥିଲି ଏତେ କମ୍ ବୟସରେ ଏପରି ଏକ ଜଟିଳ ରୋଗକୁ ମୁଁ ସାମ୍ନା କରିବି। ମୋ ବାହାଘରକୁ ମାତ୍ର ୪ ବର୍ଷ। ପିଲା ପାଇଁ ଯୋଜନା କରୁଥିବା ସମୟରେ ସ୍ତନକର୍କଟ ତୃତୀୟ ପର୍ଯ୍ୟାୟକୁ ସାମ୍ନା କରିଲି। ଦୃଢ ଭାବେ ନିଜର ଚିକିତ୍ସା ଓ ଅସ୍ତ୍ରୋପଚାର କରାଇ ମୁଁ ସଫଳ ହୋଇପାରିଛି ବୋଲି କହିଛନ୍ତି ଜଣେ ସ୍ତନ କର୍କଟ ଯୋଦ୍ଧା। ସେ ହେଉଛନ୍ତି ବାଲେଶ୍ୱରର ସାହସୀ ମହିଳା ଉଦ୍ୟୋଗୀ ସ୍ୱୟଂଶ୍ରୀ ପଟ୍ଟନାୟକ।



ସୂଚନାଯୋଗ୍ୟ, ସ୍ୱୟଂଶ୍ରୀଙ୍କ ଘର ପଶ୍ଚିମ ଓଡ଼ିଶାର ସମ୍ବଲପୁରରେ ହୋଇଥିବା ବେଳେ ଉତ୍ତର ଓଡ଼ିଶା ବାଲେଶ୍ୱର ସହର ଅଙ୍ଗାରଗଡ଼ିଆର ସିଲାବ ସତ୍ୟକାମଙ୍କୁ ବିବାହ କରିଛନ୍ତି। ସ୍ୱୟଂଶ୍ରୀ ଜଣେ ଉଦ୍ୟୋଗୀ ହୋଇଥିବା ବେଳେ ସିଲାବଙ୍କ ଏକ ମେଡ଼ିସିନ୍ ସପ୍ ରହିଛି। ଷ୍ଟେସନ ଛକ ନିକଟରେ ସ୍ୱୟଂଶ୍ରୀଙ୍କ ନିଜର ଏସଜେ ଜୁଏଲ୍ସ ନାମରେ ୱାନ୍ ଗ୍ରାମ୍ ଫର୍ମିଙ୍ଗ୍ ଜୁଏଲାରୀ ସପ୍ ଏବଂ ମେନୁଫେକ୍‌ଚରିଙ୍ଗ୍ ବି ରହିଛି। ଯେଉଁଠାରେ ସେ କିଛି ଜଣଙ୍କୁ ନିଯୁକ୍ତି ମଧ୍ୟ ଦେଇପାରିଛନ୍ତି। ଏଥିସହିତ ସ୍ୱୟଂଶ୍ରୀ ଲାଇନ୍ସ ଉମଙ୍ଗର ସଦସ୍ୟା ମଧ୍ୟ ରହିଛନ୍ତି। ତେବେ ବାହାଘରର ଦୁଇ ବର୍ଷ ପରେ ସ୍ୱୟଂଶ୍ରୀ ଶାଶୂ ଶୈଳଜେମାଙ୍କ ସହଯୋଗରେ ମଦର୍ ଟେରେସା ପବ୍ଲିକ ସ୍କୁଲରେ କମ୍ପ୍ୟୁଟର ଶିକ୍ଷୟିତ୍ରୀ ଭାବେ କାମ ଆରମ୍ଭ କରିଥିଲେ। ଏହା ପରେ ୨୦୨୩ ମସିହା ମେ ମାସରେ ଖୋଲିଲେ ନିଜର ଏସ୍ ଜେ ଜୁଏଲ୍ସ। ଶିକ୍ଷୟିତ୍ରୀ ସହ ନିଜର ବ୍ୟବସାୟକୁ ମଧ୍ୟ ବେଶ ଭଲଭାବେ ଆଗେଇ ନେଉଥିଲେ ସ୍ୱୟଂଶ୍ରୀ। ମାତ୍ର ଚଳିତ ବର୍ଷ ଏପ୍ରିଲ ମାସ ବେଳକୁ ସ୍ୱୟଂଶ୍ରୀଙ୍କ ହଠାତ୍ ସ୍ତନ କର୍କଟ ହୋଇଥିବା ଜାଣିବାକୁ ପାଇଲେ। ଜାଣିବା ପରେ ସେ ପ୍ରଥମେ ନିଜର ଶିକ୍ଷକତା ଚାକିରି ଛାଡିଥିଲେ। ପରେ ସ୍ୱାମୀ ତଥା ଶାଶୂଘର ଲୋକଙ୍କ ସହଯୋଗ ଓ ସମର୍ଥନରେ କର୍କଟ ଚିକିତ୍ସା ପାଇଁ ପୁନେ ଗଲେ। ସେଠାରେ ପ୍ରଥମ ଚାରି ମାସ କେମୋଥେରାପି ଚାଲିଲା ଏବଂ ଏହାପରେ ଗୋଟେ ମାସ ବ୍ୟବଧାନ ପରେ ଅସ୍ତ୍ରୋପଚାର କରାଯାଇ ପ୍ଲାଷ୍ଟିକ ସର୍ଜରୀରେ ସିଲିକନ୍ ଦ୍ୱାରା ନୂଆ ସ୍ତନ ଗଠନ କରାଗଲା। ଏହାପରେ ୨୫ଟି ରେଡିଏସନ୍ ଥେରାପିର ୩/୪ ଦିନ ପରେ ସ୍ୱୟଂଶ୍ରୀ ନଭେମ୍ବର ପ୍ରଥମ ସପ୍ତାହରେ ନୂଆ ଜୀବନ ପାଇ ବାଲେଶ୍ୱରକୁ ଫେରିଛନ୍ତି। ମାନସିକ ସ୍ତରରେ ହାରିନଯାଇ ତାଙ୍କ ସ୍ୱାମୀ, ଶାଶୁ ଶ୍ୱଶୁର, ପରିବାର ଲୋକ ଏବଂ ସାଙ୍ଗଙ୍କ ସହଯୋଗରେ ସେ ଆଜି କର୍କଟକୁ ହରାଇଛନ୍ତି।

ସ୍ୱୟଂଶ୍ରୀ କହନ୍ତି, ବର୍ତ୍ତମାନ ମୋ ଜୀବନ ବଦଳି ଯାଇଛି। ବହୁତ କିଛି ପ୍ରତିବନ୍ଧକ ଅଛି। କିନ୍ତୁ ମୋ ଶାଶୂ ଶଶୁରଙ୍କୁ ଏଥିପାଇଁ ଧନ୍ୟବାଦ ଦେବି ଯେ ସେମାନେ ମୋତେ ଝିଅ ପରି ରଖିଛନ୍ତି ଏହି ସମୟରେ। ମୁଁ ମୋ କାହାଣୀ ମାଧ୍ୟମରେ ସମସ୍ତଙ୍କୁ ପ୍ରେରିତ କରାଇବାକୁ ଚାହୁଁଛି। ଏବେକାର ଜୀବନଶୈଳୀ ଯେମିତି ହେଲାଣି ଯାହା କର୍କଟ ହେବାର କାରଣ ହୋଇପାରେ। ତେଣୁ ମହିଳାମାନେ ନିଜେ ନିଜର ଆତ୍ମ ଚିହ୍ନଟ କରିବା ଜରୁରୀ। ଋତୁସ୍ରାବର ୭ ଦିନ ପୂର୍ବରୁ ବା ୭ ଦିନ ପରେ ନିଜର ସ୍ତନ ପରୀକ୍ଷା କରିବା ଦରକାର। କିଛି ବି ଭିନ୍ନତା ଜଣାପଡ଼ିଲେ ଡାକ୍ତରଙ୍କ ପାଖକୁ ଯିବା ଆବଶ୍ୟକ। କାରଣ ଯେତେ ଶୀଘ୍ର ଚିକିତ୍ସା ଆରମ୍ଭ ହେବ ସେତେ ଶୀଘ୍ର ଜଣେ ସୁସ୍ଥ ହୋଇପାରିବ ବୋଲି ସ୍ୱୟଂଶ୍ରୀ କହିଛନ୍ତି।

## ୨୦ରୁ ୪ଦିନିଆ ଶିଳ୍ପ ଓ ଗ୍ରାହକ ଏକ୍ସପୋ

ବାଲେଶ୍ୱର, ୧୮ ।୧୨(ସମିସ): ଓଡ଼ିଶା ସରକାରଙ୍କ କ୍ଷୁଦ୍ର, ଲଘୁ ଓ ମଧ୍ୟମ ଉଦ୍ୟୋଗ (ଏମଏସଏମଇ) ବିଭାଗ ସହଯୋଗରେ 'ଉତ୍ତର ଓଡ଼ିଶା ଚାମ୍ବର ଅଫ କମର୍ସ ଏଣ୍ଡ ଇଣ୍ଡଷ୍ଟ୍ରିଜ ପକ୍ଷରୁ ୪ଦିନିଆ 'ଶିଳ୍ପ ଓ ଗ୍ରାହକ ଏକ୍ସପୋ ଏବଂ ଅଟୋ ଏକ୍ସପୋ' ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଏ ନେଇ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ନୋସିର ଉପ ସଭାପତି ସୁବ୍ରତ ନାୟକ, ସମ୍ପାଦକ ହରିଶ ପଟେଲ, ନୋସି ଟ୍ରଷ୍ଟ ବୋର୍ଡ ସଦସ୍ୟ ଚନ୍ଦ୍ରପ୍ରକାଶଭରତିଆ ଏବଂ କାର୍ଯ୍ୟକାରୀସଦସ୍ୟତଥାଅଟୋ ଏକ୍ସପୋ ଆୟୋଜନ କମିଟି ମୁଖ୍ୟ ସୋନୁ ଖଣ୍ଡେଲୱାଲ ପ୍ରମୁଖ ଯୋଗଦେଇ ଆସନ୍ତା ୨୦ତାରିଖରୁ ବାମପଦା ସ୍ଥିତ ନୋସି ବିଜନେସ ପାର୍କ ଠାରେ ହେବାକୁ ଯାଉଥିବା 'ଶିଳ୍ପ ଓ ଗ୍ରାହକ ଏକ୍ସପୋ ଏବଂ ଅଟୋ ଏକ୍ସପୋ'ର ରୂପରେଖ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ୨୩ ତାରିଖ ପର୍ଯ୍ୟନ୍ତ ଏହି ଏକ୍ସପୋ ଚାଲିବା ସହିତ ଏଥିରେ ରାଜ୍ୟ ତଥା ଉତ୍ତର ଓଡ଼ିଶାର ଉତ୍ପାଦିତ ବିଭିନ୍ନ ସାମଗ୍ରୀ, ଖାଦ୍ୟ ପ୍ରକ୍ରିୟାକରଣ ଓ ରପ୍ତାନୀ ଦ୍ରବ୍ୟର ଶିଳ୍ପାନୁଷ୍ଠାନ ଏବଂ ଦେଶର ଖ୍ୟାତନାମା ଯାନବାହାନ ନିର୍ମାତା ଅଂଶଗ୍ରହଣ କରିବେ। ଏଥିରେ ମୋଟ ୧୧୫ଟି ଷ୍ଟଲ ପଡ଼ିବ। ୪ଦିନ ମଧ୍ୟରେ ଶିଳ୍ପ ସମ୍ମିଳନୀ ସହିତ ବଡ ଧରଣର ବ୍ୟବସାୟିକ କାରବାର ହେବ। ଏହି ଏକ୍ସପୋରେ ବହୁ ସଂଖ୍ୟାରେ ଜନସାଧାରଣ ଯୋଗଦେବାକୁ ନୋସିର ଅଧ୍ୟକ୍ଷ ପ୍ରଜୟ କୁମାର ଡାଭେ, କାର୍ଯ୍ୟକାରୀ ସଦସ୍ୟ ଶିବ କୁମାର ପୋଦ୍ଦାର ଓ ଦେବାଶିଷ ଦାସ ପ୍ରମୁଖ ନିବେଦନ କରିଛନ୍ତି।



ଜଗନ୍ନାଥ ଟ୍ରକ୍ ମାଲିକ ସଂଘ
ଲକପଡା, ଅଠରବାଙ୍କି, ପାରାଦୀପ
ଦୈନିକ 'ସକାଳ' ଖବରକାଗଜର ୪ର୍ଥ ସ୍ୱନକ୍ଷତ୍ର ଅବସରରେ ହାର୍ଦ୍ଦିକ ଶୁଭକାମନା।
ରାକେଶ କୁମାର ଜେନା, ସଭାପତି
ବିଜୟ କୁମାର ପରିଡା, କାର୍ଯ୍ୟକାରୀ ସଭାପତି
ସରୋଜ ମହାପାତ୍ର, ଉପସଭାପତି
ବିଶ୍ୱ ରଞ୍ଜନ ପଲାଇ, ସମ୍ପାଦକ
ସୁଧୀର କୁମାର ଜେନା, ସହ-ସମ୍ପାଦକ
ମାନସ ପାତ୍ର, କୋଷାଧକ୍ଷ

Heartfelt congratulations to 'The Sakala' on its remarkable journey of four glorious years !
Best Compliments from
JSW Utkal Steel Ltd., Paradip

## ମେଡିକାଲ କଲେଜ ପ୍ରତିଷ୍ଠା ପ୍ରସଙ୍ଗ

# ତାରିଖ ଘୋଷଣା ଓ ନାମକରଣ ଲାଗି କ୍ରିୟାନୁଷ୍ଠାନ କମିଟିର ଦାବିପତ୍ର

ଭଦ୍ରକ,୧୮ ।୧୨ (ସମିସ)

ରାଜ୍ୟ ସରକାର ପ୍ରତ୍ୟେକ ଜିଲ୍ଲାରେ ମେଡିକାଲ କଲେଜ ପ୍ରତିଷ୍ଠା ହେବ ବୋଲି ଘୋଷଣା କରିଛନ୍ତି। ଦୀର୍ଘବର୍ଷ ଧରି ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଦାବି କରି ଆସୁଥିବା ବେଳେ ସରକାରଙ୍କ ଏହି ଘୋଷଣାକୁ କ୍ରିୟମାନୁଷ୍ଠାନ କମିଟି ପକ୍ଷରୁ ସ୍ୱାଗତ କରାଯାଇଛି। ଗତକାଲି କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହେବା ପରେ ଆଜି କମିଟି ପକ୍ଷରୁ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଭଦ୍ରକରେ ମୌଳିକ ଦାବି ଦୃଷ୍ଟିରୁ ସର୍ବପ୍ରଥମେ ମେଡିକାଲ କଲେଜ ପ୍ରତିଷ୍ଠା ହେବା ଉଚିତ। ଗତ ସାଧାରଣ ନିର୍ବାଚନୀ ସଭାରେ ଗୃହମନ୍ତ୍ରୀ ସରକାର ବଦଳିଲେ ଭଦ୍ରକରେ ୬ ମାସ ମଧ୍ୟରେ ମେଡିକାଲ କଲେଜ ହେବ ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ।



ଏହି ମର୍ମରେ କ୍ରିୟାନୁଷ୍ଠାନ କମିଟି ତରଫରୁ ଆଜି ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏଙ୍କୁ ସଦ୍‌ଭାବନା ଗୃହରେ ଭେଟି ଆଲୋଚନା କରିବା ସହ ଦାବିପତ୍ର ଦିଆଯାଇଛି। ଭଦ୍ରକରେ ସରକାରୀ ମେଡିକାଲ କଲେଜ କେବେ କେଉଁ ଦିନ ପ୍ରତିଷ୍ଠା ହେବ ତୁରନ୍ତ ତାରିଖ ଘୋଷଣା କରିବା, ସରକାରୀ ମେଡିକାଲ କଲେଜକୁ ଉତ୍କଳକେଶରୀ ଡ. ହରେକୃଷ୍ଣ ମହତାବଙ୍କ ନାମରେ ନାମିତ କରିବା, ଭଦ୍ରକରେ ବର୍ତ୍ତମାନ ଚାଲୁଥିବା ମେଡିକାଲକୁ ସିଟି ହସ୍ପିଟାଲ ଭାବରେ ଘୋଷଣା କରିବା ଓ ଭଦ୍ରକର ନୂତନ ମେଡିକାଲ ଉଦ୍‌ଘାଟନ ସମୟରେ ମେଡିକାଲ କଲେଜର ଭିତିପ୍ରସ୍ତର ସ୍ଥାପନ କରିବାକୁ ଦାବି ରହିଛି। ଆଲୋଚନା ବେଳେ ସଂଗ୍ରାମ ଆଚାର୍ଯ୍ୟ, ଦୀନବନ୍ଧୁ ପତି, ରାଧାରାଣୀ ମହାପାତ୍ର, ଶ୍ରୀହର୍ଷ ସ୍ୱାଇଁ, ବଦ୍ରୀନାରାୟଣ ଧଳ, ଶରତ ପଢିଆରୀ, ଗୀତାରାଣୀ ଆଇଚ, ସନ୍ତୋଷ ଦାସ, ତ୍ରୈଲୋଚନ ବେଉରିଆ, ଶାନ୍ତନୁ କୁମାର ରାଉତ, ଅବଦୁଲ ମୁକିତ ଖାଁ, ପ୍ରକାଶ ସ୍ୱାଇଁ, ସ୍ୱାଧୀନସୁନ୍ଦର ଦାସ, ପ୍ରଦୀପ୍ତ ବିଶ୍ୱାଳ, ଦିଲ୍ଲିପ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ଜିଲ୍ଲାପାଳ ଶ୍ରୀ ରାଉତରାଏ ମେଡିକାଲ କଲେଜ ପ୍ରତିଷ୍ଠା ଲାଗି ସ୍ଥାନ ନିରୂପଣ କରୁଛୁ ଓ ଏହାପରେ ସରକାର ତାରିଖ ଘୋଷଣା କରିବା ପାଇଁ ପଥପରିଷ୍କାର ହେବ ବୋଲି କହିଥିଲେ।

## କାର୍ ଦୁର୍ଘଟଣା; ୪ ଗୁରୁତର

**ବାରିକପୁର/ଧାମନଗର, ୧୮।୧୨(ସମିସ):** ଭଣ୍ଡାରିପୋଖରୀ ବ୍ଲକ ଦେଇ ଯାଇଥିବା ୧୬ନମ୍ବର ଜାତୀୟ ରାଜପଥର ବାରିକପୁରସ୍ଥିତ ମା' କାଳିତ୍ରାଙ୍କ ପୀଠ ନିକଟରେ ଏକ କାର ଦୁର୍ଘଟଣାଗ୍ରସ୍ତ ହେବାରୁ ଏଥିରେ ଯାଉଥିବା ଗୋଟିଏ ପରିବାରର ୪ଜଣ ସଦସ୍ୟ ଗୁରୁତର ଆହତ ହୋଇଛନ୍ତି। ଧାମନଗର ମୁନସୀ ପାଟଣା ଗ୍ରାମର ସେକ ବାବୁଙ୍କ ସମେତ ବୋହୂ, ଝିଅ ଓ ପୁଅ ସେକ ଜାନି ଏକ କାରରେ ଭଦ୍ରକ ଯାଉଥିଲେ। ସନ୍ଧ୍ୟା ପ୍ରାୟ ୫ଟା ବେଳେ କାରଟି ରାଜପଥ ପାର୍ଶ୍ୱରେ ଥିବା ଏକ ନିର୍ମାଣାଧୀନ ଖାତ(ଡ୍ରେନ)କୁ ଖସି ପଡିଥିଲା। ଦୁର୍ଘଟଣା ପରେ ସ୍ଥାନୀୟ ଲୋକମାନେ ଗୁରୁତରଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଭଦ୍ରକ ମେଡିକାଲ ପଠାଇଛନ୍ତି। ଖବର ପାଇ ଧାମନଗର ପୁଲିସ ତଦନ୍ତ ଆରମ୍ଭ କରିଛି। ଖବର ଲେଖା ହେବା ଯାଏଁ ଆହତଙ୍କ ସମ୍ପର୍କରେ ସବିଶେଷ ବିବରଣୀ ମିଳିନାହିଁ।

## ୪ ବାଲି ଟ୍ରକ୍‌କୁ ଲକ୍ଷାଧିକ ଟଙ୍କା ଜରିମାନା

**ବାରିକପୁର,୧୮।୧୨(ସମିସ):** ଭଣ୍ଡାରିପୋଖରୀ ଥାନା ଷୋଳମପୁର ପଞ୍ଚାୟତ ମଣୀନାଥପୁର ନିକଟ ବୈତରଣୀ ଓ ଗେଙ୍ଗୁଟି ନଦୀର ମିଳନସ୍ଥଳରୁ ବାଲି ଚୋରି କରିବାକୁ ଆସିଥିବା ଚାରିଟି ଟ୍ରକଠାରୁ ଜରିମାନା ଆଦାୟ କରାଯାଇଛି। ଗତ ମଙ୍ଗଳବାର ରାତି ପ୍ରାୟ ଆଠଟା ସମୟରେ ନଦୀର ବଲ୍ଲଭିଘାଟ ସେତୁ ନିକଟରୁ ବାଲି ଚୋରି ହେଉଥିବା ବେଳେ ସ୍ଥାନୀୟ ଲୋକେ ପହଞ୍ଚି ଚାରିଟି ଟ୍ରକକୁ ଅଟକାଇ ଥାନାକୁ ଖବର ଦେଇଥିଲେ। ଲଘୁ ଖଣିଜ ପଦାର୍ଥ ଚୋରାଚାଲାଣ ରୋକିବା ପାଇଁ ଗଠନ ହୋଇଥିବା କମିଟିର ସଦସ୍ୟ ତଥା ତହସିଲଦାର ସରୋଜକାନ୍ତ ନାୟକ, ଥାନାଧିକାରୀ ବିରେନ୍ଦ୍ର ସେନାପତି ଓ ଜିଲ୍ଲା ଖଣି ନଗମ ଅଧିକାରୀ ଅନିଲ ଦାସ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ଗାଡ଼ିଗୁଡ଼ିକୁ ଜବତ କରିଥିଲେ। ତହସିଲ କାର୍ଯ୍ୟାଳୟ ଠାରେ ଖଣି ନଗମ ପକ୍ଷରୁ ଚୋରାଚାଲାଣ ପାଇଁ ଯାଇଥିବା ଅଭିଯୋଗରେ ୪ଟି ଟ୍ରକଠାରୁ ୧ଲକ୍ଷ ୨୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଏହାଛଡ଼ା ଭବିଷ୍ୟତରେ ଚୋରା ଚାଲାଣରେ ଲିପ୍ତ ହେବେ ନାହିଁ ବୋଲି ଗାଡି ମାଲିକମାନେ ଘୋଷଣାନାମା କରିବା ପରେ ଟ୍ରକ୍‌ଗୁଡ଼ିକୁ ଛଡ଼ାଯାଇଛି।

## ପ୍ରେମିକାର ଘର ଜାଳିଦେଲା ବିଫଳ ପ୍ରେମିକ

**ଦୋବଲ, ୧୮।୧୨(ସମିସ):** ଧାମନଗର ଅଞ୍ଚଳରେ ଜଣେ ପ୍ରେମ କରି ବିଫଳ ହେଲା ପରେ ପ୍ରେମିକାଙ୍କ ଘରେ ନିଆଁ ଲଗାଇ ଦେଇଛି। ଚୂଡାକୁଟି ପଞ୍ଚାୟତ ବିଦ୍ୟାଧରପୁର ଗାଁର ଜ୍ୟୋତିରଞ୍ଜନ



ଦାସ (୨୮) ଆନନ୍ଦପୁର ପଞ୍ଚାୟତ ଗୋପାଳ ସାହିର ଜଣେ ଯୁବତୀଙ୍କୁ ଭଲ ପାଇଆସୁଥିଲା। ଜ୍ୟୋତି ଉକ୍ତ ଯୁବତୀଙ୍କୁ ବାରମ୍ବାର ଦେଖା କରିବା ପାଇଁ ବାଧ କରିବା ସହ ବିବାହ ପାଇଁ ଜିଦ୍ ଧରି ବସିଥିଲା। ପ୍ରେମିକା ବିବାହ ପାଇଁ ରାଜି ନହେବାରୁ ଉଭୟଙ୍କ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଭାଇରାଲ କରିଥିବା ଅଭିଯୋଗ କରିଛନ୍ତି ଯୁବତୀ ଜଣଙ୍କ। କେବଳ ସେତିକି ନୁହେଁ ଦୁଇ ଦୁଇ ଥର ଉକ୍ତ ପ୍ରେମିକ ଯୁବତୀଙ୍କ ଘରେ ନିଆଁ ଲଗାଇ ଦେଇଛନ୍ତି। ଫଳରେ ୫ ବଖରା ଘର ଜଳି ଯିବା ସହ ସମସ୍ତ ସୁନା ଗହଣା, ଆସବାବପତ୍ର, ଚାଉଳ ଓ ସମସ୍ତ ଦରକାରୀ କାଗଜପତ୍ର ପୋଡ଼ି ପାଉଁଶ ହୋଇଯାଇଛି। ଯୁବତୀ ଜଣକ ଏନେଇ ଥାନାରେ ଅଭିଯୋଗ କରିବା ପରେ ଧାମନଗର ପୁଲିସ ଘଟଣାର ତଦନ୍ତ କରୁଛି। ସେପଟେ ଯୁବତୀଙ୍କ ଅଭିଯୋଗ ପରେ ପ୍ରେମିକ ଫେରାର ହୋଇଯାଇଛି। ତେବେ, ଅଭିଯୁକ୍ତକୁ ତୁରନ୍ତ ଗିରଫ କରା ନଗଲେ ଆଗାମୀ ଦିନରେ ସେ ଆହୁରି କିଛି କାଣ୍ଡ କରିପାରେ ବୋଲି ପରିବାର ଲୋକେ ଅଭିଯୋଗ କରି କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଧାମନଗର ପୁଲିସ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି।

## ବସ୍ ଚଳାଚଳରେ ଅଚଳାବସ୍ଥା ଜାରି

**ବନ୍ତ/ଆଗରପଡ଼ା,୧୮।୧୨(ସମିସ):** ଭଦ୍ରକ-ଆନନ୍ଦପୁର ରାସ୍ତାରେ ଗମନାଗମନ ସ୍ୱାଭାବିକ ହୋଇ ପାରି ନଥିବା ଜଣାପଡ଼ିଛି। ଏହି ସମସ୍ୟାକୁ ୪ଦିନ ବିତିବାକୁ ବସିଥିବା ଦ୍ୱାରା ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଉକ୍ତ ରାସ୍ତା ୫୩ନମ୍ବର ରାଜ୍ୟ ରାଜପଥ ହୋଇଥିବାରୁ ବିଭିନ୍ନ ଜିଲ୍ଲାକୁ ସଂଯୋଗ କରୁଛି। ଭଦ୍ରକ ଜିଲ୍ଲା ସହ ଅନ୍ୟ ଜିଲ୍ଲାର ବାସିନ୍ଦା ମଧ୍ୟ ବହୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଯଥାଶୀଘ୍ର ଏହାର ଏକ ସ୍ଥାୟୀ ସମାଧାନ କରିବା ପାଇଁ ବିଭିନ୍ନ ମହଲରୁ ଦାବି ହେଉଛି।

## ମେଡିକାଲ ଛକରୁ ଜବରଦଖଲ ଉଚ୍ଛେଦ

**ବାରିକପୁର,୧୮ ।୧୨(ସମିସ):** ଭଣ୍ଡାରିପୋଖରୀ ମେଡିକାଲ ଛକଠାରୁ ଦୁଇଟି ବେଆଇନ ଗୃହ ସହ ପାଚେରିକୁ ସ୍ଥାନୀୟ ପ୍ରଶାସନ ଉଚ୍ଛେଦ କରିଛି। ମାଜିଷ୍ଟ୍ରେଟ ତଥା ତହସିଲଦାରଙ୍କ ଉପସ୍ଥିତି ରେ ବେଆଇନ ନିର୍ମାଣକୁ ଭଙ୍ଗା ଯାଇଥିଲା। ଆଇନଶୃଙ୍ଖଳା ପରିସ୍ଥିତିକୁ ଆଖିଆଗରେ ରଖି ଥାନାଧିକାରୀ ବିରେନ୍ଦ୍ର ସେନାପତିଙ୍କ ନେତୃତ୍ୱରେ ପୁଲିସ ଫୋର୍ସ ମୁତୟନ ହୋଇଥିଲେ। ଏହାଛଡା ଉଚ୍ଛେଦ ସମୟରେ ପୁଲିସ ବିଭାଗର ଅନ୍ୟାନ୍ୟ ଅଧିକାରୀ, ରାଜସ୍ୱ ଅଧିକାରୀ, ସ୍ଥାନୀୟ ରାଜସ୍ୱ ନିରିକ୍ଷକ ପ୍ରମୁଖ ଉପସ୍ଥିତ ଥିଲେ। ଉଚ୍ଛେଦ ପରେ ସରକାରୀ ସ୍ଥାନକୁ ରାସ୍ତା ନିର୍ମାଣ ସକାଶେ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରା ଯାଇଥିବା ତହସିଲଦାର ସୂଚନା ଦେଇଛନ୍ତି।

## ଅବସରପ୍ରାପ୍ତ ସେବିକାଙ୍କ ପରଲୋକ

**ଅସୁରାଳି,୧୮ ।୧୨(ସମିସ):** ଧାମନଗର ବ୍ଲକ ପାଳସାହି ପଞ୍ଚାୟତ ସାଆଁଳପୁର ଗାଁର ଅବସରପ୍ରାପ୍ତ ସେବିକା ରମାମଣି ରାୟଙ୍କର ହୃଦଘାତରେ ପରଲୋକ ଘଟିଛି। ସ୍ୱର୍ଗତ ରମାମଣିଙ୍କ ମୃତ୍ୟୁକୁ ନେଇ ପାଳସାହି ସମେତ ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ରମାମଣି ୪୫ବର୍ଷ ଧରି ଧୁଷୁରୀ ସମେତ ପାଳସାହି



ଆଦି ସ୍ୱାସ୍ଥ୍ୟକେନ୍ଦ୍ରରେ ସେବିକା ଭାବେ କାର୍ଯ୍ୟ କରିବା ସହ ଜଣେ ଧର୍ମପରାୟଣ ମହିଳା ଥିଲେ। ତାଙ୍କ ମୃତ୍ୟୁ ସମୟରେ ସ୍ୱାମୀ ରାମକୁମାର ରାୟଙ୍କ ସହ ୪ପୁଅ ରଞ୍ଜନ, ମନୋଜ, କଳିଙ୍ଗ, ରଜତ ଓ ଜ୍ଞାତି କୁଟୁମ୍ବ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ବଡ଼ପୁଅ ରଞ୍ଜନ ରାୟ ମୁଖାଗ୍ନି ଦେଇଥିଲେ।

● ଲାୟନ୍ସ କ୍ଲବ୍‌ର ନିଆରା କାର୍ଯ୍ୟକ୍ରମ

## 'ଅଛି ଯଦି ଦିଅ, ନାହିଁ ଯଦି ନିଅ'

**ଭଦ୍ରକ,୧୮ ।୧୨(ସମିସ):** ଆଜିଠାରୁ ଭଦ୍ରକ ଲାୟନ୍ସ କ୍ଲବ୍ ପକ୍ଷରୁ ଶୁଭାରମ୍ଭ ହୋଇଛି ନିଆରା କାର୍ଯ୍ୟକ୍ରମ "ଅଛି ଯଦି ଦିଅ ନାହିଁ ଯଦି ନିଅ'। ଏକ ଷ୍ଟଲ୍ ଭଦ୍ରକ ସହର ଟାଉନ ଥାନା ଛକ



ନିକଟରେ ଖୋଲାଯାଇଛି। ଜୋନ ଅଧ୍ୟକ୍ଷ ଅଶୋକ ମହାନ୍ତିଙ୍କ ନେତୃତ୍ୱରେ ୬ ବର୍ଷ ଧରି ଏହି କାର୍ଯ୍ୟକ୍ରମ ହୋଇଆସୁଛି। ଚଳିତବର୍ଷ ୨ମାସ ଧରି ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଶୀତ ଦିନରେ ଅସହାୟ, ଅଭାବୀ ଓ ବାସହୀନ ଲୋକଙ୍କୁ କିଛି ପୋଷାକ ପ୍ରଦାନ କରିବା। ଯଦି କାହା ପାଖରେ କିଛି ବସ୍ତ୍ର ରହି ଯାଇଛି ଯାହା ଆପଣ ବ୍ୟବହାର କରୁଛନ୍ତି ଏବଂ କିଛି ବ୍ୟବହାର କରିନାହାନ୍ତି ସେ ବସ୍ତ୍ର ଆପଣ ଆଣି ଦେଲେ ଯେଉଁ ଗରିବ ଲୋକମାନେ ପିନ୍ଧିବାକୁ ପାଉ ନାହାନ୍ତି ସେମାନେ ଏହିଠାରୁ ନେଇ ଏସବୁ ପିନ୍ଧି ପାରିବେ। ତେବେ ବହୁ ଗରିବ ଲୋକ ଏହି ବସ୍ତ୍ର ନେଇ ମୁହଁରେ ହସ ଫୁଟାଉଛନ୍ତି। କ୍ଲବର ଏଭଳି କାର୍ଯ୍ୟକୁ ସବୁ ମହଲରେ ପ୍ରଶଂସା କରାଯାଇଥିବା ବେଳେ ପିଡିଜି ପ୍ରକାଶ ଜେନା, ସଦସ୍ୟ, ସରୋଜ ଦାସ, ନିରଞ୍ଜନ ଗୁପ୍ତା, ହରମୋହନ ପଣ୍ଡା, ଅଜୟ ଦାସ, ପ୍ରୀତିରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

● ଧାନଘର ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ ମିଶ୍ରଣ ମାମଲା

## ଓସେପାକୁ ପୁନଃସମୀକ୍ଷା ପାଇଁ ହାଇକୋର୍ଟଙ୍କ ଆଦେଶ

**ବନ୍ତ/ଆଗରପଡ଼ା,୧୮ ।୧୨(ସମିସ):** ସରକାରଙ୍କ ଦ୍ୱାରା ବିଦ୍ୟାଳୟ ମିଶ୍ରଣ ପ୍ରକ୍ରିୟା ନିମନ୍ତେ ଧାର୍ଯ୍ୟ ନିୟମାବଳୀକୁ ଠିକ୍ ଭାବେ ପାଳନ କରି ନଥିବା ଦର୍ଶାଇ ହାଇକୋର୍ଟ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ, ଓସେପା, ଓଡିଶାଙ୍କ ପୂର୍ବ ଆଦେଶକୁ ଖାରଜ କରିବା ସହ ଆସନ୍ତା ତିନି ମାସ ମଧ୍ୟରେ ଏହାର ପୁନଃ ସମୀକ୍ଷା କରି ରିପୋର୍ଟ ପ୍ରଦାନ କରିବାକୁ ଓସେପାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ପରବର୍ତ୍ତୀ ଆଦେଶ ଆସିବା ପର୍ଯ୍ୟନ୍ତ ବର୍ଷ ୨୦୨୩ ଜୁନ ମାସ ୨୭ ତାରିଖରେ ଦିଆଯାଇଥିବା ଆଦେଶକୁ ପାଳନ କରିବା ପାଇଁ ମଧ୍ୟ କୁହାଯାଇଛି।



ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ବିଟିପୁର ପଞ୍ଚାୟତ ଅନ୍ତର୍ଗତ ଧାନଘର ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ ୨୦୦୮ ରେ ଗ୍ରାମବାସୀଙ୍କ ଉଦ୍ୟମକ୍ରମେ ପ୍ରତିଷ୍ଠା ହୋଇଥିଲା। ୨୦୨୦ରେ ଉକ୍ତ ବିଦ୍ୟାଳୟ ଏକ ସଂପୂର୍ଣ୍ଣ ବିଦ୍ୟାଳୟରେ ପରିଣତ ହୋଇଥିଲା ବେଳେ ମାର୍ଚ୍ଚରେ ସରକାର ବିଦ୍ୟାଳୟ ମିଶ୍ରଣ ପ୍ରକ୍ରିୟା ଆରମ୍ଭ କରିଥିଲେ। ଧାନଘର ପ୍ରକଳ୍ପ ବିଦ୍ୟାଳୟର ପାରିପାର୍ଶ୍ୱିକ ପରିସ୍ଥିତିକୁ ବିଚାରକୁ ନେଇ ସରକାର ଉକ୍ତ ବିଦ୍ୟାଳୟକୁ ନିକଟସ୍ଥ ନୂଆପୋଖରୀ ପ୍ରାଥମିକ ବିଦ୍ୟାଳୟରେ ମିଶାଇଥିଲେ। ଗ୍ରାମବାସୀ ଏହାକୁ ବିରୋଧ କରି ବିଦ୍ୟାଳୟ ନିର୍ମାଣାଧୀନ ସ୍ଥାନରେ ପିଲାମାନେ ପଢିବାପାଇଁ ସୁଯୋଗ ମିଳୁବୋଲି ଦାବି କରି ହାଇକୋର୍ଟରେ ଏକ ମାମଲା ରୁଜୁ କରିଥିଲେ। ହାଇକୋର୍ଟ ଗତ ୦୩.୦୧.୨୦୨୩ରେ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ,ଓସେପା,ଓଡିଶାଙ୍କୁ ଏହାର ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେବା ସହ ଶେଷ ନିର୍ଦ୍ଦେଶ ଆସିବା ପର୍ଯ୍ୟନ୍ତ ଧାନଘରଠାରେ ସ୍ଥାପିତ ବିଦ୍ୟାଳୟରେ ପିଲାମାନଙ୍କୁ ଶିକ୍ଷାଦାନ କରିବାପାଇଁ ନିର୍ଦ୍ଦେଶ ମଧ୍ୟ ଦେଇଥିଲେ। ଫଳରେ ୧୩.୦୩.୨୦୨୩ରେ ଜିଲ୍ଲା ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶରେ ବ୍ଲକ ଶିକ୍ଷାଧିକାରିଣୀ ଉକ୍ତ ସ୍କୁଲରେ ୨ଜଣ ଶିକ୍ଷକ ନିଯୁକ୍ତି କରିଥିଲେ। ଗତବର୍ଷ କିନ୍ତୁ ଜୁନ ୨୨ ତାରିଖରେ ଜିଲ୍ଲାପାଳ କିମ୍ବା ଜିଲ୍ଲା ଶିକ୍ଷାଧିକାରୀ ନିଯୁକ୍ତି ଦେଇଥିବା ୨ ଜଣ ଶିକ୍ଷକଙ୍କୁ କାଢି ନେଇଥିଲେ। ଏହି ମାମଲାରେ ଗତ ନଭେମ୍ବର ମାସ ୨୬ ତାରିଖରେ ହାଇକୋର୍ଟ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ, ଓସେପା ଦେଇଥିବା ଆଦେଶକୁ ଖାରଜ କରିବା ସହ ଉକ୍ତ ବିଦ୍ୟାଳୟ ପ୍ରସଙ୍ଗ ଉପରେ ପୁନଃ ସମୀକ୍ଷା କରି ଆସନ୍ତା ତିନି ମାସ ମଧ୍ୟରେ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ତେଣୁ ପିଲାଙ୍କ ଭବିଷ୍ୟତକୁ ଆଖି ଆଗରେ ବିଭାଗୀୟ ଅଧିକାରୀ ଯଥା ଶୀଘ୍ର ବିହିତ ପଦକ୍ଷେପ ନେବା ପାଇଁ ବିଭିନ୍ନ ମହଲରୁ ଦାବି ହେଉଛି।

## ବିଦ୍ୟାଳୟ ବାର୍ଷିକ କ୍ରୀଡ଼ା ଉତ୍ସବ

**ବନ୍ତ/ଆଗରପଡ଼ା,୧୮ ।୧୨(ସମିସ):** ବନ୍ତ ଶିକ୍ଷାଧିକାରୀଙ୍କ ଅଧୀନସ୍ଥ ଆଗରପଡ଼ା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉଚ୍ଚ ବିଦ୍ୟାଳୟ ଡିଡିଓ ପ୍ରିୟଦର୍ଶିନୀ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ, ସମ୍ମାନିତ ଅତିଥି ଭାବେ ଶିକ୍ଷା ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ତଥା ପୁରୁଷଣ୍ଡ ସରପଞ୍ଚ ପ୍ରକାଶ ବିଶ୍ୱାଳ, ପୁରୁଷଣ୍ଡ ସେବା ସମବାୟ ସମିତି ଅଧ୍ୟକ୍ଷ ପ୍ରଶାନ୍ତ ଦାଶ, ତୋଫାବିବି କ୍ଲଷ୍ଟର ସିଆରସିସି ନିରଞ୍ଜନ ଖିଲାର, ପରିଚାଳନା କମିଟି ସଭାନେତ୍ରୀ ବର୍ଷାରାଣୀ ମଲ୍ଲିକ, ଉପସଭାପତି ଗଗନ ବିହାରୀ ସିଂହ, ଭାଷା ସଂସ୍କୃତି ଜାଗରଣ ମଞ୍ଚ ସଭାପତି ଜଇନୁଲ୍ ଆବେଦିନ ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଅଜିତ ରାଉଳ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସହକାରୀ ଶିକ୍ଷକ ଭୀମସେନ ପାଲ ଧନ୍ୟବାଦ ଅର୍ପଣ କରିଥିଲେ। ଏସ୍‌ଏମ୍‌ସି ସଭ୍ୟ/ସଭ୍ୟା ସାମ୍ବାଦିକ ଅକ୍ଷୟ ସିଂହ, ମନମୋହନ ରାଉତ, ହରିହର ପାଣିଗ୍ରାହୀ, ଶାନ୍ତିଲତା ସେଠୀଙ୍କ ଉପସ୍ଥିତିରେ କ୍ରୀଡ଼ା ଶିକ୍ଷୟିତ୍ରୀ ବିଦ୍ୟୁତ୍‌ଲତା ଦାସଙ୍କ ତତ୍ତ୍ୱାବଧାନରେ ଶିକ୍ଷକ-ଶିକ୍ଷୟିତ୍ରୀମାନେ ପରିଚାଳନା କରିଥିଲେ।

## ଗୃହପାଳିତ ପଶୁ-ପକ୍ଷୀ ଗଣନା

**ବାରିକପୁର,୧୮ ।୧୨(ସମିସ):** ପଶୁ ସମ୍ପଦ ବିଭାଗ ନିର୍ଦ୍ଦେଶକ୍ରମେ ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳରେ ଗୋ-ବଂଶ ସମେତ ଅନ୍ୟାନ୍ୟ ପଶୁପକ୍ଷୀ ଗଣନା ଆରମ୍ଭ ହୋଇଛି। ବ୍ଲକ ପ୍ରାଣୀ ସମ୍ପଦ ବିଭାଗ ପ୍ରମୁଖ ଅଧିକାରୀ ଦେବବ୍ରତ ସାହୁଙ୍କ ତତ୍ତ୍ୱାବଧାନରେ ୨୩ଟି ପଞ୍ଚାୟତରେ ଗାଈଗୋରୁ, ଛେଳି ମେଣ୍ଢା ଓ କୁକୁଡ଼ା ଆଦି ଗଣନା ହେଉଛି। ଏଥିରେ ପଶୁ ନିରୀକ୍ଷକଙ୍କ ସମେତ ଗୋ-ମିତ୍ର ଓ ମୈତ୍ରୀ କର୍ମଚାରୀମାନେ ନିୟୋଜିତ ହୋଇଛନ୍ତି। ବିଭାଗୀୟ କର୍ମଚାରୀମାନେ ଘରକୁ ଘର ଯାଇ ଗୃହପାଳିତ ପଶୁ-ପକ୍ଷୀଙ୍କ ବିଷୟରେ ଗୃହସ୍ଥଙ୍କ ଠାରୁ ତଥ୍ୟ ସଂଗ୍ରହ କରୁଥିବା ଜଣାପଡିଛି। ଏହା ୨୧ତମ ପଶୁ-ପକ୍ଷୀ ଗଣନା କାର୍ଯ୍ୟ ହୋଇଥିବା ବେଳେ ୨୦୧୯ରେ ୨୦ତମ ଗଣନା ହୋଇଥିଲା। ପ୍ରତ୍ୟେକ ୫ ବର୍ଷ ବ୍ୟବଧାନରେ ଏହି ଗଣନା ହୋଇଥାଏ।

## ବିଲରୁ ଧାନ ବିକି ଦେଉଛି ଚାଷୀ

**ବନ୍ତ/ଆଗରପଡ଼ା,୧୮ ।୧୨(ସମିସ):** ଡିସେମ୍ବର ମାସ ଅଧାରୁ ଅଧିକ ହେଲାଣି। ସରକାରୀ ସ୍ତରରେ ଆଉ ଦିନ କେଇଟା ପରେ ମଣ୍ଡି ଖୋଲିବାର ଥିବା ବେଳେ ବର୍ତ୍ତମାନ ୪୦ ଭାଗ ଚାଷୀ ବିଲରୁ ଋଣ ପରିଶୋଧ କରିବା ପାଇଁ ପଶ୍ଚିମବଙ୍ଗ ଓ ଆନ୍ଧ୍ରପ୍ରଦେଶ ଦଲାଲଙ୍କ କବ୍‌ଜାରେ ପଡ଼ି ଧାନ ବିକି ସାରିଲାଣି। ଗତବର୍ଷ ମଣ୍ଡିରେ ଧାନ ଦେଇ ମିଲରଙ୍କ ସମେତ ଦଲାଲଙ୍କ



ଦ୍ୱାରା ନିର୍ଯାତିତ ହୋଇଥିବାରୁ ମଣ୍ଡିରେ ଧାନ ଦେଇ ପୂର୍ବ ପରିସ୍ଥିତିର ସମ୍ମୁଖୀନ ନ ହେବା ଆଶାରେ ଶାଗମାଛ ଦରରେ ଧାନ ବିକି ଦେଉଥିବାର ଦେଖିବାକୁ ମିଳୁଛି। ଆଗରପଡ଼ା ଓ ଏହାର ଆଖପାଖ ଅଞ୍ଚଳରେ ପ୍ରତିଦିନ ଶତାଧିକ ସଂଖ୍ୟାର ଧାନ ବୋଝେଇ ଟ୍ରକ ପଶ୍ଚିମବଙ୍ଗ ଓ ଆନ୍ଧ୍ରପ୍ରଦେଶକୁ ଚାଲାଣ ହେଉଛି। ଆଗରପଡ଼ା ତିନି ଜିଲ୍ଲା ବାଲେଶ୍ୱର, କେନ୍ଦୁଝର ଓ ଭଦ୍ରକର ସୀମାନ୍ତରେ ଥିବାରୁ ବିଭାଗୀୟ ଅଧିକାରୀଙ୍କ ସବୁସମୟରେ ଯାତାୟାତ ରହୁଥିଲେ ମଧ୍ୟ ଏଥିପ୍ରତି କେହି ଦୃଷ୍ଟି ନଦେବା ବିଭାଗର କାର୍ଯ୍ୟପନ୍ଥା ଉପରେ ଅଙ୍ଗୁଳ ନିର୍ଦ୍ଦେଶ କରୁଛି। ଚାଷୀମାନେ ଋଣ ସୁଝିବା ପାଇଁ ବ୍ୟସ୍ତ ହେବାର ସୁଯୋଗରେ ଦଲାଲମାନେ ଏହାର ଫାଇଦା ନେଉଛନ୍ତି। ଚାଷୀମାନଙ୍କ ବିଲ ପାଖରେ ଟ୍ରକ ଲଗାଇ ଦଲାଲମାନେ ଧାନ ସଂଗ୍ରହ କରୁଛନ୍ତି। ପ୍ରାୟ ୮୦ ଭାଗ ଲୋକେ କେବଳ ଧାନ ଚାଷ ଉପରେ ନିର୍ଭର କରି ପରିବାର ପ୍ରତିପୋଷଣ କରିଥାନ୍ତି। ମଣ୍ଡିରେ ଖୋଲା ଆକାଶ ତଳେ ମିଲକୁ ଯିବା ପୂର୍ବରୁ ମାସ ମାସ ଧରି ଧାନ ପଡ଼ିରହୁଛି। ଏହାମଧ୍ୟରେ ଏଠାରୁ ଧାନ ଚୋରି ହେବାର ଅଧିକ ସମ୍ଭାବନା ରହିଛି।

ଅପରପକ୍ଷରେ, ମଣ୍ଡି ଦାୟିତ୍ୱ ନିର୍ବାହୀଙ୍କ ପକ୍ଷପାତିତା ନୀତି ଯୋଗୁଁ ବଡ଼ବଡ଼ିଆମାନଙ୍କ ଧାନକୁ ଆଗ ମିଲକୁ ପଠା ଯାଉଥିବା ବେଳେ ଗରିବ ଚାଷୀମାନଙ୍କ ଧାନ ମାସ ମାସ ଧରି ଏଠାରେ ପଡ଼ି ରହିଥାଏ। ଏହି ସବୁ ଅବ୍ୟବସ୍ଥାକୁ ଲକ୍ଷ୍ୟରେ ରଖି ଚାଷୀମାନେ ଦଲାଲମାନଙ୍କୁ କମ୍ ଦରରେ ଧାନ ବିକ୍ରି କରିବା ପାଇଁ ଏକପ୍ରକାର ବାଧ୍ୟ ହେଉଛନ୍ତି। ସେହିପରି ସରକାରୀ ସ୍ତରରେ ଖୋଲିବାକୁ ଯାଉଥିବା ମଣ୍ଡି ହେଉ ବା ସମବାୟ ସମିତି ମାଧ୍ୟମରେ ଧାନ କ୍ରୟର ସୁବିଧା ଥିବା ବେଳେ ଚଳିତବର୍ଷ ରାଜ୍ୟର ଡବଲ ଇଞ୍ଜିନ ସରକାର ଚାଷୀଙ୍କୁ ଧାନର ସହାୟକ ଦର କ୍ୱିଣ୍ଟାଲ ପିଚ୍ଛା ୨୩୦୦ ଉପରେ ୮୦୦ ଟଙ୍କା ବୋନସ ଏହିପରି ସର୍ବାଧିକ ୩୧୦୦ ଟଙ୍କା ଦେବାକୁ ଘୋଷଣା କରିଛନ୍ତି। ପ୍ରକୃତପକ୍ଷେ ଆଜିବି ସରକାରଙ୍କ ଧାନର ସହାୟକ ବୃଦ୍ଧି କେତେ ଲାଭ ଉଠେଇ ପାରିବେ ସେନେଇ ଚାଷୀ ଆଶଙ୍କା ବ୍ୟକ୍ତ କରିଛନ୍ତି। ସେହିପରି ମଣ୍ଡିର ସ୍ୱଚ୍ଛତାକୁ ନେଇ ଆଜି ବି ଚାଷୀ ସନ୍ଦିହାନରେ ରହୁଛି। ଏହାର ସୁଯୋଗ ଦଲାଲ ନେବା ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି। ଏହି ପରିସ୍ଥିତିରେ ନିଅଣ୍ଟିଆ ପରିସ୍ଥିତି ସୃଷ୍ଟି ନେଇ ମଧ୍ୟ ଆଲୋଚନା ହେଉଛି।

## ପୋଖରୀରେ ବୁଡ଼ି ଯୁବକ ମୃତ

**ବାସୁଦେବପୁର,୧୮ ।୧୨(ସମିସ);** ବାସୁଦେବପୁର ଥାନା ଅନ୍ତର୍ଗତ ବରଣ୍ଡିଆ ଗ୍ରାମର ସରୋଜ ସାହୁ (୪୭) ଗାଁ ନିକଟସ୍ଥ ମୁନି ପୋଖରୀରେ ବୁଡ଼ି ଯାଇ ପ୍ରାଣ ହରାଇଛନ୍ତି। ବୁଧବାର ସକାଳେ ପରିବାର ଓ ଗାଁ ଲୋକେ ସରୋଜଙ୍କୁ ପାଣିରୁ ଉଦ୍ଧାର କରି ବାସୁଦେବପୁର ଡାକ୍ତରଖାନାକୁ ଆଣିଥିଲା ବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ସରୋଜ ମଙ୍ଗଳବାର ସନ୍ଧ୍ୟାରେ ଘରୁ ବଜାରକୁ ଯାଇ ଆଉ ଫେରି ନଥିଲେ। ସକାଳେ ଗାଁର କେତେକ ଲୋକ ଉକ୍ତ ପୋଖରୀ ନିକଟକୁ ଯାଉଥିବା ବେଳେ କେହି ଜଣେ ପୋଖରୀ ପାଣିରେ ଭାସୁଥିବା ଦେଖିଥିଲେ। ଏହି ଘଟଣା ସାରା ଗାଁରେ ପ୍ରସାରିତ ହେବା ପରେ ସରୋଜ ବୋଲି ଜାଣିବାକୁ ପାଇଥିଲେ ଗାଁ ଲୋକେ। ପୁଲିସ ପହଞ୍ଚି ତଦନ୍ତ ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିବା ସୂଚନା ମିଳିଛି।

## ୧୨୦ ଉଚ୍ଛେଦ ଉଠାଦୋକାନୀଙ୍କୁ ସହାୟତା ରାଶି

**ଭଦ୍ରକ, ୧୮ ।୧୨(ସମିସ):** ଜିଲ୍ଲା ପ୍ରଶାସନ ପକ୍ଷରୁ ଗତ ଅଗଷ୍ଟ ୧ତାରିଖରୁ ସରକାରୀ ଜମିରୁ ଉଠା ଓ ସ୍ଥାୟୀ ଦୋକାନୀଙ୍କୁ ଉଚ୍ଛେଦ କରାଯାଇଥିଲା। ଏହି ପ୍ରକ୍ରିୟାରେ ୨ଶହରୁ ଅଧିକ ଉଠାଦୋକାନୀ କ୍ଷତିଗ୍ରସ୍ତ ହୋଇଥିଲେ। ପରେ ପୌରପାଳିକା ତରଫରୁ ଉଚ୍ଛେଦ ଉଠାଦୋକାନୀଙ୍କ ଏକ ତାଲିକା ପ୍ରସ୍ତୁତ ହୋଇଥିଲା। ଯାଞ୍ଚ ପରେ ପ୍ରଶାସନ ପକ୍ଷରୁ ୧୨୦ଜଣ କ୍ଷତିଗ୍ରସ୍ତ ଦୋକାନୀଙ୍କୁ ରେଡକ୍ରସ ପାଣ୍ଠିରୁ ୧୫ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ରାଶି



ବାବଦକୁ ମୋଟ ୧୮ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଏହି ସହାୟତା ରାଶି ଅନ୍‌ଲାଇନ୍ ମାଧ୍ୟମରେ କ୍ଷତିଗ୍ରସ୍ତ ଦୋକାନୀଙ୍କୁ ଦିଆଯାଇଥିବା ଜଣାଯାଇଛି। ଏମାନଙ୍କ ମଧ୍ୟରେ ୭୭ଜଣ ଉଠାଦୋକାନୀ ଥିବା ବେଳେ ୪୩ଜଣ ଫଳ ଓ ପରିବା ଦୋକାନୀ ଥିବା ଜଣାଯାଇଛି। ଏନେଇ ଉଠାଦୋକାନୀଙ୍କ ତରଫରୁ ମମତାଜ ଖାଁ, ଗୋବିନ୍ଦ ପୃଷ୍ଟି, ବସିର ଖାଁ, ସେଖ ମତଲୁବ ଜିଲ୍ଲାପାଳଙ୍କୁ କୃତଜ୍ଞତା ଅର୍ପଣ କରିଛନ୍ତି।

## ବିଶ୍ୱାସ ଫାଉଣ୍ଡେସନ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଶିବିର

**ବନ୍ତ/ଆଗରପଡ଼ା, ୧୮ ।୧୨ (ସମିସ):** ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ଓଡ଼ଙ୍ଗ ପଞ୍ଚାୟତରେ ବିଶ୍ୱାସ ଫାଉଣ୍ଡେସନ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଶିବିର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମ ଅଲ୍ଟିମେଟ ମେଡିକେୟାର ଅସ୍ଥିଶଲ୍ୟ ବିଭାଗ ଡ. ବୁଦ୍ଧେଶ୍ୱର ମାଝୀ, ମେଡିସିନ ସ୍ପେସାଲିଷ୍ଟ ପ୍ରମୋଦ ଟୁଡୁ ପ୍ରମୁଖ ଶିବିରକୁ ଉଦ୍‌ଘାଟନ କରିଥିଲେ।



ଗଣିଜାଙ୍ଗ, ଛୟାଳସିଂ, ଓଡ଼ଙ୍ଗ, କାଦବରାଙ୍ଗ ଆଦି ପଞ୍ଚାୟତର ୨୦୦ ସ୍ୱାସ୍ଥ୍ୟ ପରୀକ୍ଷା କରିଥିବା ବେଳେ ସେମାନଙ୍କୁ ମାଗଣା ଔଷଧ ପ୍ରଦାନ କରାଯାଇଥିଲା। ଅସ୍ଥିଶଲ୍ୟ ବିଭାଗ ଡ. ବୁଦ୍ଧେଶ୍ୱର ମାଝୀ, ମେଡ଼ିସିନ ସ୍ପେସାଲିଷ୍ଟ ପ୍ରମୋଦ ଟୁଡୁ, ଶିବଶଙ୍କର ଦାସ, ମନୋଜ ବାରିକ, ମାନସ ନାୟକ, ଶୁଚିସ୍ମିତା ପରିଡା, ଉତ୍ତମ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ବିଶ୍ୱାସ ଫାଉଣ୍ଡେସନ ସଭାପତି ଜିତେନ୍ଦ୍ର ଜେନାଙ୍କ ନେତୃତ୍ୱରେ ସମସ୍ତ କର୍ମକର୍ତ୍ତା ଏବଂ ଅନ୍ୟାନ୍ୟ ସଦସ୍ୟ ସହଯୋଗ କରିଥିଲେ।

# 'ସାମ୍ବାଦିକମାନେ ଆଧାର ସମ୍ବଳିତ ଖବର ପରିବେଷଣ କରନ୍ତୁ'

## ଏସୟୁଜେ ଜିଲ୍ଲା ସମ୍ମିଳନୀ ଓ କର୍ମକର୍ତ୍ତା ଚୟନ




**ଭଦ୍ରକ,୧୮ ।୧୨(ସମିସ):** ସାମ୍ବାଦିକମାନଙ୍କ ପରିଶ୍ରମ ଅକଳନୀୟ। ସେମାନଙ୍କ ପରିଶ୍ରମର ମୂଲ୍ୟାୟନ କରିବା ମଧ୍ୟ ଅସମ୍ଭବ; ମାତ୍ର ସାମ୍ବାଦିକମାନେ ସମୟ ସମୟରେ ଆଧରବିହୀନ ଖବର ପରିବେଷଣ କରୁଛନ୍ତି। ସେଥିରୁ ନିବୃତ ରହିବା ଉଚିତ ବୋଲି ଭଦ୍ରକ ରୋଟାରୀ ଭବନରେ ଅନୁଷ୍ଠିତ ଷ୍ଟେଟ ୟୁନିଅନ ଅଫ ଜର୍ଣ୍ଣାଲିଷ୍ଟସ (ଏସୟୁଜେ) ଭଦ୍ରକ ଶାଖାର ଜିଲ୍ଲା ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ଭଣ୍ଡାରିପୋଖରୀ ବିଧାୟକ ସଂଜୀବ କୁମାର ମଲ୍ଲିକ କହିଛନ୍ତି। ଏସୟୁଜେ ଜିଲ୍ଲା ସଭାପତି ପ୍ରତାପ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସ୍ୱତନ୍ତ୍ର ଅତିଥି ଭାବେ ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ବର୍ତ୍ତମାନ ସମୟରେ ୱେବ ଚ୍ୟାନାଲ ନାମରେ କିଛି ଅନାମଧେୟ ସାମ୍ବାଦିକତା ପେସାରେ ପ୍ରବେଶ ଏହାର ମୌଳିକତାକୁ ନଷ୍ଟ କରୁଛି ବୋଲି କହିଥିଲେ। ଏସୟୁଜେ ଜିଲ୍ଲା ସାଧାରଣ ସମ୍ପାଦକ ତପନ ମିଶ୍ର ପ୍ରାରମ୍ଭିକ ସୂଚନା ଦେଇଥିଲେ। ବରେଣ୍ୟ ଅତିଥି ଭାବେ ଏସୟୁଜେ ରାଜ୍ୟ ସଭାପତି କୈଳାସଚନ୍ଦ୍ର ନାୟକ ଏବଂ ଉପସଭାପତି ବାସୁଦେବ ତ୍ରିପାଠୀ ସଂଘର ଆଭିମୁଖ୍ୟ, ସାମ୍ବାଦିକଙ୍କ ସମସ୍ୟା ଓ ଦାବି ଉପସ୍ଥାପନ କରିଥିଲେ। ସାମ୍ବାଦିକଙ୍କ ସ୍ୱାସ୍ଥ୍ୟ ବୀମା ରାଶି ବୃଦ୍ଧି, ମୃତ୍ୟୁକାଳୀନ ସହାୟତା ରାଶି ବୃଦ୍ଧି, ରାଜଧାନୀରେ ଅତିଥିଶାଳା ନିର୍ମାଣ ଆଦି ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟତମ ଅତିଥି ଭାବେ ସୁବାସ ଧଳ ଯୋଗ ଦେଇଥିଲେ। ବରିଷ୍ଠ ସାମ୍ବାଦିକ ନିହାର ଦାସ, ପ୍ରମୋଦ ରାୟ, ଉମାକଲ୍ୟାଣ ମହାପାତ୍ର, ରାଜେନ୍ଦ୍ର ଜେନା, ସନାତନ ରାଉତ, ପ୍ରଭାତ ଦାସ, ମଳୟ ପରିଡା, ଶିବାନନ୍ଦ ଦାସ ଓ ରମେଶ କୁମାର ମଲ୍ଲିକ ପ୍ରମୁଖ ସେମାନଙ୍କ ମତ ଉପସ୍ଥାପନ କରିଥିଲେ। ଏହି ଅବସରରେ ଆଗାମୀ ୨ବର୍ଷ ପାଇଁ ସଂଘର କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ପ୍ରତାପ କୁମାର ଦାସ, ସାଧାରଣ ସମ୍ପାଦକ ତପନ କୁମାର ମିଶ୍ର, ସଂଗଠନ ସମ୍ପାଦକ ପ୍ରମୋଦ ରାୟ, କାର୍ଯ୍ୟକାରୀ ସଭାପତି ଉମାକଲ୍ୟାଣ ମହାପାତ୍ର, ଉପସଭାପତି ଶିବାନନ୍ଦ ଦାସ, ଗୋଲାମ ଜିଲାନି ହବବି, ମୁଖ୍ୟ ଉପଦେଷ୍ଟା ନିହାର ଦାସ, ଉପଦେଷ୍ଟା ବାସୁଦେବ ତ୍ରିପାଠୀ, ଧ୍ରୁବଚରଣ ବାରିକ, ତପନ ସ୍ୱାଇଁ, ରାଜେନ୍ଦ୍ର ଜେନା, ସମ୍ପାଦକ ସନାତନ ରାଉତ, ପ୍ରଭାତ ଦାସ, ପ୍ରିୟବ୍ରତ ଦାସ, ମଳୟ ପରିଡା, କୋଷାଧ୍ୟକ୍ଷ ବିନୋଦ ଧଳ ସାମନ୍ତ, କାର୍ଯ୍ୟକାରିଣୀ ସଦସ୍ୟ ସଂଜୀବ ମହାନ୍ତି, ପ୍ରଭାତ ସାମଲ, ସୁଶାନ୍ତ ଦାସ ମନୋନୀତ ହୋଇଥିବା ବେଳେ ବରିଷ୍ଠ ସାମ୍ବାଦିକ ତପନ ସ୍ୱାଇଁଙ୍କୁ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ମନୋନୀତ କରାଯାଇଛି। ନୂତନ ସଭ୍ୟ ସାମିଲ ହୋଇଥିବା ବେଳେ ପୁରାତନ ସଦସ୍ୟଙ୍କ ସଦସ୍ୟତା ନବୀକରଣ କରାଯାଇଥିଲା। ଏହି ସମ୍ମିଳନୀରେ ଜିଲ୍ଲା ଓ ବ୍ଲକ ସ୍ତରର ବହୁ ସାମ୍ବାଦିକ ଯୋଗ ଦେଇଥିଲେ।

### ବସ୍ତା ବ୍ଲକ; ଶିକ୍ଷାବର୍ଷ ସରିବାକୁ ବସିଲାଣି

# ଡ୍ରେସ୍ ପାଇନାହାନ୍ତି ୧୫ ହଜାର ଛାତ୍ରଛାତ୍ରୀ

**ବସ୍ତା ବ୍ଲକ, ୧୮।୧୨ (ସମିସ):** ସରକାରୀ ସ୍କୁଲରେ ପାଠ ପଢୁଥିବା ପିଲାଙ୍କୁ ସରକାର ମଧ୍ୟାହ୍ନଭୋଜନ ସହିତ ମାଗଣା ଦୁଇ ଯୋଡା ଡ୍ରେସ, ଜୋତା ଓ ବହି ଯୋଗାଇ ଆସୁଛନ୍ତି। ଯାହା ଦ୍ୱାରା ପିଲାମାନେ ଉପକୃତ ହେଉଛନ୍ତି। ମାତ୍ର ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକରେ ଶିକ୍ଷା ବିଭାଗର ବିକଳ ଚିତ୍ର ସାମ୍ନାକୁ ଆସିଛି। ୨୦୨୪-୨୫ ଶିକ୍ଷା ବର୍ଷ ପୂରିବାକୁ ଆଉ ୩ ମାସ ଥିବା ବେଳେ ଏହି ବ୍ଲକରେ ୧୫ ହଜାର ସରକାରୀ ସ୍କୁଲରେ ପଢୁଥିବା ଶିକ୍ଷାର୍ଥୀ ଡ୍ରେସ ପାଇ ନଥିବା ଜଣା ପଡ଼ିଛି। ଯାହାକୁ ନେଇ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ପୂର୍ବ ବର୍ଷମାନଙ୍କରେ ଡ୍ରେସ ବଣ୍ଟନ ସବୁ ଠିକଠାକ୍ ଚାଲିଥିବା ବେଳେ ଚଳିତ ବର୍ଷ ସରକାରୀ ଗାଇଡ ଲାଇନ ପାଇଁ ପିଲା ମାନେ ତାଙ୍କ ହକ୍‌ରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି। ସରକାରୀ ଗାଇଡ ଲାଇନର ଖୋଲା ଖୋଲି ଉଲ୍ଲଙ୍ଘନ ହେଉଥିବା ବେଳେ ଜିଲ୍ଲାପାଳ ଓ ଜିଲ୍ଲା ଶିକ୍ଷା ବିଭାଗ ର ଅଧିକାରୀ ମାନେ ଚୁପ ବସିବା ସାଧାରଣରେ ବିସ୍ମୟ ସୃଷ୍ଟି କରିଛି।

ବସ୍ତା ଶିକ୍ଷା ବିଭାଗରୁ ମିଳିଥିବା ସୂଚନା ଅନୁସାରେ, ବସ୍ତା ବ୍ଲକରେ ୨୩୫ଟି ସରକାରୀ ସ୍କୁଲ ଥିବାବେଳେ ୨୫ ହଜାର ୨୭୨ ଜଣ ଛାତ୍ରଛାତ୍ରୀ ପଢୁଛନ୍ତି। ସେଥିମଧ୍ୟରୁ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଥିବା ୧୯୪ଟି ଏଲିମେଣ୍ଟାରୀ ସ୍କୁଲରେ ୨୦ ହଜାର ୪୪୫ ଶିକ୍ଷାର୍ଥୀ ଥିବା ବେଳେ ନବମ ଓ ଦଶମ ଥିବା ୩୮ଟି ସେକେଣ୍ଡାରୀ ସ୍କୁଲରେ ୪୮୨୭ ଜଣ ଶିକ୍ଷାର୍ଥୀ ଅଧ୍ୟୟନ କରୁଛନ୍ତି। ମଙ୍ଗଳବାର ପର୍ଯ୍ୟନ୍ତ ମିଳିଥିବା ତଥ୍ୟ ଅନୁସାରେ ବର୍ତ୍ତମାନ ସୁଦ୍ଧା ୧୬୫ଟି ସ୍କୁଲରେ ୯ ହଜାର ୮୮୦ ଜଣ ଶିକ୍ଷାର୍ଥୀଙ୍କୁ ପୋଷାକ ମିଳିଥିବା ସରକାରୀ ଭାବେ ସୂଚନା ମିଳିଛି। ସବୁ ସ୍କୁଲ ବ୍ୟାଙ୍କ ଖାତାକୁ ଯାଇଥିବା ଟଙ୍କା ଅନୁସାରେ ମାତ୍ର ୯.୯୪ ପ୍ରତିଶତ ଟଙ୍କା ଡ୍ରେସ ବାବଦକୁ ଖର୍ଚ୍ଚ ହୋଇଛି। ଆସନ୍ତା ନୂଆ ବର୍ଷ ୨୦୨୫ ଜାନୁଆରୀରେ ଟଙ୍କା ଫେରି ଯିବାକୁ ବସିଥିବାବେଳେ ଏହାକୁ ନେଇ ଶିକ୍ଷା ବିଭାଗର ମୁଣ୍ଡ ବ୍ୟଥା ର କାରଣ ପାଲଟିଛି। ପ୍ରକାଶ ଯେ ପୂର୍ବ ଶିକ୍ଷା ବର୍ଷ ମାନଙ୍କରେ ଡ୍ରେସ ପାଇଁ ଆସୁଥିବା ଟଙ୍କାକୁ ସ୍କୁଲ ପରିଚାଳନା କମିଟି ର ସଦସ୍ୟ ଓ ପ୍ରଧାନ ଶିକ୍ଷକଙ୍କ ସହ ବୈଠକ କରି ଡ୍ରେସ ତିଆରି କରୁଥିବା ଟେଲରିଂ ୟୁନିଟ ରୁ ଡ୍ରେସର ମାନ ପରୀକ୍ଷା କରି ପିଲାଙ୍କୁ ଡ୍ରେସ ଦେଉ ଥିଲା। ଯାହା ଦ୍ୱାରା ସ୍ୱାଧୀନତା ଦିବସରୁ ଗଣେଶ ପୂଜା ମଧ୍ୟରେ ସବୁ ପିଲା ଡ୍ରେସ ଠିକ ସମୟରେ ପାଇ ଯାଉଥିଲେ। ମାତ୍ର ଚଳିତ ଶିକ୍ଷା ବର୍ଷରେ ବ୍ଲକ ରେ ମହିଳା ଙ୍କୁ ସଶକ୍ତ କରିବାକୁ ଯେଉଁ ଏସଏଚଜି ଗ୍ରୁପର ଟେଲରିଂ ୟୁନିଟ ଥିବ ସେମାନେ ସ୍କୁଲରେ ଡ୍ରେସ ଯୋଗାଇବାକୁ ବସ୍ତା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ରେ ଆବେଦନ କରିବେ। ବିଡ଼ିଓ, ତହସିଲଦାର, ବିଇଓ, ବ୍ଲକ ଅଧ୍ୟକ୍ଷଙ୍କୁ ନେଇ ଏକ କମିଟି ଏହି ଟେଲରିଂ ୟୁନିଟକୁ ଯାଞ୍ଚ କରି ସେମାନଙ୍କୁ କେତେ ସ୍କୁଲର ଡ୍ରେସ ତିଆରି କରିବା ପାଇଁ ସକ୍ଷମ ହେବେ ତାକୁ ଏକ ଚିଠା କରି ଜିଲ୍ଲାପାଳଙ୍କ ଅନୁମୋଦନ ପରେ ସେମାନଙ୍କୁ ଦାୟିତ୍ୱ ଦେବାର ବ୍ୟବସ୍ଥା ରହିଛି। ଏହି କ୍ରମରେ ବସ୍ତା ବ୍ଲକରେ ୭୧ଟି ଏସଏଚଜି ଗ୍ରୁପକୁ ୧୨ ହଜାର ୫୦୦ ଓ ୨୨ ଟି ବ୍ୟବସାୟିକ ପ୍ରତିଷ୍ଠାନ କୁ ୧୨ ହଜାର ୫୦୦ ଡ୍ରେସ ଦିଆ ଯାଇଥିଲା। ବାସ୍ତବରେ ଏମାନଙ୍କର ଟେଲରିଂ ୟୁନିଟ କାର୍ଯ୍ୟକ୍ଷମ ନ ଥିବାରୁ ଗୋଟିଏ ଦୁଇଟିକୁ ଛାଡ଼ି ଅନ୍ୟ ମାନେ ଡ୍ରେସ ଦେଇ ପାରୁନାହାନ୍ତି ବୋଲି ଅଭିଯୋଗ ହୋଇଛି। ଅନ୍ୟ ପକ୍ଷେ ସେମାନେ କଲିକତାରୁ କମ୍ ଦାମରେ ନିମ୍ନ ମାନର ଡ୍ରେସ ଆଣି ସ୍କୁଲରେ ଦେଉଥିବା ରୁ ସ୍କୁଲ ପରିଚାଳନା କମିଟି ସେହି ଡ୍ରେସକୁ ଗ୍ରହଣ କରୁ ନଥିବା ଶୁଣିବାକୁ ମିଳିଛି। ବସ୍ତା ବିଇଓ ସେମାନଙ୍କୁ ୨୦ ଡିସେମ୍ବର ସୁଦ୍ଧା ଡ୍ରେସ ଯୋଗାଣ କାର୍ଯ୍ୟ ସାରିବାକୁ ତାଗିଦ କରିଛନ୍ତି। ଏଭଳି ଗୋଳମାଳ ସ୍ଥିତିରେ ପିଲାମାନେ ତାଙ୍କ ହକ୍‌ରୁ ବଞ୍ଚିତ ହେଉଛନ୍ତି। ଏହି ସବୁ ସ୍ଥିତିକୁ ସମାଧାନ ନକରି ଜିଲ୍ଲା ପ୍ରଶାସନ ନୀରବ ରହିବା ଶିକ୍ଷାବିତ୍‌ଙ୍କୁ ବିସ୍ମିତ କରିଛି। ରାଜନୀତିକ ଚାପ ପକାଇ ଡ୍ରେସ ଯୋଗାଣ ହାତେଇ ଥିବାରୁ ବସ୍ତା ବ୍ଲକ ଏଭଳି ପରିସ୍ଥିତି କୁ ସାମ୍ନା କରୁଥିବା କୁହା ଯାଉଛି। ଯେଉଁ ମାନେ ଡ୍ରେସ ଦେଇ ପାରୁ ନାହାନ୍ତି ତାଙ୍କ ଟେଣ୍ଡର ରଦ୍ଦ କରି ଯେଉଁ ୟୁନିଟ ଡ୍ରେସ ଠିକ ଭାବେ ଦେଇ ପାରୁଛି ତାହାକୁ ସ୍କୁଲର ଡ୍ରେସ ଦେବାକୁ ସବୁ ମହଲ ରେ ଦାବି ହୋଇଛି।

## ଶ୍ରୀକାନ୍ତ ମୋକ୍ଷଦା ହାଇସ୍କୁଲର ବାର୍ଷିକ କ୍ରୀଡ଼ା



**ଭୋଗରାଇ, ୧୮।୧୨(ସମିସ):** ଭୋଗରାଇ ବ୍ଲକ ଅନ୍ତର୍ଗତ ଦେହୁର୍ଦ୍ଦା ପଞ୍ଚାୟତ ଅଧିନସ୍ତ ବହ୍ଲାରପୁର ଗ୍ରାମରେ ଥିବା ଶ୍ରୀକାନ୍ତ ମୋକ୍ଷଦା ହାଇସ୍କୁଲରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଶ୍ରୀକାନ୍ତ ମୋକ୍ଷଦା ହାଇସ୍କୁଲର ପ୍ରଧାନ ଶିକ୍ଷକ ଗୋପାଳ ଚନ୍ଦ୍ର ମହାନ୍ତି ଏହି କ୍ରୀଡ଼ାକୁ ଉଦ୍‌ଘାଟନ କରିଥିଲେ। କ୍ରୀଡା ଶିକ୍ଷକ ଜୟନ୍ତ କୁମାର ପଣ୍ଡାଙ୍କ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ପ୍ରତିଯୋଗିତାରେ ପ୍ରଥମ ଦ୍ୱିତୀୟ ଓ ତୃତୀୟ ପିଲାମାନଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା। ପ୍ରତିଯୋଗିତାରେ ବିଦ୍ୟାଳୟର ଶ୍ରେଣୀ ଶିକ୍ଷକ ପ୍ରଦୀପ ଦାସ, ସାଧନା ଜେନା, ପ୍ରକାଶ ଚନ୍ଦ୍ର ଦାସ, ଜୁଏଲ ଶବର, ମାଳତୀ ହେମ୍ବ୍ରମ, ପୂର୍ଣ୍ଣିମା ଗିରି, ମଧୁସ୍ମିତା ସାହୁ, ଗୋବିନ୍ଦ ସିଂ, ଅରୁଣ ସେନାପତି, ସଞ୍ଜୁଲତା ସାହୁ, ସ୍ୱାଗତିକା ଦାସ, ମଧୁମିତା ଦାସ ପ୍ରଦୀପ ରଥ, ଅନନ୍ତ ବେଜ ୱାର୍ଡ ସଭ୍ୟ ଆଶିଷ ଦାସ ବିଦ୍ୟାଳୟର ପରିଚାଳନା କମିଟିର ସଭାପତି ଅଞ୍ଜନ ଦାସ, ଦିଲୀପ ଦାସ, ସୁବ୍ରତ ଦାସ, ରବୀନ୍ଦ୍ର ସେଠୀ ଉପସ୍ଥିତ ଥିଲେ।

## ଉତ୍ସବ-୨୦୨୫ ପ୍ରସ୍ତୁତି ବୈଠକ

**ସୋର, ୧୮।୧୨(ସମିସ):** ସ୍ୱାମୀ ବିବେକାନନ୍ଦ ଯୁବକ ସଂଘ ପକ୍ଷରୁ ବିଶ୍ୱ ବିଜୟୀ ସ୍ୱାମୀ ବିବେକାନନ୍ଦଙ୍କ ୧୬୨ ତମ ଜନ୍ମଜୟନ୍ତୀ ତଥା ୨୮ ତମ ଜାତୀୟ ଯୁବ ଦିବସ ଉପଲକ୍ଷେ 'ଉତ୍ସବ -୨୦୨୫' ପାଇଁ ଏକ ପ୍ରସ୍ତୁତି ବୈଠକ ଯୁବକ ସଂଘର କ୍ଷୀରକୋଣୀସ୍ଥିତ କାର୍ଯ୍ୟାଳୟରେ ଯୁବକ ସଂଘର ସଭାପତି କମଳ ଲୋଚନ ବାରିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଯାଇଛି। ଉକ୍ତ ବୈଠକରେ ସଂଘର ମୁଖ୍ୟ ସଂଯୋଜକ ଲଳିତ କୁମାର ଦାସ କାର୍ଯ୍ୟକ୍ରମର ସବିଶେଷ ବିବରଣୀ ପ୍ରଦାନ କରିଥିଲେ। ଏହି ଉତ୍ସବ ଜାନୁଆରୀ ୧୨ ରୁ ୧୬ ତାରିଖ ପର୍ଯ୍ୟନ୍ତ ପାଞ୍ଚ ଦିନ ଧରି ସୋର ପୌରପାଳିକା ଅନ୍ତର୍ଗତ ଚକବାରହାପୁରସ୍ଥିତ ଖେଳ ପଡ଼ିଆରେ ଆୟୋଜିତ ହେବ। ଜାନୁଆରୀ ୪ ଏବଂ ୫ରେ ହେବାକୁଥିବା ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ପାଇଁ ପଞ୍ଜୀକରଣ ଆରମ୍ଭ ହୋଇଯାଇଥିବାର ସୂଚନା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସଠିକ୍ ପରିଚାଳନା ଏବଂ ଶୃଙ୍ଖଳିତ କରିବା ପାଇଁ ସଂଘର ପରାମର୍ଶଦାତା କମିଟିର ସଦସ୍ୟ ଦିବାକର ମହାନ୍ତି, ମହେଶ୍ୱର ମହାନ୍ତି, ଆଲୋକ ମହାନ୍ତି, ରମେଶ ବିଶ୍ୱାଳ ପରାମର୍ଶ ଦେଇଥିଲେ। ବୈଠକରେ ଯୁବକ ସଂଘର ଉପସଭାପତି ପତିତପାବନ ମହାପାତ୍ର, କୋଷାଧ୍ୟକ୍ଷ ବିଶ୍ୱରଞ୍ଜନ ସାହୁଙ୍କ ସହ ସଦସ୍ୟ ରୁଦ୍ର ନାରାୟଣ ମହାପାତ୍ର, ମଲିକ ରାଜା, ପ୍ରଭୁଜ୍ୟୋତି ମହାନ୍ତି, ତାପସ ପାତ୍ର, ପରେଶ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଫେବୃଆରୀ ୭ରେ ରାଇବଣିଆ ମହୋତ୍ସବ

**ଜଳେଶ୍ୱର, ୧୮।୧୨(ସମିସ):** ରାଇବଣିଆ ମହୋତ୍ସବ ପାଇଁ ଏକ ପ୍ରସ୍ତୁତି ବୈଠକ ମହୋତ୍ସବ ପଡ଼ିଆରେ କମିଟିର କାର୍ଯ୍ୟକାରୀ ସଭାପତି ଗଙ୍ଗାଧର ଦାସଙ୍କ ସଭାପତିତ୍ୟରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ୨୦୨୫ ଫେବୃୟାରୀ ୭ରୁ ୧୫ ତାରିଖ ପର୍ଯ୍ୟନ୍ତ ମହୋତ୍ସବ ଅନୁଷ୍ଠିତ ହେବ ବୋଲି ଉପସ୍ଥିତ ମହୋତ୍ସବ କମିଟିର ସମସ୍ତ ସଦସ୍ୟ ସହମତି ପ୍ରକାଶ କରିଥିଲେ। ଏହି ୯ ଦିନ ବ୍ୟାପି ଆୟୋଜିତ ମେଳାରେ ବିଭିନ୍ନ ପ୍ରକାର ସାଂସ୍କୃତିକ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ରହିଛି ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଦିଲ୍ଲୀପ ସାମଲ, ସୁକୁମାର ପ୍ରଧାନ, ସନ୍ଦୀପ ନାରାୟଣ ଘୋଷ, ଅନନ୍ତ ମହାନ୍ତି, ବିଶ୍ୱନାଥ ଘୋଷ, ମିଟନା ଘୋଷ, ସୁକାନ୍ତ ଦାସ, ଶୁଭଜିତ ପାଲ, ଜ୍ୟୋତିଷ ବାରିକ, ବିଷ୍ଣୁପଦ ଆଚାର୍ଯ୍ୟ, ବାଦଲ ଦଲାଇ, ଅପୁ, ସନ୍ତୋଷ ଜେନା, ବସନ୍ତ ଘୋଷ ଉପସ୍ଥିତ ଥିଲେ।

## ଦାୟିତ୍ୱଦେଲେ ୨୦୨୯ ସୁଦ୍ଧା ଭୂଷଣ୍ଡେଶ୍ୱର ମନ୍ଦିର ନିର୍ମାଣ ପୂର୍ଣ୍ଣାଙ୍ଗ କରିବୁ : ଭୋଗରାଇ କଂଗ୍ରେସ




**ଭୋଗରାଇ, ୧୮।୧୨(ସମିସ):** ବାଲେଶ୍ୱର ଜିଲା ଭୋଗରାଇ ବ୍ଲକର ସୁବର୍ଣ୍ଣରେଖା କୂଳରେ ଅବସ୍ଥିତ ଏସିଆ ମହାଦେଶର ସର୍ବବୃହତ ଶିବଲିଙ୍ଗ ବାବା ଭୂଷଣ୍ଡେଶ୍ୱର ଶୈବପୀଠ ଏଯାବତ ଅବହେଳିତ ହୋଇ ରହିଛି। ୨୦୧୩ ମସିହାରେ ସମୁଦ୍ର ଜୁଆର ମାଡ଼ରେ ବାବାଙ୍କ ମୂଳ ମନ୍ଦିର ଭାଙ୍ଗି ଯାଇଥିଲା। ତତ୍କାଳୀନ ବିଧାୟକ ଏହି ମନ୍ଦିର ନିର୍ମାଣ ପାଇଁ ଅଣ୍ଟା ଭିଡ଼ିଥିଲେ। ମନ୍ଦିର କାମ ମଧ୍ୟ ଆରମ୍ଭ ହୋଇଥିଲା। ମାତ୍ର ଦୀର୍ଘ ବର୍ଷ ବିତିଯାଇଥିଲେ ବି ଏଯାବତ ମନ୍ଦିର ନିର୍ମାଣ କାମ ଆଗକୁ ନ ବଢ଼ିବା ହଜାର ହଜାର ଶୈବ ଭକ୍ତଙ୍କୁ ନିରାଶ କରିଛି। ଏ ନେଇ ବୁଧବାର ଅପରାହ୍ନରେ କୁମ୍ଭୀର ଗଡ଼ି ପଞ୍ଚାୟତର ପୂର୍ବତନ ସରପଞ୍ଚ ରତନ ବାଗଙ୍କ ଆହ୍ୱାନ କ୍ରମେ ଭୋଗରାଇ ବ୍ଲକ କଂଗ୍ରେସ ପକ୍ଷରୁ ଭୂଷଣ୍ଡେଶ୍ୱର ଶୈବ ପୀଠରେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଦଳ ର କାର୍ଯ୍ୟକାରୀ ସଭାପତି ପ୍ରଦୀପ କୁମାର ନାୟକଙ୍କ ସଞ୍ଚାଳନା ରେ ଏହି ସମ୍ମିଳନୀରେ ଭୋଗରାଇ କଂଗ୍ରେସ ନେତା ସତ୍ୟଶିବ ଦାସ କହିଥିଲେ ଗୋଟିଏ ଅଞ୍ଚଳର ବିକାଶ ଓ ସାମୁହିକ ଉନ୍ନତି ପାଇଁ ପର୍ଯ୍ୟଟନ ସ୍ଥଳୀର ଉନ୍ନତି ଏକାନ୍ତ ଆବଶ୍ୟକ। ଏହି ପୀଠକୁ ପ୍ରତିଦିନ ରାଜ୍ୟ, ଦେଶ ଓ ବିଦେଶରୁ ପର୍ଯ୍ୟଟକ ମାନେ ଆସୁଥିବା ବେଳେ ଟିଣ ଛପର ତଳେ ବୃହତକାୟ ବାବାଙ୍କ ଶିବ ଲିଙ୍ଗ ପୂଜା ପାଉଥିବା ଦେଖି ଏକ ବିକୃତ ମାନସିକତା ନେଇ ଫେରୁଛନ୍ତି। ଏହାଛଡା ସେମାନେ ମନ୍ଦିର ତିଆରି କରିବାକୁ ଅସମର୍ଥତା ପ୍ରକାଶ କରି ଦାୟିତ୍ୱ ଦେଲେ ୨୦୨୯ ମସିହା ସୁଦ୍ଧା ଆମେ ବାବାଙ୍କ ମନ୍ଦିର ନିର୍ମାଣ ପୂର୍ଣ୍ଣାଙ୍ଗ କରିବୁ ବୋଲି କଂଗ୍ରେସ ନେତା ଶ୍ରୀ ଦାସ ଘୋଷଣା କରିଥିଲେ। ଏହି ସମ୍ମିଳନୀରେ ବରିଷ୍ଠ ନେତା ଗୋପବନ୍ଧୁ ମହାପାତ୍ର, ଶିଶିର ମହାପାତ୍ର, ସୁଦର୍ଶନ ଜେନା, ସରପଞ୍ଚ ସୁମନ୍ତ ବେହେରା, ମମତା ସାହୁ, ବ୍ଲକ କଂଗ୍ରେସ ମହିଳା ସଭାନେତ୍ରୀ ମୀନାରାଣୀ ସୁର, ପୂର୍ବତନ ସରପଞ୍ଚ ଶମ୍ଭୁନାଥ ମାଝୀ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଶ୍ରୀକାନ୍ତ ପିଲା ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲ୍ଲା ରେଡ୍‌କ୍ରସ୍ ସମ୍ପାଦକଙ୍କୁ ସ୍ମାରକପତ୍ର

**ବାଲେଶ୍ୱର, ୧୮।୧୨(ସମିସ):** ବାଲେଶ୍ୱର ଜିଲ୍ଲା ରେଡକ୍ରସ ସଂସ୍ଥା ପକ୍ଷରୁ ବେନିୟମରେ ଏକ ବୈଠକ କରାଯାଇଥିବା ଅଭିଯୋଗ କରି କିଛି ମୁଷ୍ଟିମେୟ ଆଜୀବନ ସଦସ୍ୟ ଜିଲ୍ଲା ଜରୁରିକାଳୀନ ଅଧିକାରୀ ତଥା ସମ୍ପାଦକ ରେଡକ୍ରସ ବାଲେଶ୍ୱର ଶାଖାଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଗତ ୧୧ ଡିସେମ୍ବରରେ ଜିଲ୍ଲା ରେଡକ୍ରସ ସଂସ୍ଥାର ହୋଇଥିବା ସାଧାରଣ ପରିଷଦ ବୈଠକକୁ ଆଜୀବନ ସଦସ୍ୟଙ୍କୁ ନିମନ୍ତ୍ରଣ ନ କରିବା ଓ ଜଣେ କର୍ମଚାରୀଙ୍କ ବିବାଦୀୟ ଦରମା ପ୍ରସଙ୍ଗରେ ଆଲୋଚନା କରିବା ସମ୍ପର୍କରେ ଅଭିଯୋଗ ଉଠାଇଛନ୍ତି ଅସନ୍ତୋଷ ଆଜୀବନ ସଦସ୍ୟମାନେ। ପୁନର୍ବାର ସଂସ୍ଥାର ସମସ୍ତ ଆଜୀବନ ସଦସ୍ୟଙ୍କୁ ଡାକି ସାଧାରଣ ପରିଷଦ ବୈଠକ କରିବା ପାଇଁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଆଜୀବନ ସଦସ୍ୟ ଦେବବ୍ରତ ପାଣିଗ୍ରାହୀ, ଅପର୍ଣ୍ଣା ମହାପାତ୍ର, ଉବାଚକ ମହନ୍ତି ପ୍ରମୁଖ ଏହି ସ୍ମାରକପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

## କୁପାରୀ ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ପ୍ରସ୍ତୁତି

**ଖଇରା, ୧୮।୧୨(ସମିସ):** କୁପାରୀ ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ଅଧ୍ୟକ୍ଷତାରେ ଆଲୁମିନି କମିଟିର କର୍ମକର୍ତ୍ତା, ବିଦ୍ୟାଳୟ ପରିଚାଳନା କମିଟିର ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା। ଡିସେମ୍ବର ୨୧ ରୁ ୨୪ ତାରିଖ ପର୍ଯ୍ୟନ୍ତ ଚାରି ଦିନ ଧରି ଜୟନ୍ତୀ ସମାରୋହର ବିଭିନ୍ନ କାର୍ଯ୍ୟକ୍ରମମାନ ଆୟୋଜିତ ହେବାକୁ ସ୍ଥିରୀକୃତ ହୋଇଛି। ୨୧ ତାରିଖ ଦିନ ଆଲୁମନି କମିଟି ସହଯୋଗରେ ରୋଟାରୀ କ୍ଲବ ଆନୁକୂଲ୍ୟରେ ଏକ ମେଗା ସ୍ୱାସ୍ଥ୍ୟମେଳା ଅନୁଷ୍ଠିତ ହେବାକୁ ଯାଉଛି। ରୋଟାରୀ ବାଲେଶ୍ୱର ଦନ୍ତ ଓ ଚକ୍ଷୁ ଚିକିତ୍ସାଳୟ ଓ ଆପୋଲୋ ହସ୍ପିଟାଲ୍ ଭୁବନେଶ୍ୱରର ବିଶେଷଜ୍ଞ ଡାକ୍ତରୀ ଦଳ ଓ ପରୀକ୍ଷା ନିରୀକ୍ଷା ଦଳ ଯୋଗ ଦେବେ। ୨୨ରୁ ୨୪ ତିନି ଦିନ ଧରି ବିଦ୍ୟାଳୟର ପ୍ରାକ୍ତନ ଛାତ୍ରଛାତ୍ରୀଙ୍କ ଆୟୋଜନରେ ସାଧାରଣ ସଭା, ବିଦ୍ୟାଳୟର ପ୍ରତିଭାଧାରୀ ମାନଙ୍କୁ ସମ୍ମାନିତ କରାଯିବା ସହିତ ସମାଜର ପ୍ରତିଷ୍ଠିତ ବିଶିଷ୍ଟ ପ୍ରତିଭାଧାରୀଙ୍କୁ ସମ୍ମାନିତ କରାଯିବାର କାର୍ଯ୍ୟକ୍ରମ ରହିଛି। କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ବିଦ୍ୟାଳୟ ପରିଚାଳନା କମିଟି, ଛାତ୍ର, ଶିକ୍ଷକ ବିଶେଷକରି ପୁରାତନ ଛାତ୍ରଛାତ୍ରୀଙ୍କ ପ୍ରତ୍ୟେକ୍ଷ ସହଯୋଗ ଲୋଡା ବୋଲି ଆଲୁମିନି କମିଟିର ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ଷେଣ୍ଠ ଜଣାଇଛନ୍ତି।

## ଜନଆରୋଗ୍ୟ ସମିତି ବୈଠକ



**ଭୋଗରାଇ, ୧୮।୧୨ (ସମିସ) :** ଭୋଗରାଇ ବ୍ଲକ ନିମାତପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ବୁଧବାର ସ୍ୱାସ୍ଥ୍ୟ କେନ୍ଦ୍ରର ଜନ ଆରୋଗ୍ୟ ସମିତିର ପରିଚାଳନା କମିଟି ବୈଠକ ସମିତିର ଅଧ୍ୟକ୍ଷା ତଥା ୩୪ ନମ୍ବର ଜିଲ୍ଲାପରିଷଦ ନିବେଦିତା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସ୍ୱାସ୍ଥ୍ୟ କେନ୍ଦ୍ରର ବିଗତ ବର୍ଷର ଉନ୍ନତୀ ମୂଳକ କାର୍ଯ୍ୟର ସମୀକ୍ଷା ହେବା ସହିତ ଚଳିତବର୍ଷ ପାଇଁ ହେବାକୁ ଥିବା କାର୍ଯ୍ୟ ସମ୍ପର୍କରେ ଆଲୋଚନା କରାଯାଇଥିଲା।

କାର୍ଯ୍ୟକ୍ରମରେ ଜଳେଶ୍ୱର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଜନସ୍ୱାସ୍ଥ୍ୟ ବିଭାଗ ମୁଖ୍ୟ ଡାକ୍ତର ଉତ୍ତର କୁମାର ଦଣ୍ଡପାଟ, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଡାକ୍ତର ଚିନ୍ମୟ କୁମାର ପରିଡ଼ା, ବିପିଏମ କବି ପ୍ରସାଦ ସାହୁ, ଗୁନେଇ ବସାଣ ସରପଞ୍ଚ ସୁମତୀ ପାତ୍ର, ନିମାତପୁର ସରପଞ୍ଚ ରାଜେନ୍ଦ୍ର କୁମାର ଦଳାଇ, ବାରବାଟିଆ ସରପଞ୍ଚ ବାସୁଦେବ ମହାନ୍ତି, ବରିଷ୍ଠ ସାମ୍ବାଦିକ ଦିଲ୍ଲୀପ କୁମାର ଦାସ, ଦିଲ୍ଲୀପ କୁମାର ପ୍ରଧାନ, ଶିକ୍ଷାବିତ ଗଜାନନ ସାହୁ, ଫାର୍ମାସିଷ୍ଟ ଜିତେନ କୁମାର ହାଜିରା, ସ୍ୱୟଂ ସ୍ୱାହାୟକ ଗୋଷ୍ଠୀର ସଦସ୍ୟା, ମହିଳା ସ୍ୱାସ୍ଥ୍ୟ କର୍ମୀ କିରଣ ବାଲା ଭଞ୍ଜ, ନର୍ସିଂ ଅଫିସର ଅପର୍ଣ୍ଣା ପ୍ରଧାନ, ଏଲଟି ଅର୍ଚ୍ଚନା ସାହୁ ପ୍ରମୁଖ ଉପସ୍ଥିତ ଥିବାବେଳେ, ଅଜିତ ସାସାମଲ, ମାନସ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଚତୁର୍ଥ ଶ୍ରେଣୀ କର୍ମଚାରୀ ପ୍ରଶାନ୍ତ ଘଡ଼ାଇଙ୍କୁ କାୟାକଳ୍ପ ପାଇଁ ବେଷ୍ଟ ୱାର୍କର ଭାବରେ ସମ୍ବର୍ଦ୍ଧିତ କରାଯାଇଥିଲା। ଆୟୁଷ ଡାକ୍ତର କମଳାକାନ୍ତ ଗିରି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## କ୍ରିକେଟ ପ୍ରତିଯୋଗିତା; ମୋରଡ଼ା ଚାମ୍ପିଅନ

**ଜଳେଶ୍ୱର, ୧୮।୧୨(ସମିସ):** ଜଳେଶ୍ୱର ବ୍ଲକ ଅନ୍ତର୍ଗତ କୋଟସାହି ପଞ୍ଚାୟତର ଗୋବର୍ଦ୍ଧନପୁର ଗ୍ରାମସ୍ଥିତ ବାବା ଅଖିଳେଶ୍ୱର ଯୁବକ ସଙ୍ଘ ପକ୍ଷରୁ ୮ ଦିନ ଧରି ଚାଲିଥିବା କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ଖେଳରେ ମହାକାଳ ଇଲେଭେନ ମୋରଡ଼ା ୮ ୱିକେଟରେ କୁଜିସି ଟାଇଗର ଜମ୍ବୀରାଇକୁ ହରାଇଛି। ଗ୍ରାମ କମିଟିର ସଭାପତି ବଂଶୀଧର ବେହେରା, ସମ୍ପାଦକ ବସନ୍ତ ମହାନ୍ତି, ଉପସଭାପତି ରାଧାଶ୍ୟାମ ନାଥ, ଅଜୟ ଜେନା, ପଞ୍ଚାନନ ନାଥ, ସଦାଶିବ ଜେନା ପ୍ରମୁଖ ଅତିଥି ଉପସ୍ଥିତ ଥିଲେ। ବିଜେତା ଦଳକୁ ନଗଦ ୨୦ ହଜାର ଟଙ୍କା ଏବଂ ଟ୍ରଫି ସହ ପରାଜିତ ଦଳଙ୍କୁ ୧୪ ହଜାର ଟଙ୍କା ସହିତ ଟ୍ରଫି ପ୍ରଦାନ କରାଯାଇଥିଲା। ଅଖିଳେଶ୍ୱର ଯୁବକ ସଙ୍ଘର ସଭାପତି ହେମନ୍ତ ଜେନା ଏବଂ ସଦସ୍ୟମାନେ ଉପସ୍ଥିତ ଥିଲେ।

## ପୂର୍ଣ୍ଣାଙ୍ଗ ଶିକ୍ଷା ନିକେତନରେ ବିଜ୍ଞାନ ମେଳା

**ଜଳେଶ୍ୱର, ୧୮।୧୨(ସମିସ):** ଜଳେଶ୍ୱର ବ୍ଲକ ଅନ୍ତର୍ଗତ ପଶ୍ଚିମବାର୍ଡ ପଞ୍ଚାୟତସ୍ଥିତ ଦେବକୁମାର ପୂର୍ଣ୍ଣାଙ୍ଗ ଶିକ୍ଷା ନିକେତନରେ ବିଜ୍ଞାନ ମେଳାରେ ଚତୁର୍ଥ ଶ୍ରେଣୀରୁ ଅଷ୍ଟମ ପର୍ଯ୍ୟନ୍ତ ସମସ୍ତ ଛାତ୍ରଛାତ୍ରୀ ୧୧ଟି ଷ୍ଟଲ ପ୍ରଦର୍ଶିତ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ଯଦୁମଣି ପ୍ରଧାନଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଆନନ୍ଦମୟୀ ହାଇସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ପ୍ରତିମା ନନ୍ଦୀ ଓ ମୁଖ୍ୟବକ୍ତା ଭାବେ ପଶ୍ଚିମବାର୍ଡ ସମିତିସଭ୍ୟ ହରିଶ୍ଚନ୍ଦ୍ର ମହାଳିକ ପିଲାମାନଙ୍କୁ ଜଣେ ଜଣେ ଭଲ ବୈଜ୍ଞାନିକ ହେବାକୁ ଉପଦେଶ ଦେଇଥିଲେ। ଜନ୍ମେଜୟ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଔପଦା, ୧୮।୧୨ (ସମିସ):** ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଔପଦାର ବାର୍ଷିକ ଉତ୍ସବ ପ୍ରାହୁତି-୨୦୨୪ ଅନୁଷ୍ଠିତ ହୋଇଯାଇଛି। ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ମନୋରଞ୍ଜନ ବେହେରାଙ୍କ ଅଧ୍ୟକ୍ଷତାରେ ଆଜି ଆଦର୍ଶ ବିଦ୍ୟାଳୟ ପରିସରରେ ବାର୍ଷିକ ଉତ୍ସବ ପ୍ରାହୁତି -୨୦୨୪ ର ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ନୀଳଗିରି ଉପଜିଲ୍ଲାପାଳ ଶୁଭଶ୍ରୀ ରଥ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ଫକୀରମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ ରେଜିଷ୍ଟ୍ରର ଡ. ହର ପ୍ରସାଦ ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗ ଦେଇ କାର୍ଯ୍ୟକ୍ରମର ଲକ୍ଷ୍ୟ ଉଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାଶିକ୍ଷାଧିକାରୀ ଧରଣୀ ଧର ପାତ୍ର, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ରତ୍ନାକର ଦାସ, ଜିଲ୍ଲା ନୋଡାଲ ପ୍ରିନ୍ସପାଲ ରାମ କୃଷ୍ଣ ସାହୁ ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଅପରାହ୍ନରେ ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ମନୋରଞ୍ଜନ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ଯୋଗ ଦେଇ ଛାତ୍ର ଛାତ୍ରୀ ମାନଙ୍କର ଅନ୍ତର୍ନିହିତ ଗୁଣର ବିକାଶ ଓ ଉତ୍ତମ ପରିବେଶ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ବ୍ଲକ ଅଧ୍ୟକ୍ଷା ବିସିବିସ୍ୱା ପାତ୍ର, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସୁଦର୍ଶନ ରାଉତ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। କ୍ରୀଡା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ୯୬ଜଣ କୃତି ପ୍ରତିଯୋଗୀଙ୍କୁ ମଞ୍ଚାସୀନ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ପରେ ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଗ୍ରୁପ ଡ୍ୟାନ୍ସ, ସଙ୍ଗୀତ, ଶିକ୍ଷା ଉପରେ ଆଧାରିତ ନାଟକ 'ସ୍ୱପ୍ନ ର ଡେଣା' ଦର୍ଶକଙ୍କୁ ବେଶ ଆକର୍ଷିତ କରିଥିଲା। କାର୍ଯ୍ୟକ୍ରମରେ ବରିଷ୍ଠ ଶିକ୍ଷକ ପ୍ରେମନାଥ ମହାଳିକ, ସୂର୍ଯ୍ୟକାନ୍ତ ବେହେରା, ଜୟ ନାରାୟଣ ପରିଡ଼ା, ଶଶୀ କାନ୍ତ ବେହେରା, ଚିନ୍ମୟୀ ସାହୁ, ଦେବସ୍ମିତା ବେହେରା, ସୁଚିସ୍ମିତା ରାଜ, ବିରେନ୍ଦ୍ର ବେହେରା, ବିଦୁସ୍ମିତା ମହାପାତ୍ର, ସଙ୍ଗୀତା ରାଉତ, ରାଜଦୀପ ବିଶ୍ୱାସ, ଦିବ୍ୟଜ୍ୟୋତି ଜେନା, ପ୍ରତିଭା ବେହେରା ପ୍ରମୁଖ ସହଯୋଗ କରିଥିଲେ।

## ଅବସରପ୍ରାପ୍ତ ଅଧ୍ୟାପକଙ୍କ ବିୟୋଗ

**ନୀଳଗିରି, ୧୮।୧୨(ସମିସ):** ନୀଳଗିରି ମହାବିଦ୍ୟାଳୟର ପୂର୍ବତନ ତଥା ଅବସରପ୍ରାପ୍ତ ଅଧ୍ୟାପକ ଭାସ୍କରଚନ୍ଦ୍ର ନାୟକଙ୍କ ବିୟୋଗ ହୋଇଯାଇଛି। ଶ୍ରୀ ନାୟକ ବହୁଦିନ ଧରି କର୍କଟ ରୋଗରେ ପୀଡ଼ିତ ଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ପୂର୍ବତନ ବିଧାୟକ ସୁକାନ୍ତ ନାୟକ, ସାଂସଦ ପ୍ରତାପ ଷଡ଼ଙ୍ଗୀଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ, କଲେଜର ଅଧ୍ୟକ୍ଷା, ସମସ୍ତ ଅଧ୍ୟାପକ, ଅଧ୍ୟାପକା ଶେଷ ଦର୍ଶନ କରିବା ସହ ଆତ୍ମାର ସଦଗତି କାମନା କରିଥିଲେ। ସନ୍ଧ୍ୟାରେ ନିଜ ପୈତୃକ ତଥା ଜନ୍ମ ମାଟି ବାରାକୋଇଲିଠାରେ ପହଞ୍ଚିବା ଶେଷ ଦର୍ଶନ ପରେ ପ୍ରିୟ ପରିଜନ ଶବାଧାରରେ ଯାଇ ଗ୍ରାମ ମଶାଣିରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।

## ପୂର୍ବାଞ୍ଚଳ ଡିଆଇଜିଙ୍କ ସୋର ଥାନା ପରିଦର୍ଶନ

**ସୋର, ୧୮।୧୨(ସମିସ):** ଆଜି ମଧ୍ୟାହ୍ନରେ ପୂର୍ବାଞ୍ଚଳ ଡିଆଇଜି ସତ୍ୟଜିତ ନାୟକ ସୋର ଥାନା ପରିଦର୍ଶନ କରିଛନ୍ତି। ଏହି ପରିଦର୍ଶନ ସମୟରେ ଥାନାର ପରିବେଶ, ସିସି କ୍ୟାମେରା ଓ କାଗଜପତ୍ର ଯାଞ୍ଚ କରିବା ସହିତ ଆଇନଶୃଙ୍ଖଳା ପରିସ୍ଥିତିର ସମୀକ୍ଷା କରିଥିଲେ। ସୋର ଥାନାର କୌଣସି ସମସ୍ୟା ନଥିବା ବେଳେ ସୋର ସହରରେ ସିସିଟିଭି କ୍ୟାମେରା ଓ ପଠାଣ ମହଲା ଛକରେ ବନ୍ଦ ଥିବା ଫାଣ୍ଡିକୁ ପୁନଃ ସକ୍ଷମ ପାଇଁ କିଛି ଯୁବକ ଡ଼ିଆଇଜି ଶ୍ରୀ ନାଏକଙ୍କ ନିକଟରେ ଅନୁରୋଧ ରଖିଥିଲେ। ଏହି ସମୟରେ ବାଲେଶ୍ୱର ଜିଲ୍ଲା ଆରକ୍ଷୀ ଅଧିକ୍ଷକ ରାଜ କୁମାର, ସଦର ଏସଡିପିଓ ଶୁଭ୍ରାଂଶୁ ନାୟକ, ସୋର ଥାନାଧିକାରୀ ପ୍ରଭାଂଶୁ ଶେଖର ମିଶ୍ରଙ୍କ ସମେତ ସୋର ଥାନାର ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

## ମହିଳା ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

**ଜଳେଶ୍ୱର, ୧୮।୧୨ (ସମିସ):** ବୁଧବାର ଜଳେଶ୍ୱର ମହିଳା ମହା ବିଦ୍ୟାଳୟ ପରିସରରେ ୪୦ତମ କ୍ରୀଡ଼ା ଉତ୍ସବ-୨୦୨୪ ଆନୁଷ୍ଠାନିକ ଭାବେ ଉଦଘାଟିତ ହୋଇ ଯାଇଛି। ସର୍ବ ପ୍ରଥମେ ଜଳେଶ୍ୱର ଷ୍ଟେସନ ବଜାର ଦୁର୍ଗା ମନ୍ଦିରଠାରୁ ଏକ ମଶାଲ ଶୋଭାଯାତ୍ରା ଆରମ୍ଭ ହୋଇଥିଲା। ଉକ୍ତ ମଶାଲ ଯାତ୍ରାକୁ ମୁଖ୍ୟ ଅତିଥି ଭାବେ ଜଳେଶ୍ୱର ତହସିଲଦାର ସତ୍ୟଜିତ୍ ମହାନ୍ତି ଉପସ୍ଥିତ ହୋଇ ଷ୍ଟେସନ ବଜାର ଦୁର୍ଗା ମନ୍ଦିର ଠାରେ ଉଦଘାଟନ କରିଥିଲେ। ମଶାଲ ଯାତ୍ରା ମହାବିଦ୍ୟାଳୟ ପ୍ରାଙ୍ଗଣରେ ପହଞ୍ଚିଲା ପରେ ଉକ୍ତ ମଶାଲକୁ ତହସିଲଦାର ଶ୍ରୀ ମହାନ୍ତି ଗ୍ରହଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଯୁକ୍ତ ୩ ମହା ବିଦ୍ୟାଳୟର ଅଧ୍ୟକ୍ଷ ଦିଲ୍ଲୀପ କୁମାର ଘୋଷ ସଭାପତିତ୍ୱ କରିଥିବାବେଳେ ଯୁକ୍ତ ୨ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ର ଅଧ୍ୟକ୍ଷ ଡ. ଦୟାନିଧି ପ୍ରଧାନ ସମ୍ମାନିତ ବକ୍ତା ଭାବେ ଯୋଗଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମ ଖେଳ ଶିକ୍ଷୟିତ୍ରୀ ଜୟନ୍ତୀ ପ୍ରଧାନ, ଡ. ଲିପସା ଦାସ, ଚନ୍ଦ୍ର ଶେଖର ଗିରି, ସୂର୍ଯ୍ୟକାନ୍ତ ବେହେରା, ପ୍ରିତମ ପତି, ରତନ ମିଶ୍ର ସହ ଦିଲ୍ଲୀପ ସାଠୁଆ, ରାଜଶ୍ରୀ ଜେନା, ଦିବ୍ୟାଭାରତୀ ଦାସ ତଥା ମହା ବିଦ୍ୟାଳୟର ଅଣ ଶିକ୍ଷକ କର୍ମଚାରୀ ମାନେ ସହଯୋଗ କରିଥିଲେ। ମହା ବିଦ୍ୟାଳୟର ଇଂରାଜୀ ବିଭାଗର ଅଧ୍ୟାପକ ସଂଗ୍ରାମ ପଟ୍ଟନାୟକ ଧନ୍ୟବାଦ ପ୍ରଦାନ କରିଥିଲେ।

## ଜାକିର ହୁସେନ୍‌ଙ୍କୁ ଶ୍ରଦ୍ଧାଞ୍ଜଳି

**ବାଲେଶ୍ୱର, ୧୮।୧୨(ସମିସ):** ବିଶିଷ୍ଟ ତବଲା ବାଦକ ଜାକିର ହୁସେନଙ୍କ ବିୟୋଗରେ ସାଇନୃତ୍ୟ ସଙ୍ଗୀତ ମହାବିଦ୍ୟାଳୟ ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ସ୍ଥାନୀୟ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଡ. ଜୟନ୍ତ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉପସଭାପତି ତଥା ଅବସରପ୍ରାପ୍ତ ପ୍ରଫେସର ଗୀତାରାଣୀ ଦାସଅଧିକାରୀ, ସମ୍ପାଦକ ବିଷ୍ଣୁପ୍ରସାଦ ମହାନ୍ତି, ସଦସ୍ୟ ସୁରଞ୍ଜନ ଦାସ ମହାପାତ୍ର, ତବଲା ବିଭାଗର ମୁଖ୍ୟ ଅଜିତାନନ୍ଦ ଦେବଗୋସ୍ୱାମୀ ପ୍ରମୁଖଙ୍କ ସମେତ ଶିକ୍ଷକ, ଛାତ୍ରଛାତ୍ରୀ ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଥିଲେ।

## ଚୁକ୍ତି ଅନୁଯାୟୀ ନିର୍ମାଣ ହେଉନି ମଲ୍ଲାରୀ-ଧନିଆବନ୍ଧ ରାସ୍ତା

**ଖଇରା, ୧୮।୧୨ (ସମିସ):** ବାଲେଶ୍ୱର ଓ କେନ୍ଦୁଝର ୨ଜିଲାକୁ ସଂଯୋଗ କରୁଥିବା ମଲ୍ଲାରୀ-ଧନିଆବନ୍ଧ ରାସ୍ତା ଚୁକ୍ତି ଅନୁଯାୟୀ କରାଯାଉନାହିଁ। ଠିକାଦାର ନିଜ ଇଚ୍ଛାରେ ଚୁକ୍ତିକୁ ଅବମାନନା କରି ବେଆଇନ ଭାବେ ରାସ୍ତା କାମ ଆରମ୍ଭ କରିଛନ୍ତି। ଚୁକ୍ତିର ୮ ମାସ ପରେ ଠିକାଦାର ଆରମ୍ଭ କରିଥିବା ବେଳେ କଚ୍ଛପ ଗତିରେ ନିର୍ମାଣ କରାଯାଉଛି। ଯେଉଁ ମୁଣ୍ଡରୁ ଆରମ୍ଭ ହେବା କଥା ସେହି ମୁଣ୍ଡରୁ ଆରମ୍ଭ କରାନଯାଇ ଇଚ୍ଛା ଅନୁସାରେ କରାଯାଉଛି। ପ୍ରତିବାଦରେ ରଟିଣା ପଞ୍ଚାୟତବାସୀ କାର୍ଯ୍ୟର ତଦନ୍ତ ପାଇଁ ଗ୍ରାମ୍ୟଉନ୍ନୟନ ବିଭାଗର ମୁଖ୍ୟଯନ୍ତ୍ରୀଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଏହାର ନକଲ ଅଧିକ୍ଷଣ ଯନ୍ତ୍ରୀ, ନିର୍ବାହୀ ଯନ୍ତ୍ରୀ ଓ ମାର୍କୋଣା ସହକାରୀ ଯନ୍ତ୍ରୀଙ୍କୁ ପ୍ରଦାନ କରିଛନ୍ତି।



ପାଖାପାଖି ୧ବର୍ଷ ତଳେ ଏହି ରାସ୍ତାର ଶିଳାନ୍ୟାସ କରାଯାଇଥିଲା। ରାସ୍ତା ସମ୍ପୂର୍ଣ୍ଣ ଲାଗି ସମ୍ପ୍ରସାରଣ ଆବଶ୍ୟକତା ଲାଗି ଗ୍ରାମବାସୀଙ୍କୁ ଉପର ଅଧିକାରୀଙ୍କୁ ଅଭିଯୋଗ କରିବାକୁ କହି ଠିକାଦାର ଏହି ଆଳରେ ଦିନ ଗଡ଼ାଇ ଚାଲିଲେ। ଏବେ ୮ମାସ ପରେ ଠିକାଦାର କାମ ଆରମ୍ଭ କରିଥିବା ବେଳେ ଗ୍ରାମବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟି ନଦେଇ କାମ କରୁଥିବା ଗ୍ରାମବାସୀ ମାନେ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଏଥିସହ ଠିକାଦାର ଗ୍ରାମବାସୀଙ୍କୁ ଭୟଭୀତ କରୁଥିବାରୁ ବାଧହୋଇ ଗ୍ରାମବାସୀ ମାନେ ଅଧିକାରୀଙ୍କୁ ଜଣାଉଥିବା ପ୍ରକାଶ କରିଛନ୍ତି। ଠିକାଦାରଙ୍କ ଲାଇସେନ୍ସ ବାତିଲ ପାଇଁ ଦାବି କରିଛନ୍ତି। ଏ ସମ୍ପର୍କରେ କନିଷ୍ଠ ଯନ୍ତ୍ରୀ ମନୋଜ କୁମାର ସେଣ୍ଠଙ୍କୁ ଯୋଗାଯୋଗ କରିବାରେ ଗ୍ରାମବାସୀ ଗୋଟିଏ ଗ୍ରାମକୁ ସମ୍ପ୍ରସାରଣ ପାଇଁ ଚାହୁଁଥିବା ବେଳେ ଏହା ହୋଇନପାରିବାରୁ ସେମାନେ ଏଭଳି ଅଭିଯୋଗ କରୁଥିବା କହିଛନ୍ତି।

● ଅବାଧରେ ମିଳୁଛି ଦେଶୀ ଓ ବିଦେଶୀ ମଦ

## ନିଶା କବଳରେ ଖଣି ଅଞ୍ଚଳର ଯୁବପିଢ଼ି

କାଳିଆପାଣି,୧୮ ।୧୨(ସମିସ): କାଳିଆପାଣି ଖଣି ଅଞ୍ଚଳର ବିଭିନ୍ନ ବସ୍ତି ଗୁଡିକରେ ଏବେ ଅବାଧରେ ମହୁଲି ମଦ ଠାରୁ ଆରମ୍ଭ କରି ବିଦେଶୀ ମଦ ଏବଂ ଗଞ୍ଜେଇ କାରବାର ବଢ଼ି ଚାଲିଛି । କଲରଙ୍ଗୀ କ୍ରୋମାଇଟ୍ ମାଇନ୍ସ ଠାରୁ ଆରମ୍ଭ କରି କଅଁସ ଯାଏଁ ଯେତେଗୁଡିଏ ବସ୍ତି ରହିଛି, ସେହି ବସ୍ତି ଗୁଡିକରେ ଅବାଧରେ ଏହି କାରବାର ଜୋର ଧରିଛି । ବିଶେଷକରି ସୁକିନ୍ଦା କ୍ରୋମାଇଟ ମାଇନ୍ସ, ଟାଟା କମ୍ପାନୀ ସାମ୍ନାରେ ଥିବା ମାଙ୍କିଡିଆ ବସ୍ତି ଏବଂ ବିର୍ସାନଗର ବସ୍ତିରେ ଏହି କାରବାର ବଢ଼ି ଚାଲିଛି । ଖଣି ଅଞ୍ଚଳରେ କେତେକ ଖଣି ଖାଦାନ ବନ୍ଦ ପଡିଥିବାରୁ ଅନେକ ପରିବାର ବେରୋଜଗାର ହୋଇ ରହିଛନ୍ତି । ଏହାକୁ ଆଳ କରି ଗରିବ ଲୋକମାନେ ଅନ୍ୟ ଉପାୟ ନପାଇ ନିଶା କାରବାର କରିବାକୁ ବାଧ୍ୟ ହେଉଛନ୍ତି । ଏହାର ପ୍ରଭାବ ପଡୋଶୀ ଏବଂ କୋମଳମତି ବାଳକ ବାଳିକାଙ୍କ ଉପରେ ପଡୁଥିବା ଦେଖିବାକୁ ମିଳୁଛି । ୧୨ରୁ ୧୫ବର୍ଷର ପିଲାମାନେ ଏହାର ଶିକାର ହେଉଛନ୍ତି । ସ୍କୁଲ ଯିବା ବାହାନାରେ ପିଲାମାନେ ଘରୁ ବାହାରିଯାଇ ପଡୋଶୀଙ୍କ ଠାରୁ ଦେଶୀ ହାଣ୍ଡିଆ, ମହୁଲି ଏବଂ ଗଞ୍ଜେଇ ଟାଣିବାକଚ ବାହାନା ଖୋଜୁଛନ୍ତି । ଖଣି ସଂଲଗ୍ନ ବିଭିନ୍ନ ଗାଁ ତଥା ପଡୋଶୀ ଜିଲ୍ଲାର ସୀମାନ୍ତ ଅଞ୍ଚଳରୁ ପ୍ରଚୁର ପରିମାଣରେ ମହୁଲି ମଦ ଅବାଧରେ ଏହି ବସ୍ତିକୁ ଆସୁଛି । ସେହିପରି ଗଞ୍ଜେଇ ନିଶା ମଧ୍ୟ ଖଣି ଅଞ୍ଚଳରେ ପ୍ରଚୁର ପରିମାଣରେ ମିଳୁଛି । ଖଣି ଠାରୁ ୭ କିଲୋମିଟର ଦୂରରେ ଥିବା ବିଦେଶୀ ମଦ ଦୋକାନରେ ଯେତିକି ମଦ ବିକ୍ରି ହେଉଛି ତାଠାରୁ ଅଧିକ ବିଦେଶୀ ମଦ, ବଜାରରେ ଥିବା ବିଭିନ୍ନ ଦୋକାନରେ ମିଳୁଛି । ଅସାଧୁ ମଦ କଳାବଜାରୀ ମାନେ ବସ୍ତି ଗୁଡିକରେ ଏହି କାରବାର କରି ଚାଲିଛନ୍ତି । ଖଣି ଅଞ୍ଚଳର କିଛି ସଚେତନ ନାଗରିକ ଏ ନେଇ ଉଦ୍‌ବେଗ ପ୍ରକାଶ କରିବା ସହିତ ତୁରନ୍ତ ଏଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ନିବେଦନ କରିଛନ୍ତି ।

## ତାରିଣୀ ମନ୍ଦିରରୁ ଚୋରି

ଜାରକା,୧୮ ।୧୨( ସମିସ): ଧର୍ମଶାଳା ଥାନା କୁମାରୀ ତାରିଣୀ ମନ୍ଦିରରୁ ମା'ଙ୍କ ସୁନା ଅଳଙ୍କାର ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି । ଗତ ୨ ଦିନ ତଳେ ମା' ତାରିଣୀଙ୍କ ବାର୍ଷିକ ଉତ୍ସବ ଉପଲକ୍ଷେ ମା'ଙ୍କ ବିଗ୍ରହରେ ସୁନା ଆଖି, ଚିତା, ନାକଫୁଲ ସମେତ ଅନ୍ୟାନ୍ୟ ସାମଗ୍ରୀ ପିନ୍ଧାଯାଇଥିଲା । ଏହାର ସୁଯୋଗ ନେଇ ମଙ୍ଗଳବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ମା'ଙ୍କ ବିଗ୍ରହରୁ ସମସ୍ତ ଅଳଙ୍କାର ଚୋରି କରିନେଇଥିବା ଆଜି ସକାଳେ ଜଣାପଡ଼ିଥିଲା । ଏ ନେଇ ଗ୍ରାମବାସୀଙ୍କ ପକ୍ଷରୁ ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ କିଶାନ ପଣ୍ଡା, ବିରଞ୍ଚି ନାରାୟଣ ସାହୁ, ମିନାକ୍ଷୀ ପଣ୍ଡା, କଳ୍ପନା ମିଶ୍ର, ମନୋଜ ଦାସ, କଳ୍ପତରୁ ସାହୁ, ବିଚିତ୍ର ଦାସ, ରାଜକିଶୋର ଶତପଥୀ, ହାଡ଼ିବନ୍ଧୁ ବାରିକ, ନିଗମାନନ୍ଦ ସାହୁ, ସନ୍ତୋଷ ଦାସ ପ୍ରମୁଖ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ପୁଲିସ ଆଜି ଘଟଣାସ୍ଥଳକୁ ଆସି ସିସିଟିଭି ଫୁଟେଜ ଯାଞ୍ଚ କରି ଘଟଣାର ତଦନ୍ତ ଚଳାଇଛି ।

ମା' ବିରଜା ପରିକ୍ରମା ପ୍ରକଳ୍ପ ଅଞ୍ଚଳରେ ହାଟ ପୁନଃପ୍ରତିଷ୍ଠା

# ଶ୍ରେୟ ନେବାକୁ ବିଜେପି ନେତାଙ୍କ ମଧ୍ୟରେ ଟଣାଓଟରା

ଯାଜପୁର, ୧୮ ।୧୨(ସମିସ)



ବହୁ ବାଦବିବାଦ ପରେ ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜା ପରିକ୍ରମା ପ୍ରକଳ୍ପ ଅଞ୍ଚଳରେ ବିରଜା ହାଟକୁ ପୁନଃ ପ୍ରତିଷ୍ଠା କରିଛି ଜିଲ୍ଲା ପ୍ରଶାସନ । ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବା ପରେ ଜିଲ୍ଲା ପ୍ରଶାସନକୁ ଚାପଗ୍ରସ୍ତ କରି ବାରମ୍ବାର ବିଭିନ୍ନ ଗଣ୍ଡଗୋଳ ଘଟାଇ ଏହି ହାଟ ପାଇଁ ଲାଗିପଡ଼ିଥିଲେ ସ୍ଥାନୀୟ ଅଞ୍ଚଳ ନେତା । ଜିଲ୍ଲା ପ୍ରଶାସନ ଗତ ରବିବାର ଦିନ ହାଟ ବସାଇଥିବା ବେଳେ ଏହାର ଶ୍ରେୟ ନେବା ପାଇଁ ବିଜେପି ନେତାଙ୍କ ମଧ୍ୟରେ କସରତ ଜୋର୍ ଧରିଛି । ଏପରିକି ବିଭିନ୍ନ ସ୍ଥାନରେ ହୋଡିଂ ସମ୍ବର୍ଦ୍ଧନା,ଏପରିକି ବିଭିନ୍ନ ସାମାଜିକ ଗଣମାଧ୍ୟମରେ ପରସ୍ପର ପରସ୍ପରକୁ ଗାଳିଗୁଲଜ କରୁଥିବା ଘଟଣା ଦାଣ୍ଡରେ ପଡି ହାଟରେ ଗଡ଼ିଲାଣି ।

ସାଧାରଣ ନିର୍ବାଚନ ପୂର୍ବରୁ ଯାଜପୁର ନିର୍ବାଚନମଣ୍ଡଳୀରେ ଦଳୀୟ ଟିକଟ ପାଇବା ପାଇଁ ଗୌତମ ରାୟ, ସଂଗ୍ରାମ ପାତ୍ର ଓ ମୃତ୍ୟୁଞ୍ଜୟ ମିଶ୍ରଙ୍କ ମଧ୍ୟରେ ଟଣାଓଟରା ଲାଗି ରହିଥିଲା । ଗୌତମ ରାୟ ବାରମ୍ବାର ଯାଜପୁରରେ ପ୍ରାର୍ଥୀ ହୋଇ ପରାଜିତ ହେଉଥିବାରୁ ତାଙ୍କୁ ପୁଣି ଟିକଟ ନ ଦେବା ପାଇଁ କେତେକ ଗୋଷ୍ଠୀ ରାଜ୍ୟ ନେତୃତ୍ୱଙ୍କ ନିକଟରେ ଲବି କରି ବିଫଳ ହୋଇଥିଲେ । ଗୌତମ ଟିକଟ ପାଇଥିଲେ ମଧ୍ୟ ବିଜେଡି ନିକଟରୁ ପରାଜୟବରଣ କରିଥିଲେ । ଏହି ପରାଜୟ ପାଇଁ ନିର୍ବାଚନ ପରେ ଯୁବ ନେତା ସଂଗ୍ରାମଙ୍କୁ ଦାୟୀ କରି ତାଙ୍କ ଗାଡ଼ି ଭଙ୍ଗାରୁଜା ସହିତ ଆକ୍ରମଣ କରିଥିଲେ ଗୌତମଙ୍କ ସମର୍ଥକ । ଏବେ ହାଟ ପ୍ରସଙ୍ଗରେ ଶ୍ରେୟ ନେବାକୁ ବିଜେପି ନେତାଙ୍କ ସମର୍ଥକଙ୍କ ମଧ୍ୟରେ ସତେ ଯେମିତି ଏକ ପ୍ରତିଯୋଗିତା ଚାଲିଥିବା ପରି ମନେ ହେଉଛି । ହାଟ ପାଇଁ ଆନ୍ଦୋଳନ କରୁଥିବା ନେତୃତ୍ୱମାନେ କେବଳ




ବିଜେପି ଦଳୀୟ ନେତୃତ୍ୱଙ୍କ ନିର୍ଦ୍ଦେଶନାରେ କାର୍ଯ୍ୟ କରୁଥିଲେ, ତାହା ଏବେ ପ୍ରମାଣିତ ହୋଇଛି । ହାଟ ଆନ୍ଦୋଳନକାରୀ ବିଜେପି ଯୁବ ନେତା ସଂଗ୍ରାମ ପାତ୍ରଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇବା ସହିତ ଏହି ସଫଳତା ପାଇଁ ତାଙ୍କୁ ଧନ୍ୟବାଦ ପ୍ରଦାନ କରିଛନ୍ତି । ସଂଗ୍ରାମ ମଧ୍ୟ ଏଥିପାଇଁ ଆନ୍ଦୋଳନକାରୀଙ୍କୁ ନିଜ ସୋସିଆଲ ମିଡିଆରେ ଧନ୍ୟବାଦ ଜଣାଇଛନ୍ତି ।

ସେହିପରି ଜିଲ୍ଲା ବିଜେପିର ଉପସଭାପତି ଥିବା ମୃତ୍ୟୁଞ୍ଜୟ ମିଶ୍ର ମଧ୍ୟ ନିଜର ଏକ ହୋଡିଂ ସେହି ହାଟ ଅଞ୍ଚଳରେ ଲଗାଇ ମୁଖ୍ୟମନ୍ତ୍ରୀ ମୋହନ ମାଝି ଓ ଯାଜପୁର ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କୁ ଧନ୍ୟବାଦ ଜଣାଇଛନ୍ତି । ପୂର୍ବରୁ ମଧ୍ୟ ବିଜେପି ଜିଲ୍ଲା ସଭାପତି ଗୌତମ ରାୟ ହାଟ ବ୍ୟବସାୟୀଙ୍କ ପାଇଁ ସାମ୍ବାଦିକ ସମ୍ମିଳନୀ କରିଥିଲେ । ତେବେ ପ୍ରକୃତରେ ଏହି ହାଟ ବସିବା ପଛରେ କେଉଁ ନେତାଙ୍କ ହାତ ରହିଛି ଓ ସ୍ଥାନୀୟ ଜନପ୍ରତିନିଧିଙ୍କ ବିନା ଅଗୋଚରରେ ମା' ବିରଜା ପରିକ୍ରମା ପ୍ରକଳ୍ପ ଅଞ୍ଚଳକୁ କାଟଛାଣ୍ଟ କରି ଏଭଳି ହାଟ ବସାଯାଇଛି, ତାକୁ ନେଇ ସାଧାରଣରେ ପ୍ରଶ୍ନ ହେଉଛି ।

## ମଧୁବନ ବିଦ୍ୟାଳୟରେ ଚାରାରୋପଣ

କୁଆଖିଆ,୧୮ ।୧୨(ସମିସ): ମଧୁବନ ଉଚ୍ଚବିଦ୍ୟାଳୟର ପୁରାତନ ଛାତ୍ର ସଂଗଠନ ପ୍ରକୃତି ମିତ୍ର ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସଂଗଠନର ସଭାପତି ସଦାନନ୍ଦ ମଲ୍ଲିକଙ୍କ ନେତୃତ୍ୱରେ ରସୁଲପୁର ବ୍ଲକ୍ ମଧୁବନ ଉଚ୍ଚବିଦ୍ୟାଳୟ ପରିସରରେ ନଡ଼ିଆ, ଗୁଆ, ଆମ୍ବ, ପଣସ, ବଉଳ, ଅର୍ଜୁନ, ଚାକୁଣ୍ଡା ପ୍ରଭୃତି ଫଳ ଜାତୀୟ ଚାରା ରୋପଣ କରିଛନ୍ତି । ସଂଗଠନର ଉପସଭାପତି ସୌମ୍ୟରଞ୍ଜନ ପଟ୍ଟନାୟକ, ସମ୍ପାଦକ ବିରଜା ରାଉତ, କୋଷାଧ୍ୟକ୍ଷ ଉତ୍ତମ ସାହୁ, ପ୍ରକାଶ ଦାସ, ବିଜୟ ରାଉତ, ଅଶୋକ ସାହୁ, ରିଆଜ ଖାନ୍, ଅଭିମନ୍ୟୁ ବାରିକ, ରୁଦ୍ରକିଙ୍କର ମହାପାତ୍ର, ସୁମନ୍ତ ସାହୁ, କଳିଙ୍ଗ ସାମଲ, ସ୍ମୃତିରଞ୍ଜନ ସାହୁ, ଚିରଞ୍ଜିବୀ ମହାରଣାଙ୍କ ସମେତ କର୍ମକର୍ତ୍ତା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।



## ଜାରକା ଗ୍ରାମ୍ୟ ବ୍ୟାଙ୍କରେ ନକଲି ସୁନା ଅଳଙ୍କାର ଦେଇ ଲକ୍ଷାଧିକ ଟଙ୍କା, ଋଣ

ଜାରକା,୧୮ ।୧୨(ସମିସ): ଧର୍ମଶାଳା ଥାନା ଜାରକା ଗ୍ରାମ୍ୟ ବ୍ୟାଙ୍କରେ ଋଣ କାରବାରରେ ବଡ଼ଧରଣର ଘୋଟାଲା ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି । ସୂଚନା ମୁତାବକ, ଜାରକା ଗ୍ରାମ୍ୟ ବ୍ୟାଙ୍କରେ ଚଳିତ ବର୍ଷ ଜାନୁଆରୀରୁ ଜୁନମାସ ମଧ୍ୟରେ ୩୭ ଜଣଙ୍କଠାରୁ ସୁନା ବନ୍ଧକ ରଖାଯାଇ ୪୨ ଲକ୍ଷ ୬୭ ହଜାର ୧୨୫ ଟଙ୍କା ଋଣ ଦିଆଯାଇଛି । ତେବେ ସୁନା ଚିହ୍ନଟକାରୀ ବଣିଆ

### ୧୦ ଜଣଙ୍କ ନାମରେ ଥାନାରେ ଏତଲା

ଗଣେଶ୍ୱର ସାହୁ ଓ ବ୍ୟାଙ୍କର ପୂର୍ବତନ ପରିଚାଳିକା ଶତାବ୍ଦୀ ପ୍ରଧାନ, ସହ ପରିଚାଳିକା ପ୍ରତିଭା ମିଶ୍ରଙ୍କ ସମୟରେ ୭ ଜଣ ସୁନା ଋଣ ପାଇଁ ନକଲି ସୁନା ଦେଇ ଋଣ ଉଠାଇ ନେଇଥିବା ଜଣାପଡିବା ପରେ ବ୍ୟାଙ୍କ କର୍ତ୍ତୃପକ୍ଷ ଏ ସମ୍ପର୍କରେ ଖୋଳତାଡ କରିଥିଲେ । କୁଆଖିଆ ଥାନା ଅଞ୍ଚଳର ସନ୍ତୋଷ ସାହୁ, ପୁଷ୍ପଲତା ସାହୁ, ଅଖିଳେଶ ସାହୁ, ଅବିନାଶ ସାହୁ, କାର୍ତ୍ତିକ ମହାରଣା, ପ୍ରଭାତ ପହି, ଝୁନିଲତା ସାହୁ ବ୍ୟାଙ୍କରେ ନକଲି ସୁନା ଦେଇ ଋଣ ନେଇଥିବା ଜଣାପଡିଛି । ଏ ନେଇ ବ୍ୟାଙ୍କ ଉଚ୍ଚ କର୍ତ୍ତୃପକ୍ଷ ଖୋଳତାଡ କରିବା ପରେ ସତ୍ୟତା ସାମନାକୁ ଆସିଥିଲା ।

ଏହି ଘଟଣାରେ ତତ୍କାଳୀନ ବ୍ୟାଙ୍କ ପରିଚାଳକ ଶତାବ୍ଦୀ ପ୍ରଧାନ ଓ ସହପରିଚାଳିକା ପ୍ରତିଭା ମିଶ୍ରଙ୍କୁ ଜାଲିଆତି ଅଭିଯୋଗରେ କାର୍ଯ୍ୟରୁ ନିଲମ୍ବିତ କରାଯାଇଛି । ଏଥିସହ ନକଲି ସୁନା ଦେଇ ଋଣ ନେଇଥିବା ୭ ଜଣ ଗ୍ରାହକଙ୍କ ସମେତ ଶାଖାର ତତ୍କାଳୀନ ପରିଚାଳିକା, ସହପରିଚାଳକ ଓ ସୁନା ଚିହ୍ନଟକାରୀ ବଣିଆଙ୍କ ବିରୁଦ୍ଧରେ ଚଣ୍ଡିଖୋଲ ଗ୍ରାମ୍ୟ ବ୍ୟାଙ୍କର ଶାଖା ପରିଚାଳକ ଦିଗବିଜୟ ବାହାଦୂର ଦାସ ଥାନାରେ ଅଭିଯୋଗ କରିଛନ୍ତି । ଏ ନେଇ ଧର୍ମଶାଳା ପୁଲିସ ୮୭୦/୨୪ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିବା ଥାନା ଅଧିକାରୀ ତପନ କୁମାର ନାୟକ ସୂଚନା ଦେଇଛନ୍ତି ।

## ସତ୍‌ସଙ୍ଗ ମୁଖ୍ୟ ଆଚାର୍ଯ୍ୟ ଦେବଙ୍କ ବରୀ ଆଗମନ



ବରୀ,୧୮ ।୧୨(ସମିସ): ଆଜି ବି ଧର୍ମୀୟ ଚିନ୍ତାଧାରା ବଞ୍ଚିଛି । ଆଧ୍ୟାତ୍ମିକ ଚିନ୍ତାଧାରାକୁ ବିଶ୍ୱାସ କରି ମଣିଷ ଯେତେବେଳେ ନିଜର କର୍ମକୁ ଆଦରି ନେଇଥାଏ, ସେତେବେଳେ ତାକୁ ହିଁ ସଫଳତା ମିଳିଥାଏ । ଆଜିର ଯୁଗରେ ବିଜ୍ଞାନ ଉପରେ ଭରସା ରଖିଲେ ବି ଆଧ୍ୟାତ୍ମିକ ଚିନ୍ତାଧାରା, କର୍ମ, କର୍ତ୍ତବ୍ୟ, ନିଷ୍ଠାପରତା ସମସ୍ତଙ୍କୁ ଜନମାନସରେ ଉଜ୍ଜୀବିତ କରି ରଖିପାରିବ ବୋଲି କଳାମାଟିଆସ୍ଥ ସତସଙ୍ଗ କାର୍ଯ୍ୟକ୍ରମରେ ଯୋଗଦେଇ ଦେଓଘର ସତସଙ୍ଗ ମୁଖ୍ୟ ଆଚାର୍ଯ୍ୟ ଦେବ କହିଛନ୍ତି ।

ବୁଧବାର କଳାମାଟିଆସ୍ଥ ସତସଙ୍ଗ ବିହାର କେନ୍ଦ୍ର ନିକଟ ପଡ଼ିଆରେ ଆଚାର୍ଯ୍ୟ ଦେବଙ୍କ ଧର୍ମୀୟ ପ୍ରବଚନ କାର୍ଯ୍ୟକ୍ରମରେ ଶହ ଶହ ସଂଖ୍ୟକ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ । ପ୍ରଭୁଙ୍କ କୃପା ଲାଭ କରିବା ଏହି କାର୍ଯ୍ୟକ୍ରମର ମୂଳଲକ୍ଷ୍ୟ ବୋଲି କଳାମାଟିଆ ସତସଙ୍ଗ ମୁଖ୍ୟ ଅଭୟ ଦାଶ ପ୍ରକାଶ କରିଛନ୍ତି ।

ଏହି ଅବସରରେ ଶୁକଦେବ ପରିଡ଼ା, ଶ୍ରୀଧର ଦାଶ, ବୀରକିଶୋର ଧଳ, ଦୀପକ ପରିଡ଼ା, ଶୁଭ୍ରକାନ୍ତ ଧଳ, କୁଳମଣି ପରିଡା, ଆକାଶ ବାରିକ, ପ୍ରତାପ ପରିଡ଼ା, ଦେବେନ୍ଦ୍ର ରାୟ, ଚିତ୍ତରଞ୍ଜନ ନାୟକ, ପ୍ରଶାନ୍ତ ଧଳ ପ୍ରମୁଖ ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ବରୀ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ, ଉପାଧ୍ୟକ୍ଷା ଅର୍ଚ୍ଚନା ମଲିକ, ପୂର୍ବତନ ବିଧାୟିକା ସୁନନ୍ଦା ଦାସ, ଦେବେନ୍ଦ୍ର ଦାସ, ବରୀ ବ୍ଲକ୍ ଭାରପ୍ରାପ୍ତ ବିଡିଓ ମହେଶ୍ୱର ସେଠୀ ପ୍ରମୁଖ ଯୋଗଦେଇଥିଲେ ।

## ସ୍ମୃତିଲିପି ସାହିତ୍ୟ ପତ୍ରିକା ସମ୍ପାଦକ ସମ୍ବର୍ଦ୍ଧିତ

ବ୍ୟାସନଗର,୧୮ ।୧୨(ସମିସ):କୋରେଇ ବ୍ଲକ୍ ଅନ୍ତର୍ଗତ ହଳଦିଗଡ଼ିଆ ଗ୍ରାମର ସତ୍ୟନାରାୟଣ ପାଠାଗାର ଆନୁକୂଲ୍ୟରେ ଦୀର୍ଘ ୩୦ବର୍ଷ ଧରି ଗ୍ରାମାଞ୍ଚଳରୁ ପ୍ରକାଶ



ପାଇଆସୁଥିବା ତ୍ରୟମାସିକ ଜନଚେତନାର ପ୍ରତୀକ ସାହିତ୍ୟ ପତ୍ରିକା ସମ୍ପାଦକ ଭୁବନ ମୋହନ ମହାନ୍ତିଙ୍କୁ ରାଜ୍ୟସ୍ତରୀୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଶ୍ରୀ ବିଶ୍ୱନୟନ ଐଶ୍ୱରୀୟ ଟ୍ରଷ୍ଟ, ପୁରୀ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ କବି ଓ ଲେଖକ ସମାବେଶ ପୁରୀ ଜିଲ୍ଲା ସଂସ୍କୃତି ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି । ଏହି ମହୋତ୍ସବକୁ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନର ସହକାରୀ ପ୍ରାଧ୍ୟାପକ ଡାକ୍ତର (ମେଜର) ମୁକୁନ୍ଦ ଚନ୍ଦ୍ର ସାହୁ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ଟ୍ରଷ୍ଟର ସଭାପତି ଡାକ୍ତର ସୌମ୍ୟକାନ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମହୋତ୍ସବରେ ମୁଖ୍ୟଅତିଥି ଭାବେ ପ୍ରଦୀପ ଶତପଥୀ ଯୋଗ ଦେଇଥିବାବେଳେ ମୁଖ୍ୟବକ୍ତା ଭାବେ କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟ ସ୍ନାୟୁଶଲ୍ୟ ବିଭାଗ ଡାକ୍ତର ରବିନାରାୟଣ ପଣ୍ଡା ଓ ସମ୍ମାନିତ ଅତିଥି ଭାବେ ଡାକ୍ତର ଦେବପ୍ରସାଦ ଦାସମହାପାତ୍ର, ସବିତା ହୋତା ଯୋଗଦାନ କରିଥିଲେ । ଏ ଅବସରରେ ଭୁବନ ମୋହନ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅନୁଷ୍ଠାନର ସମ୍ପାଦିକା ତୃପ୍ତି ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଟ୍ରଷ୍ଟର ଅନ୍ୟ ସଦସ୍ୟ ସହଯୋଗ କରିଥିଲେ ।



## ମାନସିକ ବିକାରଗ୍ରସ୍ତ ମହିଳାଙ୍କୁ ଶୀତବସ୍ତ୍ର ବଣ୍ଟନ

ସୁକିନ୍ଦା,୧୮ ।୧୨(ସମିସ): ସୁକିନ୍ଦା ମିଶନ ଆଶ୍ରାରେ ରହୁଥିବା ମାନସିକ ବିକାରଗ୍ରସ୍ତ ଅସହାୟ ମହିଳାଙ୍କୁ ଶୀତବସ୍ତ୍ର ଓ କମ୍ବଳ ବଣ୍ଟନ କରିଛନ୍ତି ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ । ମାନସିକ ବିକାରଗ୍ରସ୍ତ ମହିଳାଙ୍କୁ ଉଦ୍ଧାର କରି ସେମାନଙ୍କ ରହିବା ଓ ଖାଇବା ବ୍ୟବସ୍ଥା ସହ ଚିକିତ୍ସା ବନ୍ଦୋବସ୍ତ ଯାଜପୁର ଜିଲ୍ଲା ପ୍ରଶାସନ ତତ୍ତ୍ୱାବଧାନରେ ମିଶନ ଆଶ୍ରା ନାମକ ସଂଗଠନ ବହନ କରୁଛି । ଏଭଳି ମହିଳାଙ୍କ ଅବସ୍ଥା ସମ୍ପର୍କରେ ପଚାରି ବୁଝିବା ପରେ ମଙ୍ଗଳବାର ଅପରାହ୍ନରେ ମନ୍ତ୍ରୀ ଶ୍ରୀ ବଳସାମନ୍ତ ମିଶନ ଆଶ୍ରାରେ ପହଞ୍ଚି ଅସହାୟ ମହିଳାଙ୍କ ଗହଣରେ ଦୀର୍ଘ ସମୟ ବିତାଇ ସେମାନଙ୍କ ମନୋବଳ ବୃଦ୍ଧି କରିବା ସହ ଶୀତ ଦାଉରୁ ରକ୍ଷା ପାଇବା ପାଇଁ ସମସ୍ତଙ୍କୁ ଶୀତ ବସ୍ତ୍ର ଓ କମ୍ବଳ ବଣ୍ଟନ କରିଛନ୍ତି ।

## ଲକ୍ଷ୍ମୀନାରାୟଣ ପୂଜା ମହୋତ୍ସବ

ଟମକା,୧୮ ।୧୨(ସମିସ): ଅଲେଖପୁର ଗ୍ରାମର ଲକ୍ଷ୍ମୀନାରାୟଣ ପୂଜା ମହୋତ୍ସବରେ ପୁରୀ ଗୋବର୍ଦ୍ଧନ ପୀଠ ଆଦିତ୍ୟ ବାହିନୀର ସର୍ବଭାରତୀୟ ସଭାପତି ଆଚାର୍ଯ୍ୟ ମାତୃପ୍ରସାଦ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ଆୟୋଜନ କମିଟି ପକ୍ଷରୁ ଅନୁଷ୍ଠିତ ଆଧ୍ୟାତ୍ମିକ ସଭାରେ ମୁଖ୍ୟବକ୍ତା ଭାବେ ଏନ୍‌ସି କଲେଜର ପ୍ରାକ୍ତନ ଅଧ୍ୟକ୍ଷ ସାହିତ୍ୟିକ ଦାମୋଦର ବେହେରା, ସମ୍ମାନିତ ଅତିଥି ଭାବେ ଦୌଡ଼ରାଣୀ ଦୂତୀ ଚାନ୍ଦ, ପ୍ରାକ୍ତନ କେନ୍ଦ୍ରାପଡ଼ା ଜିଲ୍ଲାପାଳ ଧରଣୀଧର ନାଥ ଉପସ୍ଥିତ ରହି ହିନ୍ଦୁ, ସନାତନ ଧର୍ମ ଓ ବର୍ତ୍ତମାନ ସମାଜର ଅବସ୍ଥା ସମ୍ବନ୍ଧରେ ମତ ରଖିଥିଲେ । ପ୍ରାକ୍ତନ ଶିକ୍ଷକ ଅକ୍ଷୟ ରାଉତ ସଭାପତିତ୍ୱ କରିଥିବାବେଳେ ଶିକ୍ଷାବିତ୍ ବାବାଜୀ ଚରଣ ଜେନା ମଞ୍ଚ ପରିଚାଳନା କରିଥିଲେ । ପୂଜା କମିଟିର ଗୁଡୁ ରାଉତ, ରୁଦ୍ରବାବୁ ଓ ସମସ୍ତ ସଭ୍ୟ ସହଯୋଗ କରିଥିଲେ । ମାତୃପ୍ରସାଦ ମିଶ୍ର ଓ ଦୂତୀ ଚାନ୍ଦକୁ ଦେଖିବାକୁ ଭିଡ଼ ଦେଖିବାକୁ ମିଳିଥିଲା ।

ମିଶନ ଶକ୍ତି ଗୃହ ନିର୍ମାଣରେ ଅନିୟମିତତା

# ବାଲି ବଦଳରେ ଫିଲିଂ ହେଉଛି ଶିଳ୍ପ ବର୍ଜ୍ୟବସ୍ତୁ

ଦାନଗଦି,୧୮ ।୧୨(ସମିସ)

ଦାନଗଦି ବ୍ଲକ୍ ମଙ୍ଗଳପୁର ପଞ୍ଚାୟତର ତେଲିବାହାଳି ଗାଁ ମହାପାଟ ପଡ଼ିଆରେ ନିର୍ମାଣ ଚାଲିଥିବା ମିଶନ ଶକ୍ତି ଗୃହ ଠିକାଦାରଙ୍କ ମନମାନିରେ ଚାଲିଥିବା ଦେଖିବାକୁ ମିଳିଛି । ଗୃହ ନିର୍ମାଣ ପାଇଁ ରହିଥିବା ସରକାରୀ ନିୟମକୁ ଠିକାଦାର ନିଜ ଇଚ୍ଛାରେ କରୁଥିବା ଅଭିଯୋଗ ହେଉଛି ।

ସୂଚନା ମୁତାବକ, ପାଖାପାଖି ୧୭୦୦ ବର୍ଗ ଫୁଟ ପରିମିତ ଅଞ୍ଚଳରେ ନିର୍ମାଣ ହେଉଛି ମିଶନ ଶକ୍ତି ଗୃହ । ଏହାର ନିର୍ମାଣ ପାଇଁ ସରକାରଙ୍କ ଡିଏମ୍‌ଏଫ ଫଣ୍ଡରୁ ୨୭ ଲକ୍ଷ ଟଙ୍କାର ଅନୁଦାନ ଯୋଗାଇ ଦିଆଯାଇଛି । ମାତ୍ର କାମ ପାଇଁ ଟେଣ୍ଡର ପାଇଥିବା ଠିକାଦାର ଅତ୍ୟନ୍ତ ମନୋମୁଖୀ ଭାବେ ନିର୍ମାଣ କରୁଥିବା ଦେଖିବାକୁ ମିଳିଛି । ଘରର ମୂଳଦୁଆ ଓ ପ୍ଲିନ୍ଥ ଭିତରେ ବାଲି ଭର୍ତ୍ତି କରି ମଜବୁତ କରିବାକୁ ନିୟମ ରହିଥିଲେ ମଧ୍ୟ




ଏହି କାମରେ ଠିକାଦାର ଶିଳ୍ପ ବର୍ଜ୍ୟବସ୍ତୁ ଭର୍ତ୍ତି କରୁଛନ୍ତି । ଠିକାଦାରଙ୍କ ଦ୍ୱାରା ପାଉଁଶ ପୋତା ଚାଲିଥିଲେ ମଧ୍ୟ ଏହା ଦାୟିତ୍ୱରେ ଥିବା ଯନ୍ତ୍ରୀ ବନ୍ଦ କରୁନାହାନ୍ତି । ଶିଳ୍ପ ବର୍ଜ୍ୟ ପାଉଁଶରେ କ୍ଷତିକାରକ ଶିଲିକା, ସଲଫର ସହିତ ଅମ୍ଳୀୟ ରହୁଥିବାରୁ ଏହା ପରିବେଶ ଅନୁକୂଳ ହୋଇ ନ ଥାଏ । ଏହାକୁ ରାସ୍ତା କାମରେ ପୋତିବା କାର୍ଯ୍ୟରେ ବ୍ୟବହାର କରିବା ପାଇଁ ନିୟମ ରହିଛି । ମାତ୍ର ଠିକାଦାର ବାଲି ଟଙ୍କା ବଞ୍ଚାଇବା ପାଇଁ ଘର ଭିତରେ ୧୦ ଟ୍ରିପ୍‌ରୁ ଅଧିକ ବିଷାକ୍ତ ବର୍ଜ୍ୟ ଡାଳି ତାହା ଉପରେ ଢଳେଇ କରିବା ପାଇଁ ମସୁଧା ଚଳାଇଛନ୍ତି । ଠିକାଦାରଙ୍କ ଏହି କାର୍ଯ୍ୟକୁ ବନ୍ଦ କରିବାକୁ ବିଭାଗୀୟ ଯନ୍ତ୍ରୀ କୌଣସି ପଦକ୍ଷେପ ନେଇନାହାନ୍ତି । ସର୍ବସାଧାରଣ ସ୍ଥାନରେ ଚାଲିଥିବା ଏହି କାମ ଆରମ୍ଭରୁ ହିଁ ନିମ୍ନମାନର ହେଉଥିବା ଦେଖିବାକୁ ମିଳିଛି । ଘର ନିର୍ମାଣରେ ନିମ୍ନମାନର ଲୁହା ଛଡ଼ ବ୍ୟବହାର କରାଯାଉଥିବାବେଳେ ଆବଶ୍ୟକ ପରିମାଣଠାରୁ କମ ଲୁହା ଛଡ଼ରେ ମୂଳଦୁଆ ହୋଇଥିବା ଅଭିଯୋଗ ହେଉଛି । ମୂଳଦୁଆରୁ ହିଁ ଘରର ସ୍ଥାୟିତ୍ୱ ନେଇ ଆଶଙ୍କା ଦେଖା ଦେଇଥିବାରୁ ଏହାର ତଦନ୍ତ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହେଉଛି । ଏ ସମ୍ପର୍କରେ ସହକାରୀ ଯନ୍ତ୍ରୀଙ୍କୁ ଯୋଗଯୋଗ କରାଯାଇଥିଲେ ହେଁ ତାଙ୍କର ଫୋନ ବନ୍ଦ ରହିଥିଲା । ମାତ୍ର କାର୍ଯ୍ୟ ନିରୀକ୍ଷଣ କରୁଥିବା ଯନ୍ତ୍ରୀ ସ୍ମିତାଶ୍ରୀ ଦାସଙ୍କୁ ନିମ୍ନମାନର କାମ ସମ୍ପର୍କରେ ପଚାରିବାରୁ ସେ ଗୃହ ନିର୍ମାଣରେ ଯାହା ତ୍ରୁଟି ରହିଛି ସେ ସମ୍ପର୍କରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବେ ବୋଲି କହିଥିଲେ । ଜିଲ୍ଲାପାଳ ସରକାରୀ ଅର୍ଥ ଦୁରୁପଯୋଗ ବନ୍ଦ କରିବା ପାଇଁ ଏହି ପ୍ରକଳ୍ପର ତଦନ୍ତ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି ।

## ମା' ତାରିଣୀଙ୍କ ଯଜ୍ଞର ପୂର୍ଣ୍ଣାହୁତି

ବରୀ,୧୮ ।୧୨(ସମିସ): ବରି ବ୍ଲକ୍ ଅଧୀନସ୍ଥ ବାଲିବିଲି ଗ୍ରାମରେ ଷଷ୍ଠ ବାର୍ଷିକ ତାରିଣୀ ଯଜ୍ଞ ଶେଷ ହୋଇଛି । ପ୍ରଥମ ଦିବସରେ ଅଙ୍କୁରାରୋପଣ, କଳସ ଯାତ୍ରା, ସୂର୍ଯ୍ୟପୂଜା, ଧେନୁ ପୂଜା, ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇ ଦ୍ୱିତୀୟ ଓ ତୃତୀୟ ଦିନରେ ମଧ୍ୟ ତାରିଣୀ ପୀଠରେ ପୂଜାର୍ଚ୍ଚନା କରାଯିବା ସହିତ ଆନନ୍ଦ ବଜାରର ବ୍ୟବସ୍ଥା କରାଯାଇଥିଲା । ଯଜ୍ଞର ପୂର୍ଣ୍ଣାହୁତି ଦିବସରେ ବହୁ ସଂଖ୍ୟାରେ ମହିଳା ଓ ପୁରୁଷ ଯୋଗ ଦେଇଥିଲେ । ସ୍ମୃତିରଞ୍ଜନ ପଡ଼ିଆରି ଓ ତାଙ୍କ ଧର୍ମ ପତ୍ନୀ କର୍ତ୍ତା କାର୍ଯ୍ୟ ସମ୍ପାଦନ କରିଥିବାବେଳେ ଦୁର୍ଯୋଧନ ପରିଡ଼ା, ପ୍ରଶାନ୍ତ ପଡ଼ିଆରି, ପ୍ରଶାନ୍ତ ନାଥ, ଶିବପ୍ରସାଦ ସାମଲ, ଜଗବନ୍ଧୁ ପଡ଼ଆରି, ଜୟନ୍ତ ସାମଲ, ଅଭିମନ୍ୟୁ କାଣ୍ଡି, ପ୍ରବୀର ସାମଲ, ଜଗବନ୍ଧୁ ସାମଲ, ତ୍ରିଲୋଚନ ପଡ଼ିଆରି, ପ୍ରଭାତ ପଡ଼ିଆରି, କୃଷ୍ଣଚନ୍ଦ୍ର ପଡ଼ିଆରିଙ୍କ ସମେତ ବାଲିବିଲ ଗ୍ରାମର ଯୁବକ ସହଯୋଗ କରିଥିଲେ । ଏତତ୍‌ବ୍ୟତୀତ ଯାତ୍ରା 'ଗ୍ରାଣ୍ଡ ମହଲ' ପକ୍ଷରୁ ୩ ରାତି ଯାତ୍ରା ପରିବେଷଣ କରାଯାଇଥିଲା । ତାରିଣୀ କମିଟିର ସଭାପତି ଅନୁଷ୍ଠାନର କର୍ମକର୍ତ୍ତା ଓ ବାଲିବିଲ ଗ୍ରାମବାସୀଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି ।

## ସେଣ୍ଟ ଜାଭିଅର ହାଇସ୍କୁଲର ବାର୍ଷିକ କ୍ରୀଡ଼ା



କର୍ଯ୍ୟାଁଗୋଲା,୧୮ ।୧୨(ସମିସ): ପ୍ରୀତିପୁରସ୍ଥ ସେଣ୍ଟ ଜାଭିଅର ହାଇସ୍କୁଲର ବାର୍ଷିକ କ୍ରୀଡ଼ା ଦଶରଥପୁର ବ୍ଲକ୍ ଅଧୀନସ୍ଥ ଚଷାଖଣ୍ଡ କଂସାଳଡିହ ହାଇସ୍କୁଲ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ଅଧ୍ୟକ୍ଷ କୈଳାସ ଚନ୍ଦ୍ର ସାମଲଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ବ୍ଲକ୍ ଶିକ୍ଷାଧିକାରୀ ଅନ୍ନଦା ପ୍ରସାଦ ରଣା, ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ସୁଶାନ୍ତ କୁମାର ବେହୁରିଆ, ସେଣ୍ଟ ଜାଭିଅର ସ୍କୁଲର ନିର୍ଦ୍ଦେଶକ ସୁବ୍ରତ କୁମାର ସାମଲ, ସ୍କୁଲର ଚେୟାରମ୍ୟାନ ବାସନ୍ତୀ ସାମଲ, ସମାଜସେବୀ ଅନୀଲ ମିଶ୍ର, ନିରାକାର ରାଉତ ପ୍ରମୁଖ ଯୋଗଦେଇ କ୍ରୀଡ଼ା ହିଁ ସୁସ୍ଥ ସମାଜ ଗଠନ ଦିଗରେ ମୁଖ୍ୟ ମାର୍ଗ ବୋଲି ମତବ୍ୟକ୍ତ କରିଥିଲେ । ଛାତ୍ରଛାତ୍ରୀଙ୍କ ମଧ୍ୟରେ ୧୦୦ ମିଟର, ୫୦ ମିଟର ଦୌଡ଼, ଆଳୁ ଚାମଚ ଦୌଡ଼, ଗଣିତ କଷା ଦୌଡ଼, ଲଙ୍ଗଜମ୍ପ, ମ୍ୟୁଜିକ ଚେୟାର ଆଦି କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଉକ୍ତ କ୍ରୀଡ଼ାକୁ ସଫଳ କରିବାରେ ବିଦ୍ୟାଳୟର ଶିକ୍ଷକ/ଶିକ୍ଷୟତ୍ରୀ ରୁବିନା ପରବିନ, ଜୟଶ୍ରୀ ମହାପାତ୍ର, ବର୍ଷା ପ୍ରିୟଦର୍ଶିନୀ ସାମଲ, ଅଲିପ୍ତା ମହାନ୍ତି, ପ୍ରୀତିସୋହାନୀ ମହାନ୍ତି, ସମସାଦ ପରବିନ, ଜୀବନଜ୍ୟୋତି ଓଝା, କୃପାସିନ୍ଧୁ ମଲ୍ଲିକ, ଆଶୁତୋଷ ମହାନ୍ତି, ଅନୀତାରାଣୀ ନାୟକ ପ୍ରମୁଖ ସହଯୋଗ କରିଥିଲେ ।

## ମହିଳାଙ୍କ ଆତ୍ମହତ୍ୟା

ବ୍ରହ୍ମବରଦା, ୧୮ ।୧୨(ସମିସ): ବୁଧବାର ଅପରାହ୍ନରେ ଜଣେ ମହିଳା ଆତ୍ମହତ୍ୟା କରିଥିବା ନେଇ ବ୍ରହ୍ମବରଦା ଥାନାରେ ଅଭିଯୋଗ ହୋଇଛି । ଆତ୍ମହତ୍ୟା କରିଥିବା ମହିଳା ଜଣଙ୍କ ବ୍ରହ୍ମବରଦା ଥାନା ଅନ୍ତର୍ଗତ ଢିଅସାହି ଗ୍ରାମର ଦୀପକ ଦାସଙ୍କ ପତ୍ନୀ ସଂଯୁକ୍ତା ଦାସ( ୪୦) । ଦୀପକ ଭୁବନେଶ୍ୱରରେ ଅଟୋ ଚଳାଉଥିବାବେଳେ ଗାଁରେ ପୁଅଝିଅ ସହିତ ସଂଯୁକ୍ତା ରୁହନ୍ତି । ଆଜି ସଂଯୁକ୍ତା ପୁଅଝିଅଙ୍କୁ ଖାଇବାକୁ ଦେଇ ସ୍କୁଲକୁ ପଠାଇଥିଲେ । ଦିନ ପାଖାପାଖି ସାଢେ ଗୋଟାଏରେ ଘରେ କେହି ନ ଥିବା ସମୟରେ କୌଣସି କାରଣରୁ ସଂଯୁକ୍ତା ବେକରେ ଗାମୁଛା ଲଗାଇ ସିଡିଘରରେ ଝୁଲି ପଡ଼ିଥିଲେ । ସେହି ସମୟରେ ଘରକୁ ଖେଳ ଛୁଟିରେ ଆସିଥିବା ପୁଅ ମାଆଙ୍କୁ ଝୁଲନ୍ତା ଅବସ୍ଥାରେ ଦେଖି ପାଟିକରି ଲୋକଙ୍କୁ ଡାକିଥିଲା । ଗ୍ରାମର କିଛି ଲୋକ ସଂଯୁକ୍ତା ଝୁଲିଥିବା ଗାମୁଛାକୁ କାଟି ତଳକୁ ଆଣିଥିଲେ ଓ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ । ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ । ଆସନ୍ତାକାଲି ଶବ ବ୍ୟବଚ୍ଛେଦ ପରେ ସଂଯୁକ୍ତାଙ୍କ ଶବକୁ ତାଙ୍କ ପରିବାରକୁ ହସ୍ତାନ୍ତର କରାଯିବ ବୋଲି ବ୍ରହ୍ମବରଦା ଥାନା ଆଇଆଇସି ଶ୍ରୀମତୀ ଅଂଶୁମାଳା ଦାସ ସୂଚନା ଦେଇଛନ୍ତି ।

## ପ୍ରାବନ୍ଧିକ ବୈଷ୍ଣବ ସାମଲଙ୍କୁ ଅଭିନନ୍ଦନ

ଜାରକା, ୧୮ ।୧୨(ସମିସ): କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର ପାଇଁ ବିଶିଷ୍ଟ ପ୍ରାବନ୍ଧିକ ଓ ସମାଲୋଚକ ଅବସରପ୍ରାପ୍ତ ପ୍ରଫେସର ବୈଷ୍ଣବ ଚରଣ ସାମଲଙ୍କ ନାମ ଘୋଷଣା କରାଯାଇଛି । ଏଥିନିମନ୍ତେ ଆଜି ଗୋକର୍ଣ୍ଣିକା ସାହିତ୍ୟ ସମାଜ ପକ୍ଷରୁ ଶ୍ରୀ ସାମଲଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଛି । ଗୋକର୍ଣ୍ଣିକା ସାହିତ୍ୟ ସମାଜର ସଭାପତି ରମାକାନ୍ତ ଜେନା, କାର୍ଯ୍ୟକାରୀ ସଭାପତି ଡଃ ରୁଦ୍ରନାରାୟଣ ପୃଷ୍ଟି, ଉପସଭାପତି ଡଃ ତୁହିନାଂଶୁ ରଥ, ସମ୍ପାଦକ ମହେଶ୍ୱର ପାଢ଼ୀ, ପ୍ରାକ୍ତନ ସମ୍ପାଦକ ବଟକୃଷ୍ଣ ପରିଡ଼ା, ଅଧ୍ୟକ୍ଷା ଡ. ଇନ୍ଦୁପ୍ରଭା ସାମଲ ପ୍ରମୁଖ ପ୍ରଫେସର ସାମଲଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ପ୍ରଫେସର ସାମଲ ୧୯୯୪ରେ ଗୋକର୍ଣ୍ଣିକା ପୁରସ୍କାର ପାଇଥିଲେ । ତାଙ୍କର ସାହିତ୍ୟକୃତି ଅବିସ୍ମରଣୀୟ ହୋଇ ରହିବ ବୋଲି ସଭପତି ଶ୍ରୀ ଜେନା କହିଛନ୍ତି ।

## ବାଲି ବୋଝେଇ ଟ୍ରାକ୍ଟର ଜବତ

ବ୍ରହ୍ମବରଦା, ୧୮ ।୧୨(ସମିସ): ବ୍ରହ୍ମବରଦା ଓ ଏହା ଆଖପାଖ ଅଞ୍ଚଳରେ ଚୋରା ବାଲି ଚାଲାଣ ବୃଦ୍ଧି ପାଇବରେ ଲାଗି ଥିବାବେଳେ ବ୍ରହ୍ମବରଦା ପୁଲିସ ଆଜି ଅପରାହ୍ନରେ ଚୋରା ବାଲି ବୋଝେଇ ଟ୍ରାକ୍ଟରକୁ ଜବତ କରିଛି । ଜବତ ଟ୍ରାକ୍ଟର ମାଲିକ ବାଘସାହି ଗ୍ରାମର ସ୍ୱର୍ଗତ କାଳନ୍ଦୀ ସାହୁଙ୍କ ପୁଅ ଶ୍ୟାମସୁନ୍ଦର ସାହୁ ବୋଲି ଜଣାପଡ଼ିଛି । ବ୍ରହ୍ମବରଦା ଥାନା ଅଧୀନ ଝାଲପଡ଼ା ପଞ୍ଚାୟତର କାକୁଡିକୁଦ ପଟୁ ବାଘସାହି ଅଭିମୁଖେ ଯାଉଥିବା ସମୟରେ ବ୍ରହ୍ମବରଦା ପୁଲିସ ହାତରେ ଧରାପଡ଼ିଥିଲା । ଏ ନେଇ ବ୍ରହ୍ମବରଦା ପୁଲିସ ମାମଲା ରୁଜୁ କରିବା ସହ ଜିଲ୍ଲା ଖଣି ବିଭାଗକୁ ଅବଗତ କରାଯାଇଥିବା ବ୍ରହ୍ମବରଦା ଥାନା ଆଇଆଇସି ଅଂଶୁମାଳା ଦାସ ସୂଚନା ଦେଇଛନ୍ତି ।

● ଯାଜପୁରରେ ଚର୍ଚ୍ଚା

## ବାଲି ଟ୍ରକ୍‌କୁ ଛାଡ଼ିଲା କିଏ?

ଯାଜପୁର, ୧୮ ।୧୨(ସମିସ): ଯାଜପୁର ଜିଲ୍ଲାରେ ଏବେ ଲଘୁ ଖଣିଜ ସମ୍ପଦର ମନଇଚ୍ଛା ଲୁଟ୍ ହେଉଛି । ଲୁଚାଛପା ନୁହେଁ, ବରଂ ଖୋଲାଖୋଲି ଦିନ ଦ୍ୱିପ୍ରହରରେ ଏଭଳି ଲୁଟ୍ ହେଉଥିଲେ ମଧ୍ୟ ଏହାକୁ ରୋକିବାକୁ ପ୍ରଶାସନର ଯେପରି ଇଚ୍ଛା ନ ଥିବା ମନେ ହେଉଛି । ଏହାକୁ ରୋକିବାକୁ ଲଘୁ ଖଣିଜ ବିଭାଗ ଗଠନ କରାଯାଇଥିଲେ ମଧ୍ୟ ଆବଶ୍ୟକ କର୍ମଚାରୀ ନ ଥିବା ଆଳ ଦେଖାଇ ବେଆଇନ ଚୋରା ଚାଲାଣକୁ ସତେ ଯେମିତି ପ୍ରୋତ୍ସାହନ ଦିଆଯାଉଛି ବୋଲି ଚର୍ଚ୍ଚା ହେଉଛି । ଏଭଳି ଆଜି ବଡ଼ିଭୋରୁ ଯାଜପୁର ସଦର ଥାନା ବରୁଆଁ ଅଞ୍ଚଳରେ ଦେଖିବାକୁ ମିଳିଛି । ଏହି ରାସ୍ତା ଦେଇ ଏକାଧିକ ଟ୍ରକ୍‌ରେ ବାଲି ଚୋରା ଚାଲାଣ ହେଉଥିବାବେଳେ ଏହାକୁ କେତେକ ପୁଲିସ କର୍ମଚାରୀ ଅଟକାଇ ସକାଳ ୭ଟା ବେଳକୁ ଛାଡି ଦେଇଥିଲେ । ଏହି ଅଟକାଇବା ଓ ଛାଡିବା ଭିତରେ ଲକ୍ଷାଧିକ ଟଙ୍କା କାରବାର ହୋଇଥିବା ଚର୍ଚ୍ଚା ହେଉଛି । ଚର୍ଚ୍ଚା ମୁତାବକ ଗାଡି ପିଛା ୨୦ ହଜାର ଓ ୬ଟି ଗାଡ଼ିରୁ ୧ ଲକ୍ଷ ୨୦ ହଜାର ଟଙ୍କା ନେଇ ଗାଡ଼ିଗୁଡିକୁ ଛାଡ଼ି ଦିଆଯାଇଛି । ଏହାକୁ ରୋକିବା ପାଇଁ ପଦକ୍ଷେପ ଗ୍ରହଣ କରାଯିବାକୁ ଦାବି ହେଉଛି ।

● ପଙ୍କପାଳ ବାଲିଘାଟରେ ଚଢ଼ଉ

## ଟିପର୍ ଓ ମେସିନ୍ ଜବତ

ଯଖପୁରା, ୧୮ ।୧୨(ସମିସ): ଦାନଗଦି ତହସିଲ ଅଧୀନସ୍ଥ ମାଣତୀରା ଆରଆଇ ସର୍କଲ ପଙ୍କପାଳ ବାଲିଘାଟରେ ଅଚାନାକ ଡିଡିଏମ୍ ଚଢ଼ଉ କରିଛନ୍ତି । ଆଜି ସକାଳୁ ପଙ୍କପାଳ ବାଲିଘାଟ-୧ରେ ଖଣି ଅଧିକାରୀ ଚଢ଼ଉ କରି ଗୋଟିଏ ଟିପର ଓ ଗୋଟିଏ କୋବାଲକୋ ମେସିନ ଜବତ କରିଛନ୍ତି । ଏଥିସହ କୋବାଲକୋ ଚାଳକକୁ ଧରି ଯଖପୁରା ପୁଲିସକୁ ହସ୍ତାନ୍ତର କରିଛନ୍ତି । ପଙ୍କପାଳ ବାଲିଘାଟ-୧ରେ ସରକାରୀ ନିୟମ ଉଲ୍ଲଂଘନ କରାଯାଇ ବାଲି ଉତ୍ତୋଳନ କରାଯାଉଥିବା ପଙ୍କପାଳ ଗ୍ରାମବାସୀ ବାରମ୍ବାର ଅଭିଯୋଗ କରୁଥିଲେ । ୧୧ ତାରିଖ ଦିନ ଗ୍ରାମବାସୀ ଡିଡିଏମ, ଜିଲ୍ଲାପାଳ, ଦାନଗଦି ତହସିଲଦାର ଓ ଖଣି ଉପନିର୍ଦ୍ଦେଶକ କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ । ବାଲିଘାଟ-୧ର ନିଲାମଧାରୀ ବାଲି ଉଠାଇବା ପାଇଁ ସବୁଜ ପରିବେଶ ନିର୍ଦ୍ଦେଶ ନେଇନାହାନ୍ତି । ସବୁଜ ପରିବେଶ ନିର୍ଦ୍ଦେଶ ନ ଥିବା ସତ୍ତ୍ୱେ ବାଲି ଘାଟରୁ ବାଲି ଉଠୁଛି କିପରି ବୋଲି ସାଧାରଣରେ ପ୍ରଶ୍ନ ଉଠିଛି । ବାଲିଘାଟରୁ ଦୁଇରୁ ତିନି ଫୁଟ ଗଭୀର ମଧ୍ୟରୁ ବାଲି ଉଠିବାର ନିୟମ ଥିବାବେଳେ ଆଠରୁ ଦଶ ଫୁଟ ଗଭୀର ମଧ୍ୟରୁ ବାଲି ଉଠାଣ ହେଉଛି । ଯାହା ବାଲିଘାଟ ନିକଟରେ ଥିବା ବ୍ରାହ୍ମଣୀ ବ୍ରିଜ ପ୍ରତି ବିପଦ ବଢ଼ୁଛି । ଆଜି ବାଲିଘାଟକୁ ଯଖପୁରା ଥାନା ଅଧିକାରୀ ଓ ଡିଡିଏମ ବାଲିଘାଟରେ ଚଢ଼ଉ କରିଥିଲେ । ଡିଡିଏମ ବେଆଇନ ଭାବେ ବାଲିଘାଟରୁ ବାଲି ବୋଝେଇ ହୋଇଥିବା ଗାଡ଼ି ଓ ମେସିନକୁ ଜବତ କରି ସେମାନଙ୍କ ନାମରେ ଥାନାରେ ଏତଲା ଦେଇଛନ୍ତି । ଯଖପୁରା ପୁଲିସ ମାମଲା ରୁଜୁ କରି ତଦନ୍ତ କରୁଛି ।

### ପଙ୍କପାଳ ପଞ୍ଚାୟତରେ ପମ୍ପ ହାଉସ୍ ନିର୍ମାଣ

# ନଦୀପଠାରୁ ଉଠୁଛି ମାଟି; ଲୋକଙ୍କ ପାଇଁ କାଳ

ଯଖପୁରା, ୧୮ ।୧୨(ସମିସ)



ସରକାର ବହୁ ଅର୍ଥ ବ୍ୟୟବରାଦ କରି କଳ କାରଖାନା ପାଇଁ ପାଣିର ବ୍ୟବସ୍ଥା କରାଉଛନ୍ତି । ଇଡ୍‌କୋ ପକ୍ଷରୁ ଦାନଗଦି ବ୍ଲକ ଅନ୍ତର୍ଗତ ପଙ୍କପାଳ ପଞ୍ଚାୟତର ବ୍ରାହ୍ମଣୀ ବ୍ରିଜ୍ ନିକଟରେ ଏହି ପମ୍ପ ହାଉସ୍ କାର୍ଯ୍ୟ କରାଯାଉଛି । ତେବେ ଠିକାଦାର ଅଧିକ ଲାଭ ପାଇବା ଆଶାରେ ସରକାରୀ ଜାଗାରୁ ମାଟି ଖୋଳି ପମ୍ପ ହାଉସ୍‌ରେ ବ୍ୟବହାର କରୁଛନ୍ତି । ସରକାର ରାଜସ୍ୱ ହରାଉଥିବାବେଳେ ନଦୀପଠାରୁ ମାଟି ଖୋଳାଯାଉଥିବାରୁ ଏହା ସ୍ଥାନୀୟ ଲୋକଙ୍କ ପାଇଁ କାଳ ହୋଇଛି । ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

ପଙ୍କପାଳ ପଞ୍ଚାୟତର ବ୍ରାହ୍ମଣୀ ବ୍ରିଜ୍ ନିକଟରେ ପାଣି ପମ୍ପ ହାଉସ ସମ୍ପ୍ରସାରଣ କାର୍ଯ୍ୟ ଚାଲିଛି । ଉକ୍ତ ପମ୍ପ ହାଉସ ପାଇଁ ପ୍ରାୟ ୧୯ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହେଉଥିବା ଜଣାପଡ଼ିଛି । ଏତେ ପରିମାଣର ଟଙ୍କା ଖର୍ଚ୍ଚ ହେଉଥିବା ସତ୍ତ୍ୱେ ଠିକାଦାର ପମ୍ପ ହାଉସ ପାଇଁ ଆବଶ୍ୟକ ପଡୁଥିବା ମାଟିକୁ ବେଆଇନ ଭାବେ ବ୍ରାହ୍ମଣୀ ନଦୀକୂଳରୁ ଉଠାଉଛି । ମାଟି ଖୋଳା ହେଉଥିବାରୁ ନଦୀପଠାରେ ଗଭୀର ଗାତ ସୃଷ୍ଟି ହେଉଛି । ଯାହା ଭବିଷ୍ୟତ ପାଇଁ ବିପଦ । ନଦୀପଠାରୁ ମାଟି ଉଠିବା ଦ୍ୱାରା ନଦୀବନ୍ଧ ଦୁର୍ବଳ ହେବାର ଯଥେଷ୍ଟ ସମ୍ଭାବନା ରହିଛି । ତାହା ପୁଣି ବ୍ରାହ୍ମଣୀ ବ୍ରିଜ୍ ନିକଟରୁ । ଯେଉଁ ସ୍ଥାନରୁ ମାଟି ଉଠାଯାଉଛି, ତା' ନିକଟରେ ବ୍ରାହ୍ମଣୀ ବ୍ରିଜର ପିଲର୍ ରହିଛି । ମାଟି ଖୋଳିବା ଦ୍ୱାରା ବ୍ରିଜର ପିଲର ପ୍ରତି ବିପଦ ରହିଛି । କେତେବେଳେ ବ୍ରିଜ ଭୁଶୁଡ଼ି ପଡ଼ିବ କିଏ କହିବ । ନଦୀପଠାରୁ ମାଟି ଉଠୁଥିବାରୁ ନଦୀର ପାଣି କୂଳ ଲଙ୍ଘୁଛି । ସେହି ନଦୀରେ ଲୋକ ଗାଧୋଇବା ପାଇଁ ତୁଠ ରହିଛି । ମାଟି ଖୋଳେଇ ପାଇଁ ନଦୀ ତୁଠଟି ଗଭୀର ହୋଇଛି । ଯାହା ଲୋକଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହୋଇଥିବା ଦେଖିବାକୁ ମିଳୁଛି । ପ୍ରଶ୍ନ ଉଠୁଛି କୋଟି କୋଟି ଟଙ୍କାରେ ନିର୍ମାଣ ହେଉଥିବା ପମ୍ପ ହାଉସ ପାଇଁ କ'ଣ ଅର୍ଥର ଅଭାବ ହେଉଛି । ଯାହା ଠିକାଦାର ବେଆଇନ ଭାବେ ନଦୀପଠାରୁ ମାଟି ଖୋଳି ନେଉଛନ୍ତି । ନଦୀପଠାରୁ ମାଟି ଖୋଳିବାକୁ ଠିକାଦାରଙ୍କୁ କିଏ ଅନୁମତି ଦେଇଛି । ଯଦି ଠିକାଦାର ଅନୁମତି ନ ପାଇ ମାଟି ଖୋଳୁଛନ୍ତି, ତେବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି ହେଉଛି । ଏ ସମ୍ପର୍କରେ ଲଘୁ ଖଣିଜ ବିଭାଗ ଅଧିକାରୀଙ୍କୁ ଫୋନରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ଫୋନ ଉଠାଇ ନ ଥିଲେ । ତେବେ ଆଗାମୀ ଦିନରେ ଲଘୁ ଖଣିଜ ବିଭାଗ କି ପଦକ୍ଷେପ ଗ୍ରହଣ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା ।

## ହାଇଡ୍ରା ଧକ୍କାରେ ଯୁବକଙ୍କ ମୃତ୍ୟୁ ଘଟଣା: କ୍ଷତିପୂରଣ ଦାବିରେ ଆନ୍ଦୋଳନ



ଦଶରଥପୁର, ୧୮ ।୧୨(ସମିସ): ମଙ୍ଗଳବାର ରାତିରେ ହାଇଡ୍ରା ଧକ୍କାରେ ଯୁବକଙ୍କ ମୃତ୍ୟୁ ଘଟଣାରେ ଆଜି ନୂଆମୋଡ଼ ନେଇଛି । କ୍ଷତିପୂରଣ ଦାବିରେ ସ୍ଥାନୀୟ ଲୋକେ ମୃତଦେହକୁ ଦଉପୁର ପୋଲ କାର୍ଯ୍ୟ ହେଉଥିବା ପଡ଼ିଆରେ ଆନ୍ଦୋଳନ କରିଥିଲେ । ଦିନ ୩ଟାରୁ ରାତି ୯ଟା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲିଥିଲା । ଠିକାସଂସ୍ଥା ବିରଜା କନଷ୍ଟ୍ରକ୍ସନ ମୃତକ ପରିବାରକୁ ଭେଟି ନ ଥିଲେ । ଏଣୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଥିଲା । ମଙ୍ଗଳପୁର ଥାନା ଅଧିକାରୀ ଜଗଦୀଶ କର ପହଞ୍ଚି ଠିକା ସଂସ୍ଥା ସହ ଆଲୋଚନା କରିଥିଲେ ଓ ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିଥିଲେ । ମୃତକଙ୍କ ପରିବାର ପକ୍ଷରୁ ୧୦ ଲକ୍ଷ ଟଙ୍କା ପାଇଁ ଦାବି କରାଯାଇଥିବାବେଳେ ଠିକାସଂସ୍ଥା ମାଲିକ ୨ ଦିନ ମଧ୍ୟରେ ଆଲୋଚନା କରି ଦାବି ସମ୍ପର୍କରେ ଥାନାରେ ଉପସ୍ଥିତ ହେବାକୁ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ସ୍ଥଗିତ ହୋଇଥିଲା ।

ସୂଚନା ମୁତାବକ, ଦଉପୁର ପୋଲ କାମରେ ନିୟୋଜିତ ହାଇଡ୍ରା ଧକ୍କାରେ ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକ ମଙ୍ଗଳପୁର ଥାନା ଦୁଦୁରାଅଣ୍ଡା ପଞ୍ଚାୟତ ଅନ୍ତର୍ଗତ ଅର୍ଦ୍ଧାଉଲିଆ ଗ୍ରାମର ଗୋକୁଳାନନ୍ଦ ମଲ୍ଲିକଙ୍କ ପୁଅ ଶ୍ୟାମସୁନ୍ଦର ମଲ୍ଲିକ(୪୫)ଙ୍କ ମୃତ୍ୟୁ ହୋଇଥିଲା । ଘଟଣାସ୍ଥଳରୁ ହାଇଡ୍ରା ଗାଡ଼ି ନେଇ ଡ୍ରାଇଭର ଫେରାର ହୋଇଯାଉଥିବାବେଳେ ସ୍ଥାନୀୟ ଲୋକେ ଧରିଥିଲେ । ଆଜି ସ୍ଥାନୀୟ ଲୋକେ କ୍ଷତିପୂରଣ ଦାବି କରି ଆନ୍ଦୋଳନ କରିଥିଲେ ।

## ଓଷ୍ଟା ପକ୍ଷରୁ ଶିଶୁ ମହୋତ୍ସବ



ଭଣ୍ଡାରିପୋଖରୀ, ୧୮ ।୧୨(ସମିସ): ଭଣ୍ଡାରିପୋଖରୀ ବ୍ଲକ ପିରିପୁର ପ୍ରଭାକର ମହାନ୍ତି ଉଚ୍ଚ ବିଦ୍ୟାପୀଠରେ ବୁଧବାର ଓଷ୍ଟା ଆନୁକୂଲ୍ୟରେ ଚଳିତ ବର୍ଷ ୪୧ତମ ଶିଶୁ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷୟିତ୍ରୀ ସୁକାନ୍ତିଲତା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ମହୋତ୍ସବରେ ଗୋଷ୍ଠୀ ଶିକ୍ଷାଧିକାରୀ ଅଧିର କୁମାର ତରାଇ ମୁଖ୍ୟଅତିଥି, ଭଦ୍ରକ ଓଷ୍ଟା ସମ୍ପାଦକ ପ୍ରଭାତ ପାଣିଗ୍ରାହୀ ମୁଖ୍ୟବକ୍ତା, ସଭାପତି ଶଶିଶେଖର କରଶର୍ମା, କାର୍ଯ୍ୟକାରୀ ସଭାପତି ଅନିଲ କୁମାର ମିଶ୍ର, ରାଜ୍ୟ ଓଷ୍ଟା ପ୍ରାକ୍ତନ ସହସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଦାଶ, ସରସଦା ସରପଞ୍ଚ ରମେଶଚନ୍ଦ୍ର ଯେନା, ସମିତିସଭ୍ୟା କମଳା ଜେନା, ପ୍ରଧାନଶିକ୍ଷକ ରତିକାନ୍ତ ବେହେରା, ଅଜୟ କୁମାର ନନ୍ଦ, ପୂର୍ବତନ ବ୍ଲକ ସମ୍ପାଦକ ସୁବଳ ଚରଣ ପତ୍ରୀ, ବ୍ଲକ ସଭାପତି ଗଦାଧର ଯେନା, ସମ୍ପାଦକ ମନୋରଞ୍ଜନ ପଣ୍ଡା, ଜିଲ୍ଲା ଓଷ୍ଟାସଭ୍ୟ ବ୍ରହ୍ମାନନ୍ଦ ରାୟ ଓ ବିକଶି ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ରାଜ୍ୟ ଓଷ୍ଟା ପ୍ରାକ୍ତନ ସହସମ୍ପାଦକ ଶ୍ରୀ ଦାଶ ଓ ପୂର୍ବତନ ବ୍ଲକ ସମ୍ପାଦକ ଶ୍ରୀ ପତ୍ରୀଙ୍କୁ ମଞ୍ଚରେ ସମ୍ବର୍ଦ୍ଧିତ କରାଯାଇଥିଲା ।

## ବିଦ୍ୟୁତ୍ ଚୋରିରେ ଧରାପଡ଼ିଲେ ୪୭

ଅସୁରାଳି, ୧୮ ।୧୨(ସମିସ): ଅସୁରାଳି ବିଦ୍ୟୁତ୍ ଉପଖଣ୍ଡ ଅଧୀନରେ ବିଦ୍ୟୁତ୍ ଚୋରି କରୁଥିବା ଲୋକଙ୍କୁ ଧରପଗଡ଼ ସହ ଜରିମାନା କରାଯାଉଛି । ଆଜି କୋର୍କୋରା, ଯୁନିଆପାଳ, ରାଜପୁର, ହରିପୁର, ଲାଙ୍ଗୁଡି, ଭଟ୍ଟପୁର, ସୁସୁଆ, ବିଷ୍ଣୁ ପୁରବିନ୍ଧା, ରାଜମୁକୁନ୍ଦପୁର ଓ ତିହିଡିଠାରେ କେତେକ ଉପଭୋକ୍ତା ନିୟମିତ ବିଦ୍ୟୁତ୍ ଚୋରି କରୁଥିବା ବେଳେ ବିଦ୍ୟୁତ୍ ଭିଜିଲାନ୍ସ ବିଭାଗର ସ୍ୱତନ୍ତ୍ର ଏନ୍‌ଫୋର୍ସମେଣ୍ଟ ଟିମ୍ ପକ୍ଷରୁ ଅଚାନକ ଚଢ଼ଉ କରାଯାଇଥିଲା । ଚଢ଼ଉ ସମୟରେ ୧୦ଟି ଗାଁର ୪୭ ଜଣଙ୍କ ଘରେ ହୁକିଂ, ମିଟର୍ ଟାମ୍ପରିଂ ଓ ବାଇପାସ୍ କରିଥିବା ଅଭିଯୋଗରେ ୧୦ଲକ୍ଷରୁ ଅଧିକ ଟଙ୍କା ଜରିମାନା କରାଯାଇଛି । ଇଂ ଦେବାଶିଷ ଜେନା ଭିଜିଲାନ୍ସ, ଇଂ ଧନେଶ୍ୱର ବେହେରା (ଏସଡିଓ ଅସୁରାଳୀ), ଇଂ ଦୀପକ ମହାପାତ୍ର (ଏଇଇ ଭିଜିଲାନ୍ସ), ଇଂ ରମେଶଚନ୍ଦ୍ର ଦାସ (ଏଇଇ ଭିଜିଲାନ୍ସ), ଇଂ ଅଲିଭା ତ୍ରିପାଠୀ (ଏଇଇ ଭିଜିଲାନ୍ସ), ଇଂ ପ୍ରଦୀପ ଦାଶ (ଏଇଇ ଅସୁରାଳି), ଇଂ ଗୌରଗୋପାଳ ମହାନ୍ତି (ଏଇଇ ଅର୍ଣ୍ଣପାଳ), ଇଂ ସ୍ୱାଗତ ବେହେରା (ଏସସିଓ ଅର୍ଣ୍ଣପାଳ), ଇଂ ସହେଜାଦ ଆଲାମ୍, ଇଂ ଅମୋଲ ଏମ ଫ୍ୟୁଜ, ଇଂ ଦିନେଶ ୱାଦାଗାଁଓକର, ଇଂ ନଫିସ ହାଇଦର, ଇଂ ଅଭିଷେକ ମିଶ୍ର, ଇଂ ରାମରଞ୍ଜନ ଦାସ ଉପସ୍ଥିତ ଥିଲେ । ପାଖାପାଖି ୧୦ଟି ଗାଡ଼ିରେ ୧୦୦ ଇଞ୍ଜିନିୟର ପ୍ରମୁଖ ଉପସ୍ଥିତ ଥିଲେ । ସାତଭଉଣିଠାରୁ ଚଢ଼ାଉ ଆରମ୍ଭ ହୋଇଥିଲା ।

## ରାଜପଥରେ ବାଲି ଗଦା

ବାରିକପୁର, ୧୮ ।୧୨(ସମିସ): ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର କହରାପୋଖରୀ ନିକଟରେ ଦୀର୍ଘ ଦିନ ହେବ ବାଲି ଗଦା ହୋଇଛି । ନିର୍ମାଣାଧୀନ ବସଷ୍ଟାଣ୍ଡ ନିକଟସ୍ଥ ରାଜପଥକୁ ସଂଯୋଗ କରୁଥିବା ବାଇପାସ୍ ରାସ୍ତାରେ ଏହି ବାଲି ରହିଛି । ଦିନକୁ ଦିନ ବାଇପାସ୍ ରାସ୍ତା ସହିତ ରାଜପଥ ଭିତରକୁ ଏହି ବାଲି ଗଦା ପ୍ରସାରିତ ହେଉଛି । ସ୍ଥାନୀୟ ଲୋକମାନେ ଘୋର ଅସୁବିଧା ଭୋଗ କରୁଛନ୍ତି । ଏପରିକି ରାଜପଥରେ ଯାଉଥିବା ଯାନବାହାନଗୁଡିକ ମଧ୍ୟ ଏକ ଅପ୍ରୀତିକର ପରିସ୍ଥିତିର ସାମ୍ନା କରୁଛନ୍ତି । ନିକଟରେ ଏକ ହୋଟେଲ ଓ ଗ୍ୟାରେଜ ରହିଥିବା କାରଣରୁ ସେଠି ଗାଡିଗୁଡ଼ିକ ପାର୍କିଂ କରୁଥିବା ବେଳେ ଦୁର୍ଘଟଣାର ମଧ୍ୟ ଅନେକ ସମ୍ଭାବନା ରହିଛି । ବାଲି କିଏ ରଖିଛି ତାହା ଜଣାପଡ଼ି ନଥôଲେ ସୁଦ୍ଧା ବେଆଇନ ଭାବେ ଗଚ୍ଛିତ ହୋଇ ରହିଥିବା ଲଘୁ ଖଣିଜ ସମ୍ପଦକୁ ସ୍ଥାନାନ୍ତର ପାଇଁ ଦାବି ହୋଇଛି ।

## ଆଦର୍ଶ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ



ଧାମନଗର, ୧୮ ।୧୨(ସମିସ): ଧାମନଗର ଏନଏସି ଅନ୍ତର୍ଗତ ଶ୍ୟାମପୁରସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦଯାପିତ ହୋଇଯାଇଛି । ବୁଧବାର ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷା ତନଭୀର ଆବିଦଙ୍କ ଅଧ୍ୟକ୍ଷତାରେ ଦୁଇ ଦିନର କ୍ରୀଡ଼ା ଉତ୍ସବ ଉଦଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଧାମନଗର ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ଭୀମସେନ ହୋ, ବରେଣ୍ୟ ଅତିଥି ଭାବେ ସତ୍ୟ ସୁନ୍ଦର ପରିଡ଼ା ଓ ଧାମନଗର ଥାନାର ଏସ୍ ଆଇ ପ୍ରଦୀପ ନାୟକ ପ୍ରମୁଖ ଯୋଗ ଦେଇଥିଲେ । ଖେଳ ଶିକ୍ଷକ ଅନିତା ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉତ୍ସବକୁ ଶିକ୍ଷକ-ଶିକ୍ଷୟିତ୍ରୀ ଘନଶ୍ୟାମ ମହାକୁଡ଼, ଅରୁଣ ବାରିକ, ସେକ ସଦାବ କାଦରୀ, ଚନ୍ଦ୍ରକାନ୍ତ ପରିଡ଼ା, ସ୍ନେହଲତା ବାରିକ, ସାଗରିକା ସେଠୀ, ମମତାରାଣୀ ସାମଲ, ଆଭାସ ସାମଲ, ସିପୁ ସାହୁ ପ୍ରମୁଖ ସହଯୋଗ କରିଥିଲେ ।

## ପାରା କ୍ରୀଡ଼ାବିତ୍‌ଙ୍କ ଚୟନ ଶିବିର

ଯାଜପୁର, ୧୮ ।୧୨(ସମିସ): ଯାଜପୁର ଜିଲ୍ଲାର ଦିବ୍ୟାଙ୍ଗ କ୍ରୀଡ଼ାବିତଙ୍କ ବିଭିନ୍ନ ଖେଳର ବିକାଶ ନିମିତ୍ତ ଯାଜପୁର ପାରା ସ୍ପୋର୍ଟ୍ସ ଆସୋସିଏସନ ପକ୍ଷରୁ ଜିଲ୍ଲା ପ୍ରଶାସନ ସହଯୋଗରେ ବିଜୁ ପଟ୍ଟନାୟକ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଦିନିକିଆ ପ୍ରତିଯୋଗିତାମୂଳକ ଚୟନ ଶିବିର ଆୟୋଜିତ ହୋଇଯାଇଛି । ଆସୋସିଏସନ ସଭାପତି ମଣ୍ଟୁ ଦାସଙ୍କ ଅଧ୍ୟକ୍ଷତାରେ ପଦ୍ମଶ୍ରୀ ପାରା ବ୍ୟାଡମିଣ୍ଟନ ଖେଳାଳି ତଥା ପଦ୍ମଶ୍ରୀ ପ୍ରମୋଦ ଭଗତ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ଆନ୍ତର୍ଜାତିକ ପାରା କ୍ରୀଡ଼ାବିତ ପ୍ରଫୁଲ୍ଲ ଖଣ୍ଡତରାୟ, ଜାତୀୟ ପାରା ଖେଳାଳି ମଧୁମଞ୍ଜରୀ ଧଳ, ଆନ୍ତର୍ଜାତିକ ପାରା ଖେଳାଳି ପ୍ରଭାକର ବେହେରା ଯୋଗଦେଇ ଶିବିରକୁ ଉଦଘାଟନ କରିବା ସହ ଦିବ୍ୟାଙ୍ଗ କ୍ରୀଡ଼ାବିତଙ୍କୁ ଉତ୍ସାହିତ କରିଥିଲେ । ଆଜିର କାର୍ଯ୍ୟକ୍ରମକୁ ଆସୋସିଏସନ ସମ୍ପାଦକ ତଥା ଆନ୍ତର୍ଜାତିକ ପାରା ଖେଳାଳି ଦେବାମୃତ ସାହୁ ପରିଚାଳନା କରିଥିଲେ । ଆଜିର ଚୟନ ଶିବିରରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ପଚାଶରୁ ଅଧିକ ଦିବ୍ୟାଙ୍ଗ କ୍ରୀଡାବିତ ଯୋଗଦାନ କରି ଦୌଡକୁଦ, ବିଭିନ୍ନ ଖେଳରେ ଭାଗ ନେଇଥିଲେ । ଆଜିର କାର୍ଯ୍ୟକ୍ରମରେ ଜାତୀୟସ୍ତର ପାରା ଖେଳାଳୀ ସତ୍ୟରଞ୍ଜନ ଜେନା, ଜ୍ଞାନରଞ୍ଜନ ସାହୁ, ଶ୍ରୀଧର ଦାସ, ଶିଶୁ କ୍ରିକେଟର ନାସିରୁଦ୍ଦିନ ଖାନ, ସତ୍ୟବ୍ରତ ସାହୁ ପ୍ରକାଶ ଚନ୍ଦ୍ର ସାହୁ ପ୍ରମୁଖ ସହଯୋଗ କରିଥିଲେ ।



## ସୂର୍ଯ୍ୟପୁର ଉଚ୍ଚପ୍ରାଥମିକ ବିଦ୍ୟାଳୟ କ୍ରୀଡ଼ା



ଅସୁରାଳି, ୧୮ ।୧୨(ସମିସ): ସୂର୍ଯ୍ୟପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଦୁଇ ଧରି ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଛି । ୧୦୦ ମିଟର ଦୌଡ଼, ଉଚ୍ଚଡ଼ିଆଁ, ଲମ୍ବଡ଼ିଆଁ, ସଟ୍ ପୁଟ୍, ଧୀର ସାଇକେଲ ଚାଳନା, ମ୍ୟୁଜିକ୍ ଚେୟାର, ସ୍କିପିଂ, ଅଙ୍କ ଦୌଡ଼, ଆଳୁ ଚାମଚ୍ ଦୌଡ଼, ବଲ୍ ଫିଙ୍ଗା, ବେଙ୍ଗ ଡ଼ିଆଁରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି । ଏହି ବାର୍ଷିକ କ୍ରୀଡା କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅନ୍ନପୂର୍ଣ୍ଣା ତରାଇ, ଶିକ୍ଷୟିତ୍ରୀ ପାର୍ବତୀମଣି ଦାସ, ସସ୍ମିତା ମାଝୀ, ଶିକ୍ଷକ ରଘୁନାଥ ସ୍ୱାଇଁ, ତୃପ୍ତିରଞ୍ଜନ ବିଶ୍ୱାଳ, ବିକାଶ ନାୟକ, ଅତିଥି ଶିକ୍ଷକ ନରେନ୍ଦ୍ର ସ୍ୱାଇଁ, ନିରୋଦ ବେହେରା, ବିଦ୍ୟାଳୟ କମିଟି ସଭାପତି ଚିନ୍ମୟୀ ପରିଡ଼ା, ସଦସ୍ୟ ଶୁଚିସ୍ମିତା ଜେନା, ସୁଜାତା ବଳ, ପ୍ରଭାତୀ ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

# ନୀଳାଚଳ କାରଖାନା ଜନଶୁଣାଣିକୁ କଂଗ୍ରେସର ବିରୋଧ

ଦାନଗଦି, ୧୮ ।୧୨(ସମିସ)




ଆସନ୍ତା ୨୦ ତାରିଖରେ ନୀଳାଚଳ କାରଖାନା ସମ୍ପ୍ରସାରଣ ପାଇଁ ହେଉଥିବା ପରିବେଶ ମଞ୍ଜୁରୀ ଜନଶୁଣାଣିକୁ ବିରୋଧ କରିବ ବୋଲି ଆଜି ଅପରାହ୍ନରେ ଏକ ସାମ୍ବାଦିକ ସମ୍ମିଳନୀରେ ସୁକିନ୍ଦା କଂଗ୍ରେସ ପକ୍ଷରୁ ସୂଚନା ଦିଆଯାଇଛି । ଦାନଗଦି କଂଗ୍ରେସ ଅଫିସରେ ବିଧାୟକ ପ୍ରାର୍ଥୀ ବିଭୁଭୂଷଣ ରାଉତ ଟାଟା ଅଧିଗ୍ରହଣ ପରେ ନୀଳାଚଳ କାରଖାନା ପାଇଁ ବିଭିନ୍ନ ସମସ୍ୟା ଓ ଆନ୍ଦୋଳନ ମୁଣ୍ଡ ଟେକିଛି । କଂଗ୍ରେସ ପକ୍ଷରୁ ୭ଟି ଦାବି ଉପସ୍ଥାପନ କରି ବିରୋଧ କରାଯାଇଛି । ପ୍ରଥମତଃ ନୀଳାଚଳ ଇସ୍ପାତ ନିଗମ ପାଇଁ ବିସ୍ଥାପିତ ପରିବାରର ସମସ୍ୟା ଅବିଳମ୍ବେ ଦୂର କରାଯାଉ, ପଲ୍ଲୀ ଅଞ୍ଚଳର ଜୀବନରେଖା ଗଣ୍ଡାନାଳକୁ ନୀଳାଚଳ ଇସ୍ପାତ ନିଗମ ଲିମିଟେଡ଼ର ବର୍ଜ୍ୟବସ୍ତୁ ଛଡ଼ା ନ ଯାଉ, ନୀଳାଚଳ ଇସ୍ପାତ ନିଗମର ସମ୍ପ୍ରସାରଣ ପାଇଁ ପରିବେଶ ମଞ୍ଜୁରୀ ନିର୍ମିତ ଜନଶୁଣାଣି କରିବା ପୂର୍ବରୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅଧିକାରୀ କାରଖାନା ଚତୁପାର୍ଶ୍ୱରେ ଅବସ୍ଥିତ ଗ୍ରାମ ପରିଦର୍ଶନ କରି ପରିବେଶଜନିତ ସମସ୍ୟାକୁ ଉପଲବ୍ଧି କରି ପଦକ୍ଷେପ ନେବା, ପ୍ରଦୂଷଣଜନିତ ବିଭିନ୍ନ ଦୁରାରୋଗ୍ୟରେ ଆକ୍ରାନ୍ତ ହେଉଥିବା ଜନସାଧାରଣଙ୍କ ଆରୋଗ୍ୟ ପାଇଁ ସ୍ଥାନୀୟ ଅଞ୍ଚଳରେ ଏକ ସୁପର ସ୍ପେସିଆଲିଷ୍ଟ ଡାକ୍ତରଖାନା ନିର୍ମାଣ କରାଯିବା, ସେପର୍ଯ୍ୟନ୍ତ ଗୋବରଘାଟୀରେ ପ୍ରତିଷ୍ଠିତ ଟାଟା ମେଡିକା ହସ୍ପିଟାଲରେ ସ୍ଥାନୀୟ ଜନସାଧାରଣଙ୍କୁ ମାଗଣା ସ୍ୱାସ୍ଥ୍ୟସେବା ଯୋଗାଇ ଦେବା, ସ୍ଥାନୀୟ ବେକାର ଯୁବକ/ଯୁବତୀଙ୍କୁ ଯୋଗ୍ୟତା ଅନୁଯାୟୀ ଅଗ୍ରାଧିକାର ଭିତ୍ତିରେ ନିଯୁକ୍ତି ପ୍ରଦାନ, ଅଗ୍ରାଧିକାର ଭିତ୍ତିରେ ସ୍ଥାନୀୟ ଅଧିବାସୀଙ୍କୁ ନୀଳାଚଳ ଇସ୍ପାତ ନିଗମ କାରଖାନାରେ ଠିକା କାମ ଓ ସ୍ଥାୟୀ ଭାବେ ନିୟମିତ ଆନୁସାଙ୍ଗିକ କାର୍ଯ୍ୟ କରିବା ପାଇଁ ସୁଯୋଗ ଦେବା, କଳିଙ୍ଗନଗର ଟାଟା କମ୍ପାନୀ ଅଧୀନରେ ଥିବା ଶିଳ୍ପ ସଂସ୍ଥାରେ ଯେଉଁ କାମ ସ୍ଥାନୀୟ ଲୋକଙ୍କ ଦ୍ୱାରା କରିବା ସମ୍ଭବ ସେଥିପାଇଁ ବାହାର ଠିକା ସଂସ୍ଥାକୁ କାମ ନ ଦିଆଯାଇ ସ୍ଥାନୀୟ ଲୋକଙ୍କୁ ଦିଆଯିବାକୁ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି । ଏହି ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସର ରଣଜିତ ରାଜ, ମହେନ୍ଦ୍ର ଦାସ, ସୁକୁମାର ଦେଓ, ଦୟାନିଧି ପଲେଇ, ପୁଷ୍ପଲତା ପାତ୍ର, ଉମାକାନ୍ତ ଜେନାମଣୀ ପ୍ରମୁଖ ଉପସ୍ଥିତ ଥିଲେ ।

● ରଂ ନମ୍ବର୍‌ରୁ ପ୍ରେମ, ପରେ ବିବାହ, ଧୋକା

# ପୁଅଝିଅଙ୍କୁ ଫେରି ପାଇବାକୁ ମା'ର ନିବେଦନ



ଦୋବଲ, ୧୮ ।୧୨(ସମିସ): ରଂ ନମ୍ବର୍‌ରୁ ପ୍ରେମ, ତା'ପରେ ପ୍ରେମ ବିବାହ.. ପୁଣି ଆରମ୍ଭ ହୁଏ ନିର୍ଯାତନା । ସ୍ୱାମୀ ପୁଣି ଅନ୍ୟ ଆଡ଼େ ଜଣେ ମହିଳାଙ୍କୁ ବିବାହ କରି ନିର୍ଯାତନା ଦିଅନ୍ତି ପ୍ରଥମ ସ୍ତ୍ରୀକୁ । ଧାମନଗର ଥାନାଞ୍ଚଳରେ ଏଭଳି ଏକ ଘଟଣା ଚର୍ଚ୍ଚାକୁ ଆସିଛି । ୨୦୧୪ରେ ବଅରପାଳ ଅଞ୍ଚଳର ସିଲି ଅମାନ୍ତ (୩୨) ଧାମନଗର ଥାନା ଅନ୍ତର୍ଗତ ଖଡ଼ିପଦା ପଞ୍ଚାୟତ ଦକ୍ଷିଣକୁରୁଆ ଗ୍ରାମର ଅନନ୍ତ ଜେନାଙ୍କୁ ପ୍ରେମ ବିବାହ କରିଥିଲେ । ମିସକଲରୁ ଆରମ୍ଭ ହୋଇଥିବା ପ୍ରେମ ସମ୍ପର୍କ ବିବାହରେ ଯୋଡ଼ି ହୋଇଥିଲା । ମାତ୍ର ସଂଯୁକ୍ତା ଦାସ ନାମ୍ନୀ ମହିଳାଙ୍କ ସହ ଅନନ୍ତଙ୍କ ଅନୈତିକ ସମ୍ପର୍କ ପରେ ଆରମ୍ଭ ହୋଇଥିଲା ଅଶାନ୍ତିର ଝଡ଼ । ପରେ ସିଲିଙ୍କ ଉପରେ ହୋଇଥିଲା ଶାରୀରିକ ନିର୍ଯାତନା । ଯାହାକୁ ନେଇ ଥାନାର ଦ୍ୱାରସ୍ଥ ହୋଇଥିଲେ ସିଲି । ଧାମନଗର ଥାନାରେ ମାମଲା ରୁଜୁ ହୋଇଥିବା ବେଳେ ଅନନ୍ତଙ୍କୁ କୋର୍ଟ ଚାଲାଣ କରିଥିଲା ପୁଲିସ । ଜେଲ୍‌ରୁ ବେଲ୍‌ରେ ମୁକୁଳିବା ପରେ ଅନନ୍ତ ସେହି ରାଗରେ ବାରମ୍ବାର ସିଲିକୁ ନିର୍ଯାତନା ଦେଇ ଆସୁଥିଲେ । ବାଧ୍ୟ ହୋଇ ନିଜର ଚାରି ବର୍ଷର ପୁଅକୁ ନେଇ ସିଲି ବାପ ଘରେ ରହୁଥିଲେ । ୯ ବର୍ଷର ଝିଅ ବାପାଙ୍କ ନିକଟରେ ରହୁଥିଲା । ଚାରିଦିନ ତଳେ ସିଲି ନିଜର ପୁଅକୁ ଧରି ଶାଶୂ ଘର କିଛି ଦରକାରୀ କାଗଜପତ୍ର ଆଣିବାକୁ ଯାଇଥିବା ବେଳେ ୪ ବର୍ଷର ପୁଅକୁ ଜବରଦସ୍ତ ଛଡ଼ା ନେଇ ଲୁଚାଇଦେଲେ ଏବଂ ମାଡ ଗାଳି ଦେଲେ । ଏ ନେଇ ଧାମନଗର ଥାନାରେ ଲିଖିତ ଅଭିଯୋଗ ପରେ ଥାନା ଆଇଆଇସି ଫଣିନ୍ଦ୍ର ଭୂଷଣ ନାଏକ ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ କରୁଛନ୍ତି । ମାତ୍ର ଘଟଣାକୁ ୪ ଦିନ ପୁରିବାକୁ ବସିଥିବା ବେଳେ ପୁଅଝିଅଙ୍କୁ ଫେରାଇ ଦେବାକୁ ଥାନାବାବୁଙ୍କୁ ନିବେଦନ କରିଛନ୍ତି ସିଲି । ପୁଲିସ ଘଟଣାର ଅନୁସନ୍ଧାନ ଜାରି ରଖିଛି ।

